ବର୍ଷ-୨୪, ସଂଖ୍ୟା-୨୩୯
ଭୁବନେଶ୍ୱର
୨୯ ସେପ୍ଟେମ୍ବର, ୨୦୨୪ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

# ମହାଭାରତ

Vol.-24, Issue No. 239
Bhubaneswar
29September, 2024, Sunday
Page-08, Rs.: 2.00

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ନର୍ସିଂ ଆନ୍ଦୋଳନ ପ୍ରତ୍ୟାହୃତ

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଆଲୋଚନା ସଫଳ

**ଭୁବନେଶ୍ୱର,୨୮।୯(ମହାଭାରତ):** ରାଜ୍ୟରେ ୪ ଦିନ ଧରି ଚାଲିଥିବା ନର୍ସିଂ ଅଫିସରଙ୍କ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି । ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି । ଏନେଇ ସୂଚନା ଦେଇଛନ୍ତି ନର୍ସିଂ ସଂଘ ସାଧାରଣ ସଂପାଦକ ଆଜିଠାରୁ ନର୍ସିଂ ଅଫିସରମାନେ କାମକୁ ଫେରିବେ ବୋଲି ଜଣାପଡ଼ିଛି ।



ଗଣମାଧ୍ୟମକୁ ସୂଚନା ଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ଯେ, ନର୍ସିଂ କର୍ମଚାରୀମାନଙ୍କ ସହ ଆଲୋଚନା ସକରାତ୍ମକ ଓ ଫଳପ୍ରଦ ରହିଛି । ସେମାନେ ଆଜିଠୁ ଆନ୍ଦୋଳନରୁ ଓହରି କାମରେ ଯୋଗ ଦେବାକୁ ଅନୁରୋଧ କରାଯାଇଥିଲା, ଯାହାକୁ ସେମାନେ ମାନି ନେଇଛନ୍ତି । ସେମାନଙ୍କର ଦାବି ଉପରେ ତର୍ଜମା ପାଇଁ ଅନ୍ତବିଭାଗୀୟ କମିଟି ଗଠନ ହୋଇଛି ବୋଲି ସେ କହିଛନ୍ତି ।ଅନ୍ୟପକ୍ଷରେ ନର୍ସିଂ କର୍ମଚାରୀ ସଂଘର ସମ୍ପାଦକ ଅଶ୍ୱିନୀ କୁମାର ଦାସ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ସ୍ୱାସ୍ଥ୍ୟ ମନ୍ତ୍ରୀ ଓ ସ୍ୱାସ୍ଥ୍ୟ ସଚିବଙ୍କ ସହ ଆଜି ହୋଇଥିବା ଆଲୋଚନା ଫଳପ୍ରଦ ରହିଛି । ନର୍ସିଂ କର୍ମଚାରୀମାନଙ୍କର ସମସ୍ତ ୧୦ଦଫା ଦାବି ପ୍ରତି ସ୍ୱାସ୍ଥ୍ୟମନ୍ତ୍ରୀ ଅବଗତ ଅଛନ୍ତି । ଆମେ ମଧ୍ୟ ତାର ଯଥାର୍ଥ କାରଣ ଦେଇଛୁ । ସରକାର ସେସବୁ ପ୍ରତି ଅବଗତ ଅଛନ୍ତି ଓ ତାକୁ ଅନ୍ତବିଭାଗୀୟ କମିଟି ଦ୍ୱାରା ତର୍ଜମା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି । ନର୍ସିଂ କର୍ମଚାରୀମାନେ ରୋଗୀ ସେବାକୁ ଫେରିଲେ । ଯେତେଶୀଘ୍ର ସମ୍ଭବ ଦାବିଗୁଡ଼ିକ ଉପରେ ସରକାର ବିଚାର କରିବେ । ଯେହେତୁ କାର୍ଯ୍ୟବନ୍ଦ ଆନ୍ଦୋଳନ ନିଷ୍ପତ୍ତି ସଂଘର ସାଧାରଣ ପରିଷଦ ନେଇଥିଲା, ତେଣୁ ଆନ୍ଦୋଳନ ପ୍ରତ୍ୟାହାର ପାଇଁ ଏବେ ଜରୁରୀ ବୈଠକ ଡକାଯାଇଛି । ରାଜ୍ୟ ଓ ଜିଲ୍ଲାସ୍ତରର କର୍ମକର୍ତ୍ତାଙ୍କ ମତାମତ ନିଆଯିବ । ଦାବି ପୂରଣ ନିମନ୍ତେ ସରକାରଙ୍କୁ ସମୟ ଦିଆଯିବ । ଆମେ ଆଜି ଯାହା ଆଲୋଚନା ହେଲା ତାହା ସମସ୍ତଙ୍କୁ ଅବଗତ କରି ଆଜି ରାତି ସୁଦ୍ଧା ଚୂଡ଼ାନ୍ତ ନିଷ୍ପତ୍ତି ନେବୁ ବୋଲି କହିଛନ୍ତି ।ନର୍ସିଂ କର୍ମଚାରୀ ସଂଘ ଓ ସ୍ୱାସ୍ଥ୍ୟ ସଚିବ ଏସ୍ ଅଶ୍ୱଥିଙ୍କ ମଧ୍ୟରେ ଆଲୋଚନା ବିଫଳ ହେବାପରେ ସରକାର ଅନ୍ତବିଭାଗୀୟ କମିଟି ଗଠନ କରିଥିଲେ । ମାତ୍ର ସେମାନଙ୍କ ୧୦ଦଫା ଦାବି ପୂରଣ ପାଇଁ ନର୍ସିଂ କର୍ମଚାରୀମାନେ ଦୁଇଦିନ ଧରି ରାଜ୍ୟବ୍ୟାପୀ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଥିଲେ । ସରକାର ସେମାନଙ୍କ ବିରୁଦ୍ଧରେ ଏସମା ଲାଗୁ କରିଥିଲେ ମଧ୍ୟ ଆନ୍ଦୋଳନରୁ ଓହରି ନଥିଲେ ।

# ମାଓ ମୁକାବିଲାରେ ଓଡିଶା ପୋଲିସ ସଫଳ

ଭୁବନେଶ୍ୱର,୨୮।୯(ମାଭାରତ): ମାଓବାଦୀ ମୁକାବିଲା କ୍ଷେତ୍ରରେ ଓଡିଶା ପୋଲିସ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ରାଜ୍ୟ ପୋଲିସ ଏବଂ କେନ୍ଦ୍ରୀୟ ସୁରକ୍ଷା ବଳର ମିଳିତ ସହାୟତାରେ ଓଡିଶାକୁ ମାଓ ହିଂସା କବଳରୁ ମୁକ୍ତ କରାଯାଇ ପାରିଛି । ଏବେ ମଧ୍ୟ କିଛି ଜିଲ୍ଲାରେ ମାଓବାଦୀମାନଙ୍କର ଗତିବିଧି ସ୍ୱତନ୍ତ୍ର ରୋଡ଼ ମ୍ୟାପ ପ୍ରସ୍ତୁତ କରାଯାଇଛି ଏବଂ ମାଓବାଦୀଙ୍କ ପ୍ରତିଟି କାର୍ଯ୍ୟକଳାପ ଉପରେ ସ୍ୱତନ୍ତ୍ର ନଜର ରଖାଯାଇଛି ବୋଲି ଅତିରିକ୍ତ ଆରକ୍ଷୀ ନିର୍ଦ୍ଦେଶକ(ଅପରେସନ) ଏସ ଦେବଦତ୍ତ ସିଂ କହିଛନ୍ତି ।

ଏହି ସମ୍ମିଳନୀରେ ଗ୍ରାମ୍ୟ ଉନ୍ନୟନ ବିଭାଗର



ଲକ୍ଷ୍ୟକରାଯାଉଛି । ସମ୍ପୃକ୍ତ ଜିଲ୍ଲା ଗୁଡିକରେ ତୃଣମୂଳ ସ୍ତରରେ ଉଭୟ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକ ମିଳିତ ଭାବେ କାର୍ଯ୍ୟ କଲେ ଏହି ସମସ୍ୟାକୁ ପ୍ରତିହତ କରାଯାଇ ପାରିବ ।ଆଗାମୀ ଦିନରେ ରାଜ୍ୟରେ ମାଓବାଦୀ କାର୍ଯ୍ୟକଳାପକୁ ସମ୍ପୂର୍ଣ୍ଣ ମୂଳୋତ୍ପାଟନ କରାଯିବ ବୋଲି ଆଜି ସ୍ଥାନୀୟ କନଭେନସନ ହଲରେ ଆୟୋଜିତ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ସମ୍ମିଳନୀରେ ଡିଜିପି ଯୋଗେଶ ବାହାଦୂର ଖୁରାନିଆ ପ୍ରକାଶ କରିଛନ୍ତି ।ମାଓ ଉପଦ୍ରୁତ ଅଂଚଳର ଉନ୍ନତି ପାଇଁ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ବକ୍ତବ୍ୟ ରଖି, ସାଧାରଣତଃ ଯେଉଁଠାରେ ସରକାରୀ ଯୋଜନା ପହଂଚି ପାରି ନଥାଏ, ସେଠାରେ ମାଓ ସମସ୍ୟା ଉପୁଜିବାର ଆଶଙ୍କା ରହିଥାଏ । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମାଓ ଉପଦ୍ରୁତ ଅଂଚଳରେ ଗମନା ଗମନ ବ୍ୟବସ୍ଥାର ସୁଦୃଢ଼ୀକରଣ ପାଇଁ ବ୍ୟାପକ ଯୋଜନା କାର୍ଯ୍ୟକାରୀ କରାଯାଇଛି । ମାଓ ଉପଦ୍ରୁତ ଜିଲ୍ଲା ଏବଂ ସଂଯୋଗବିହୀନ ଅଂଚଳ ନିମନ୍ତେ (ପୃଷ୍ଠା-୭)

# ୨ ଦିନିଆ ଝାଡ଼ଖଣ୍ଡ ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୮।୯(ମହାଭାରତ): ଦୁଇ ଦିନଅ । ଝାଡ଼ଖଣ୍ଡ ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ସେପ୍ଟେମ୍ବର ୩୦ ତାରିଖରେ ମୁଖ୍ୟମନ୍ତ୍ରୀ ଝାଡ଼ଖଣ୍ଡ ଯିବାର କାର୍ଯ୍ୟକ୍ରମ ରହିଛି । ମୁଖ୍ୟମନ୍ତ୍ରୀ ୩୦ ତାରିଖରେ ଝାଡ଼ଖଣ୍ଡ ପହଞ୍ଚିବା ପରେ ପଶ୍ଚିମ ସିଂହଭୂମର ଜଗନ୍ନାଥପୁର ଯିବେ ସେଠାରେ ପ୍ରାକ୍ ନିର୍ବାଚନୀ ରାଲିରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

ସେହିପରି ୧ ତାରିଖରେ ଝାଡ଼ଖଣ୍ଡର ଚାଇଁବାସାର କୋଲ୍ହାନ୍ ଯିବେ ମୁଖ୍ୟମନ୍ତ୍ରୀ ସେଠାରେ ବିଜେପିର ପରିବର୍ତ୍ତନ ଯାତ୍ରାରେ ସାମିଲ ହେବେ । ପଶ୍ଚିମ ସିଂହଭୂମ ଓ ଚାଇଁବାସାର କୋଲରେ ସଂଖ୍ୟାଧିକ ଓଡ଼ିଆ । ଭାଷାଭାଷୀ ଲୋକ ବସବାସ କରନ୍ତି । ସେଠାରେ ମୁଖ୍ୟମନ୍ତ୍ରୀ ନିର୍ବାଚନ ପ୍ରଚାର କରିବାର କାର୍ଯ୍ୟକ୍ରମ ରହିଛି ।

# ତୀର୍ଥଯାତ୍ରୀ ବସ୍ ଓଲଟି ୪ ମୃତ

**ଜଳେଶ୍ୱର,୨୮।୯(ମହାଭାରତ):** ୨୦ ଫୁଟ ତଳକୁ ଖସିଲା ତୀର୍ଥଯାତ୍ରୀ ବସ୍ । ୪ ମୃତ, ୧୬ ଜଣଙ୍କ ଅବସ୍ଥା ସଂକଟାପନ୍ନ, ୨୩ରୁ ଅଧିକ ଯାତ୍ରୀ ଆହତ । କ୍ରିଷ୍ଣା ନାମକ ଘରୋଇ ବସ୍ ୫୭ ଜଣ ଯାତ୍ରୀଙ୍କୁ ନେଇ ଉତ୍ତର ପ୍ରଦେଶରୁ ପୁରୀ ଆସୁଥିବା ବେଳେ ଏନ୍ଏଚ୍-୧୬ ଚାଲନ୍ତି ବାଇପାସ୍ ଛକ ନିକଟରେ ଦୁର୍ଘଟଣା ।

ଗତକାଲି ବିଳମ୍ବିତ ରାତିରେ କ୍ରିଷ୍ଣା ନାମକ ଘରୋଇ ବସ୍ ୫୭ ଜଣ ଯାତ୍ରୀଙ୍କୁ ନେଇ ଉତ୍ତର ପ୍ରଦେଶରୁ ପୁରୀ ଆସୁଥିବା ବେଳେ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଏନ୍ଏଚ୍-୧୬ ଚାଲନ୍ତି ବାଇପାସ୍ ଛକ ନିକଟରେ ବସଟି ଭାରସାମ୍ୟ ହରାଇ ଜାତୀୟ ରାଜପଥରୁ ୨୦ ଫୁଟ ତଳକୁ ଓଲଟି ପଡିଥିଲା । ଖବର ପାଇ ଘଟଣାସ୍ଥଳରେ ପୋଲିସ ଏବଂ ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ । ଘଟଣାସ୍ଥଳରେ ୪ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟମାନଙ୍କୁ ସଙ୍ଗେ ସଙ୍ଗେ ଉଦ୍ଧାର କରି ପ୍ରଥମେ ଜଳେଶ୍ୱର ମେଡିକାଲରେ ଭର୍ତ୍ତି କରାଯାଇଥିଲା ।

# ୭ ପ୍ରସ୍ତାବରେ ବାଜିଲା କ୍ୟାବିନେଟ୍ ମୋହର

## ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ୧୪୨୩ କୋଟି ବ୍ୟୟ ବରାଦ

## ଡିଲରମାନଙ୍କ ନିଯୁକ୍ତି ପ୍ରକ୍ରିୟା ଆଉ ଦେଢ଼ବର୍ଷ ବଢ଼ିଲା

## ଏଜିଙ୍କ ଫି ସଂଶୋଧନ ପ୍ରସ୍ତାବକୁ ମଞ୍ଜୁରୀ

**ଭୁବନେଶ୍ୱର,୨୮।୯(ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟର ବୈଠକରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ସମେତ ୭ ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଛି । ବୈଠକ ପରେ ରାଜ୍ୟର ଆଇନ ମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନ ସାମ୍ବାଦିକ ମାନଙ୍କୁ ଏହି ସୂଚନା ଦେଇଛନ୍ତି ।

ସେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଗୋପାଳନ, ଦୁଗ୍ଧ ଉତ୍ପାଦନକୁ ଗୁରୁତ୍ୱ ଦିଆଯିବ । ଗୋପାଳନ, ସୁରକ୍ଷା, ଦୁଗ୍ଧ ଉପାଦାନକୁ ଜାତୀୟ ସ୍ତରରେ ପହଁଚାଇବା, ମଇଁଷି ପାଳନ, ଗୋ ସମ୍ପଦ ବୀମା କରାଯିବ । ଗୋସମ୍ପଦ ବୀମାରେ ୮୫% ସରକାର ଦେବେ ଓ ୧୫% ଚାଷୀ ଦେବେ । ଓମ୍‌ଫେଡ୍‌କୁ ସଶକ୍ତ ପାଇଁ ସହାୟତା, ଫଡର ଚାଷ ପାଇଁ ଇନ୍‌ସେନଟିଭ ଦିଆଯିବ । ଆଗାମୀ ୫ ବର୍ଷରେ ୧୪୨୩ କୋଟି ଟଙ୍କାର ସହାୟତା ରାଶିକୁ ମଞ୍ଜୁରୀ ଦିଆଯାଇଛି । ଏହି ଯୋଜନାରେ ଦୁଗ୍ଧ ଉତ୍ପାଦନକୁ ବୃଦ୍ଧି କରିବା ସହ ୧୫ଲକ୍ଷ ୪୭ହଜାର ୮୩୭ଜଣ ଗୋପାଳକଙ୍କ ଆୟ ବୃଦ୍ଧିକୁ ତ୍ୱରାନ୍ୱିତ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ଏଥିରେ ମଇଁଷି ପାଳନ ପାଇଁ ୬୩୩୭ଜଣ ଚାଷୀଙ୍କୁ ୧୧୦.୨୩କୋଟି ଟଙ୍କାର ସହାୟତା ଯୋଗାଇ ଦିଆଯିବ । ଗୋପାଳନ ଯୋଜନାରେ ୩୧୫୦୦ ଚାଷୀଙ୍କୁ ଦୃଷ୍ଟିରେ ରଖି ୪୭୬କୋଟି ଟଙ୍କା, ଗୋସମ୍ପଦ ବୀମା ଯୋଜନାରେ ୩ଲକ୍ଷ ଚାଷୀଙ୍କ ପାଇଁ ୧୮୭.୪୨କୋଟି ଟଙ୍କା, ବାଛୁରୀ ପାଳନ ଯୋଜନାରେ ୭୫ହଜାର ଚାଷୀଙ୍କ ପାଇଁ ୨୧୬.୦୯କୋଟି ଟଙ୍କା, ଓମଫେଡକୁ ସହାୟତା ବାବଦରେ ୨୫.୫୨କୋଟି ଟଙ୍କା, କୃତ୍ରିମ ପ୍ରଜନନ ପାଇଁ ୪୧.୧୦କୋଟି ଟଙ୍କା, ତୃଣ ଉତ୍ପାଦନ ଓ ସରକାରୀ ତୃଣ ଉତ୍ପାଦନ ଫାର୍ମଗୁଡ଼ିକର ସୁଦୃଢ଼ୀକରଣ ପାଇଁ ୨୦୦.୬୮କୋଟି ଟଙ୍କା ବ୍ୟୟବରାଦ ହୋଇଛି । ଏହି ତୃଣ ଉତ୍ପାଦନ କ୍ଷେତ୍ରରେ ୫ବର୍ଷ ମଧ୍ୟରେ ୫ଲକ୍ଷ ଚାଷୀ ଉପକୃତ ହେବାକୁ ଲକ୍ଷ୍ୟ ରଖାଯାଇଛି ।



ଓଡ଼ିଶା ସାଧାରଣ ବଣ୍ଟନ ବ୍ୟବସ୍ଥା (ନିୟନ୍ତ୍ରଣ) ଆଦେଶ,୨୦୧୬ର ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଫଳରେ ଘରୋଇ ଡିଲରଙ୍କ ସ୍ଥାନରେ ଆନୁଷ୍ଠାନିକ ଡିଲରମାନଙ୍କ ନିଯୁକ୍ତି ପ୍ରକ୍ରିୟାକୁ ଆଉ ଦେଢ଼ବର୍ଷ ଅର୍ଥାତ ଆସନ୍ତା ୨୦୨୬ ମାର୍ଚ୍ଚ ୩୧ତାରିଖ ପର୍ଯ୍ୟନ୍ତ ବୃଦ୍ଧି ପାଇଛି । ଘରୋଇ ଡିଲରମାନଙ୍କ କାର୍ଯ୍ୟକାଳ ଚଳିତବର୍ଷ ସେପ୍ଟେମ୍ବର ୩୦ ତାରିଖରେ ଶେଷ ହେଉଛି । ସମସ୍ତ ଘରୋଇ ଡିଲାରଙ୍କୁ ଏକକାଳୀନ ଉଚ୍ଛେଦ କରିବାରେ ପ୍ରଶାସନିକ ଅସୁବିଧା ଓ ସାଧାରଣ ବଣ୍ଟନରେ ଅବ୍ୟବସ୍ଥାର ଆଶଙ୍କା ରହିଥିବାରୁ ସେମାନଙ୍କ କାର୍ଯ୍ୟକାଳ ଆସନ୍ତା ୨୦୨୬ ମାର୍ଚ୍ଚ ୩୧ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

ଓଡ଼ିଶାରେ ୨୦୧୫ ନଭେମ୍ବର ମାସରୁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ-୨୦୧୩ କାର୍ଯ୍ୟକାରୀ ହେଉଛି । ଏହି ଆଇନରେ ୬ମାସ ମଧ୍ୟରେ ଘରୋଇ ଡିଲର ବ୍ୟବସ୍ଥା ଉଚ୍ଛେଦ ପାଇଁ ପ୍ରାବଧାନ ଥିଲେ ମଧ୍ୟ ରାଜ୍ୟ ସରକାର ସେମାନଙ୍କ କାର୍ଯ୍ୟକାଳ ବାରମ୍ବାର ବଢ଼ାଇ ଚାଲିଛନ୍ତି । ରାଜ୍ୟ ସରକାର ଆଜି ଦେଢ଼ବର୍ଷ ପାଇଁ ବଢ଼ାଇ ଦେଇଛନ୍ତି । ରାଜ୍ୟରେ ସାଧାରଣ ବଂଟନ ବ୍ୟବସ୍ଥାରେ ମୋଟ ୧୧୯୩୧ଟି ସୁଲଭ ମୂଲ୍ୟ ଦୋକାନ ରହିଛି । ସେଥିରୁ ୫୨୯୧ଟି ଘରୋଇ ଡିଲରଙ୍କ ଦ୍ୱାରା ପରିଚାଳିତ ହେଉଛି । ଆନୁଷ୍ଠାନିକ ଖାଉଟି ଡିଲର କେନ୍ଦ୍ର ଯଥା-ପଂଚାୟତ ଦ୍ୱାରା ପରିଚାଳିତ ୪୦୨୮ଟି, ମହିଳା ଏସଏଚଜିଙ୍କ ଦ୍ୱାରା ୨୧୬୧ଟି, ଏସଏଚଜିଙ୍କ ଦବାରା ୧୬୧ଟି, ସେବା ସମବାୟ ସମିତି ଦ୍ୱାରା ୨୪୬ଟି ଓ ଅନ୍ୟାନ୍ୟ ସଂସ୍ଥା ଦ୍ୱାରା ୪୨ଟି ସୁଲଭ ମୂଲ୍ୟ ଦୋକାନ ପରିଚାଳିତ ହେଉଛି ।

ସେହିପରି ଓଡ଼ିଶା ହାଇକୋର୍ଟଙ୍କ ବାସଗୃହ ପାଇଁ କଟକର ସିଡିଏ ସେକ୍ଟର-୧୩ ର ୧୦ଏକର ପରିମିତ ଅଂଚଳରେ ୫୫୦ଟି ବାସଗୃହ ନିର୍ମାଣ ପାଇଁ ଆଇରନ୍ ଟ୍ରିଙ୍ଗାଲ ଲିଃ ନାମକ ଠିକା ସଂସ୍ଥାର ୨୨୦.୪୦କୋଟି ଟଙ୍କାର ଟର୍ଣ୍ଣକି ଟେଣ୍ଡରକୁ ରାଜ୍ୟ କ୍ୟାବିନେଟ୍ ଆଜି ଅନୁମୋଦନ କରିଛନ୍ତି । ଏହି ୫୫୦ଟି ବାସଗୃହ ମଧ୍ୟରେ ୨୦୦ଟି ଟାଇପ-ଡି ଓ ୩୫୦ଟି ଟାଇପ-ଇ କ୍ୱାର୍ଟର୍ସ ନିର୍ମାଣ ସମେତ କମ୍ୟୁନିଟ ହଲ୍ ଓ ଖେଳପଡ଼ିଆ ନିର୍ମାଣ ହେବ । ଏହି ପ୍ରକଳ୍ପକୁ ୩୦ମାସ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି ।ସରକାରୀ ପରିସଂଖ୍ୟାନ ସମ୍ପର୍କୀୟ ତଥ୍ୟ ପ୍ରସାରଣ (ପୃଷ୍ଠା-୭)

# ହେଜବୁଲ୍ଲା ଉପରେ ପ୍ରହାର : ମୁଖ୍ୟଙ୍କ ଝିଅ ନିହତ

ନୂଆଦିଲ୍ଲୀ,୨୮।୯(**ମହାଭାରତ**): ବିଦ୍ରୋହୀ ସଂଗଠନ ହେଜବୁଲ୍ଲା ବିରୋଧରେ ଇସ୍ରାଏଲ ଅପରେସନ ଜାରି ରଖିଛି । ଆଜି ମଧ୍ୟ ହେଜବୁଲ୍ଲାର ଗଡ଼ କୁହାଯାଉଥିବା ଲେବାନନର ରାଜଧାନୀ ବେରୁଟର ଦକ୍ଷିଣ ପ୍ରାନ୍ତରେ ଇସ୍ରାଏଲ ସେନା ଘନଘନ ବୋମା ମାଡ଼ କରିଛନ୍ତି ।



ଶୁକ୍ରବାର ରାତିରୁ ଏଠାରେ ଆରମ୍ଭ ହୋଇଥିବା ଆକ୍ରମଣ ଆଜି ମଧ୍ୟ ଦେଖିବାକୁ ମିଳିଛି । ପୂରା ଅଞ୍ଚଳ ଧୂଆଁମୟ ହୋଇଯାଇଥିବା ବେଳେ ଘର ଗୁଡ଼ିକ ମାଟିରେ ମିଶି ଯାଇଛି ।ଏଥିପାଇଁ ଏଠାରେ ରହୁଥିବା ଲୋକଙ୍କ ମଧ୍ୟରେ ଭୟ ଓ ଆତଙ୍କ ଖେଳି ଯାଇଛି ।ଶୁକ୍ରବାର ଇସ୍ରାଏଲ ହେଜବୁଲ୍ଲାର ମୁଖ୍ୟାଳୟକୁ ଟାର୍ଗେଟ କରିଥିଲା ।ଏଥିରେ ସଂଗଠନ ଶେଖ ହାସନ ନସରଲ୍ଲା ପ୍ରାଣ ହରାଇଥିବା ଇସ୍ରାଏଲ ଦାବି କରିଛି । କିନ୍ତୁ ତାଙ୍କ ମୃତ୍ୟୁ ନେଇ ହେଜବୁଲ୍ଲା କିଛିକହିନାହିଁ । ଏସବୁ ଭିତରେ ଇସ୍ରାଏଲର ଚ୍ୟାନେଲ ୧୨ରେ ବଡ଼ ଖବର ପ୍ରକାଶ ପାଇଛି ।

ଇସ୍ରାଏଲର ଏୟାର ଷ୍ଟ୍ରାଇକରେ ହେଜବୁଲ୍ଲାର ମୁଖ୍ୟ ନସରଲ୍ଲାଙ୍କ ଝିଅ ଜୈନାବ ମଧ୍ୟ ପ୍ରାଣ ହରାଇଛନ୍ତି । ଦକ୍ଷିଣ ବେରୁଟରେ ଇସ୍ରାଏଲ ଏକାଧିକ କୋଠାକୁ ଟାର୍ଗେଟ କରିଥିଲା । ଏହା ମଧ୍ୟରୁ ଗୋଟିଏ କୋଠାରେ ଜୈନାବ ରହୁଥିଲେ । ବୋମା ମାଡ଼ ଯୋଗୁ ତାଙ୍କର ମୃତ୍ୟୁ ହୋଇଛି । କିନ୍ତୁ ଏ ସମ୍ପର୍କରେ ହେଜବୁଲ୍ଲା କିମ୍ବା ଲେବାନନ ମିଡିଆ । ପକ୍ଷରୁ କିଛି ବି କୁହାଯାଇ ନାହିଁ ।ଇସ୍ରାଏଲର କହିବା କଥା ଏୟାର ଷ୍ଟ୍ରାଇକରେ ନସ୍ରଲ୍ଲା ସହ ଦକ୍ଷିଣ ଲେବାନନରେ ହେଜବୁଲ୍ଲାର ମିସାଇଲ ୟୁନିଟ କମାଣ୍ଡ ମହମ୍ମଦ ଅଲୀ ଇସ୍ମାଲର ମଧ୍ୟ ମୃତ୍ୟୁ ହୋଇଛି ।ସେହିପରି ଇରାନ ସମର୍ଥିତ ହେଜବୁଲ୍ଲାର ଅନେକ ବରିଷ୍ଠ ଅଧିକାରୀ ମଧ୍ୟ ପ୍ରାଣ ହରାଇଛନ୍ତି ।

# ଭଦ୍ରକରେ ଶାନ୍ତି ଫେରାଇବାକୁ ପ୍ରୟାସ

## ୯ ଗିରଫ, ଇଣ୍ଟରନେଟ୍ ସେବା ବନ୍ଦ

ଭଦ୍ରକ/ଧାମନଗର, ୨୮।୯ (**ମହାଭାରତ**): ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟକୁ ନେଇ ଶୁକ୍ରବାର ଅପରାହ୍ନରେ ଭଦ୍ରକ ସହରର ସନ୍ତିଆଠାରେ ଉପୁଜିଥିବା ତୁମୁଳକାଣ୍ଡ ଘଟଣାରେ ପୁଲିସ ଶନିବାର ୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଏଥି ସହିତ ଏହି ଘଟଣାରେ ସଂପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ବାନ୍ଧିବା ପାଇଁ ପୁଲିସ ଛାନଭିନ୍ ଜାରି ରଖିଛି । ଭଦ୍ରକ ସହରରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୁଲିସ ନଜର ରଖିଥିବା ବେଳେ ସହରରେ ଫୋର୍ସ ମୁତୟନ କରିଛି । ଏଥି ସହିତ ସନ୍ତିଆରେ ୧୬୩ ଧାରା ଲାଗୁ କରିଛି । ସହରରେ ୪୮ ଘଣ୍ଟା ପାଇଁ ଇଣ୍ଟରନେଟ୍ ସେବା ସ୍ଥଗିତ ରଖିଛି । ଆରକ୍ଷୀ ଅଧୀକ୍ଷକ କହିଛନ୍ତି, ସୋଶାଲ ମିଡିଆରେ ବିବାଦୀୟ ପୋଷ୍ଟ କରିଥିବା ଯୁବକ ଗିରଫ ହୋଇଛି ।ବିବାଦୀୟ ପୋଷ୍ଟ ପାଇଁ କାଲି ଭଦ୍ରକରେ ଉତ୍ତେଜନା ଦେଖା ଦେଇଥିଲା ବୋଲି ସେ କହିଛନ୍ତି ।



ଭଦ୍ରକରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ରାଜ୍ୟ ସରକାରଙ୍କ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସାଧାରଣ ଜନତାଙ୍କ ନିକଟରେ ଅପିଲ୍ କରିଛନ୍ତି ସେ ଆଜି ଭଦ୍ରକ ଏସ୍‌ପି କାର୍ଯ୍ୟାଳୟରେ ଭଦ୍ରକ ସାଂସଦ, ବିଧାୟକ, ଡିଆଇଜିଙ୍କ ସହ ସ୍ଥିତି ଉପରେ ଆଲୋଚନା କରିଛନ୍ତି । ଏଥିସହ ସହରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ।ପୁରୁଣାବଜାର ଅଞ୍ଚଳରେ ୧୬୩ ଧାରା ଲାଗୁ କରାଯିବା ସହ ୧୦ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି ।

ଭଦ୍ରକ ଜିଲ୍ଲାପ୍ରଶାସନ ଧାମନଗର ଏନଏସି ଓ ଦୋବଲ ମୁସ୍ତଫାପୁର ଅଞ୍ଚଳରେ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ୧୬୩ ଧାରା ଜାରି କରିଛନ୍ତି । ସାମ୍ପ୍ରଦାୟିକ ଗଣ୍ଡଗୋଳ କୁ ଆଖିଆଗରେ ରଖି ସମଗ୍ର ଭଦ୍ରକ ଜିଲ୍ଲା ସମେତ ଧାମନଗର ଅଞ୍ଚଳରେ ଆସନ୍ତା ୪୮ ଘଣ୍ଟା ପର୍ଯ୍ୟନ୍ତ ଇଣ୍ଟରନେଟ ସେବାକୁ ବନ୍ଦ କରିଦିଆଯାଇଛିଧାମନଗର ଓ ଦୋବଲ ଅଞ୍ଚଳରେ ଅତ୍ୟାବଶ୍ୟକୀୟ ସାମଗ୍ରୀ କୁ ଛାଡି ସମସ୍ତ ଦୋକାନ ବଜାର ବନ୍ଦ ରହିଛି । ଧାମନଗର ଥାନାରେ ଏ ସମ୍ପର୍କରେ ଦୁଇଟି ମାମଲା ରୁଜୁ କରାଯାଇଥିବା ଜଣାଯାଇଛି । ଆଇନ ଶୃଙ୍ଖଳା ପରିସ୍ଥିତିକୁ ଆଖି ଆଗରେ ରଖି ଧାମନଗର ଓ ଦୋବଲ ମୁସ୍ତଫାପୁର ଅଞ୍ଚଳରେ ୭ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି । ଧାମନଗର ତହସିଲଦାର ଦୀପକ କୁମାର ଦାସଙ୍କୁ ମାଜିଷ୍ଟ୍ରେଟ ଦାୟିତ୍ୱ ନ୍ୟସ୍ତ କରାଯାଇଥିବାବେଳେ ଭଦ୍ରକ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବାସୁଦେବ ସ୍ୱାଇଁ, (ପୃଷ୍ଠା-୭)

# ଥାନାରେ ମହିଳାଙ୍କୁ ଉଚିତ୍ ସମ୍ମାନ ଦିଅ

## ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ସମ୍ମିଳନୀ ଉଦ୍‌ଯାପିତ

## ନୂଆ ସରକାରରେ ଅପରାଧୀଙ୍କ ପ୍ରତି ଶୂନ୍ୟ ସହନଶୀଳତା ନୀତି

## ଆଗକୁ ବଡ ବଡ ବାବୁ ଧରାପଡ଼ିବେ

## ମହିଳାମାନେ ଥାନାକୁ ଆସିଲେ ଧୈର୍ଯ୍ୟର ସହ ଶୁଣନ୍ତୁ

**ଭୁବନେଶ୍ୱର,୨୮।୯(ମହାଭାରତ):** ଲୋକସେବା ଭବନର କନ୍‌ଭେନ୍‌ସନ୍ ସେଂଟରରେ ଚାଲିଥିବା ଦୁଇ ଦିନିଆ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ସମ୍ମିଳନୀ ଆଜି ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଅଭିଭାଷଣରେ ସବୁ ଅଧିକାରୀମାନଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ଏହି ଦୁଇ ଦିନିଆ ବ୍ରେନ ଷ୍ଟର୍ମିଂ ସେସନ ପ୍ରଶାସନକୁ ଚଳ ଚଞ୍ଚଳ ତଥା ଅଧିକ କ୍ରିୟାଶୀଳ କରିବାରେ ସହାୟକ ହେବ ।

ସେ କହିଛନ୍ତି, ସରକାର ବଦଳିଛି, ଏବେ ନୂଆ । ସରକାରରେ ଅପରାଧୀଙ୍କ ପ୍ରତି ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରାଯିବ । ଥାନାକୁ ଅଭିଯୋଗ ଗଲେ, ବିଶେଷ ଭାବେ ମହିଳା ଅଭିଯୋଗ କଲେ ଧୈର୍ଯ୍ୟର ସହ ସେ ସବୁ ଶୁଣନ୍ତୁ । ରାତି ହେଉ କି ଦିନ, ଏପରିକି ରାତି ୨ଟାରେ ଥାନାକୁ ଗଲେ ମହିଳାଙ୍କ ସହ ଭଲ ବ୍ୟବହାର ଦେଖାଇ ମାମଲା ତୁରନ୍ତ ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ସିଏମ୍ ।



ପୁଲିସ୍ ହେଉଛି ଜନତାଙ୍କ ବନ୍ଧୁ, ତେଣୁ ଜନତାଙ୍କ ଭିତରେ ବିଶ୍ୱାସ ସୃଷ୍ଟି କରୁ ।ପୋଲିସ୍ ନିଜ ସହ କେନ୍ଦୁଝରର ଥାନାଧିକାରୀ ଓ ଜିଲ୍ଲାପାଳଙ୍କ ବ୍ୟବହାର ଘଟଣାକୁ ନେଇ ଆଜି ପୁଣି ଉଲ୍ଲେଖ କରିଥିଲେ । ମୁଖ୍ୟମନ୍ତ୍ରୀ ତାସହ ଜିଲ୍ଲାପାଳ ଓ ଏସପିଙ୍କ ଡ୍ୟୁଟିକୁ ନେଇ ବି ପରାମର୍ଶ ଦେଇଥିଲେ ।ସେ ପ୍ରତିଦିନ ରାତି ୨/୩ଟା ବେଳେ ଶୋଉଛନ୍ତି, ୧୨ଟା ଯାଏଁ ଲୋକସେବା ଭବନରେ କାମ କରୁଛନ୍ତି । ତେଣୁ କେବଳ ୮ ଘଣ୍ଟା ଡ୍ୟୁଟିରେ ସୀମିତ ନରହି ୨୪ ଘଣ୍ଟିଆ । କାମ କରିବାକୁ ସେ ପୁଲିସ୍ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି ।



୨୪ ବର୍ଷ ଧରି ଅଧିକାରୀମାନେ ଗୋଟିଏ ପ୍ରକାର କାର୍ଯ୍ୟଶୈଳୀରେ ଚାଲିଥିବାରୁ, ବର୍ତ୍ତମାନର ନୂତନ କାର୍ଯ୍ୟଶୈଳୀ ଆପଣେଇବାରେ କିଛି ଅସାମଞ୍ଜସ୍ୟ ଆସିପାରେ । କିନ୍ତୁ, ସବୁ ଅଧିକାରୀମାନେ ହେଉଛନ୍ତି ଦକ୍ଷ ତଥା ସମ୍ପୂର୍ଣ୍ଣ ଭାବେ ବୃତ୍ତିଗତ ପ୍ରଶାସକ । ତେଣୁ, ସରକାରଙ୍କ ଆଭିମୁଖ୍ୟ ଓ ଭିଜନ୍‌କୁ ହୃଦୟଙ୍ଗମ କରି ଅଧିକାରୀମାନେ ନିଜ ନିଜ ସ୍ତରରେ ଏହାର କ୍ରିୟାନ୍ୱୟନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ ।

ଓଡିଶାର ସାଢେ ଚାରିକୋଟି ଲୋକଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବା ପାଇଁ ଶାସନ ମୁଖ୍ୟ ଭାବେ ଆଗାମୀ ଦିନର କାର୍ଯ୍ୟଧାରାକୁ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଲେ ଯେ କୌଣସି ସ୍ତରରେ ବା କୌଣସି ପ୍ରକାରରେ ଦୁର୍ନୀତିକୁ ପ୍ରଶ୍ରୟ ଦିଆଯିବ ନାହିଁ । ସଚିବାଳୟଠାରୁ ଆରମ୍ଭ କରି ତୃଣମୂଳ ସ୍ତର ପର୍ଯ୍ୟନ୍ତ ସବୁ ଅଧିକାରୀମାନେ ନିଜ ନିଜ ସ୍ତରରେ ଦୁର୍ନୀତି ରୋକିବାକୁ ସମର୍ଥ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଦୁର୍ନୀତି ନିବାରଣ ପାଇଁ ସରକାର ଉଭୟ ଟପ୍-ଡାଉନ୍ ଓ ବଟମ୍-ଅପ୍ (ମଡେଲ କାର୍ଯ୍ୟକାରୀ କରୁଛନ୍ତି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପୂର୍ବରୁ ଦୁର୍ନୀତି ନିବାରଣ ନାଁରେ କେବଳ ଛୋଟ ଛୋଟ ଅଧିକାରୀମାନଙ୍କୁ ଧରା ଯାଉଥିଲା । ବର୍ତ୍ତମାନ ବଡ ବଡ ଅଧିକାରୀମାନଙ୍କୁ ମଧ୍ୟ ଧରା ପଡିଲେଣି । ଆଗାମୀ ଦିନରେ ଆହୁରି ବଡ ବଡ ଅଧିକାରୀ ମଧ୍ୟ ଧରା ପଡିବେ । ଏଥିରେ କୌଣସି ଅବହେଳା କରାଯିବ ନାହିଁ । ଏହି ବାର୍ତ୍ତା ସବୁସ୍ତରକୁ ଯିବା ଉଚିତ ବୋଲି ସେ ମତ ଦେଇଥିଲେ ।

ପ୍ରଶାସନର ଆଭିମୁଖ୍ୟକୁ ସ୍ପଷ୍ଟ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସ୍ୱଚ୍ଛ ଶାସନ, ତୁରନ୍ତ ନିଷ୍ପତ୍ତି ଓ କାର୍ଯ୍ୟାନ୍ୱୟନ, ଉତ୍ତରଦାୟିତ୍ୱ ଏବଂ ସାମାଜିକ ନ୍ୟାୟ ଓ ସମାବେଶୀ ଶାସନ ହେଉଛି ରାଜ୍ୟ ସରକାରଙ୍କ ଲକ୍ଷ୍ୟ । ତେଣୁ, ଅଧିକାରୀମାନେ ପ୍ରଶାସନରେ ଏହି ସବୁ ଦିଗ ପ୍ରତି ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ । ପ୍ରଶାସନରେ ସ୍ୱଚ୍ଛତା ଆଣିବା ପାଇଁ ଅଧିକରୁ ଅଧିକ ଟେକ୍‌ନୋଲୋଜିର ବ୍ୟବହାର କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଅଧିକାରୀଙ୍କ ଇଚ୍ଛାଧୀନ କ୍ଷମତାକୁ ଲୋକଙ୍କ କଲ୍ୟାଣ ପାଇଁ ବ୍ୟବହାର **(ପୃଷ୍ଠା-୭)**

# ଦଲିଆ ଖେଚୁଡ଼ି

ଆବଶ୍ୟକ ସାମଗ୍ରୀ: ଦଲିଆ, ଫୁଟଣ, ଭୃର୍ସୁଙ୍ଗ ପତ୍ର, କଟା ପିଆଜ, କଟା ଟମାଟୋ, କଟା ବିନ୍‌ସ, କଟାଗାଜର, ଫୁଲକୋବି, ମକା, ଗ୍ରୀନ ମଟର, ସିଝା ରାଜମା, ଚିନିବାଦାମ, ଗଜାମୁଗ, ଲୁଣ, ହଳଦୀ ଓ ରିଫାଇନ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଦଲିଆରେ ଲୁଣ ଓ ହଳଦୀ ଦେଇ ସିଝାଇ ଦିଅନ୍ତୁ । ଏବେ ଏକ କଡ଼େଇରେ ତେଲ ଗରମ କରି ଫୁଟଣ, ଭୃର୍ସୁଙ୍ଗ ପତ୍ର, କଟା ପିଆଜ, କଟା ଟମାଟୋ ପକାଇ ଭାଜନ୍ତୁ । ଏସବୁ ଅଳ୍ପ ଭାଜି ହୋଇଯିବା ପରେ ସେଥିରେ କଟା ବିନସ,ଛୋଟ ଛୋଟ ଖଣ୍ଡ ହୋଇଥିବା ଫୁଲ କୋବି, ମକା, ଗ୍ରୀନ ମଟର, ସିଝା ରାଜମା, ଚିନାବାଦାମ ଓ ଗଜାମୁଗ ପକାନ୍ତୁ। ଏହା ପରେ ହଳଦୀ ଗୁଣ୍ଡ, କଟା ଗାଜର ଓ ଆବଶ୍ୟକ ଅନୁଯାୟୀ ପାଣି ଦେଇ ଘୋଡ଼ଣୀ ଘୋଡ଼େଇ ଦିଅନ୍ତୁ । ୩ରୁ ୪ମିନିଟ ପରେ ପ୍ରସ୍ତୁତ ହୋଇଯିବ ଟେଷ୍ଟି ଆଣ୍ଡ ହେଲଦି 'ଦଲିଆ ଖେଚୁଡ଼ି' ।



ପରଦା ଖବର

# ସମ୍ପତ୍ତି ତୁଳନାରେ ସୋନାକ୍ଷୀଙ୍କଠାରୁ ରେ ପଛରେ ସ୍ୱାମୀ ଜହିର



ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ତାଙ୍କ ଜୀବନର ଏକ ନୂଆ ପର୍ଯ୍ୟାୟରେ ପାଦ ଦେଇସାରିଛନ୍ତି। ସେ ତାଙ୍କର ପ୍ରେମିକ ଜହିର ଇକବାଲଙ୍କୁ ଜୁନ୍ ୨୩ରେ ବିବାହ କରିଥିଲେ। ଦିନରେ ସୋନାକ୍ଷୀ କୋର୍ଟ ମ୍ୟାରେଜ୍ କରିଥିଲେ, ଯେଉଁଥିରେ କେବଳ ଘନିଷ୍ଠ ବନ୍ଧୁ ଏବଂ ପରିବାର ସଦସ୍ୟଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଏହା ପରେ ରାତିରେ ନିଜର ବଲିଉଡ ସାଙ୍ଗମାନଙ୍କ ପାଇଁ ସେ ବଡ଼ ବିବାହ ଭୋଜିର ଆୟୋଜନ କରିଥିଲେ। ଦିନରେ ଧଳା ରଙ୍ଗର ଶାଢ଼ି ପିନ୍ଧିଥିବା ସୋନାକ୍ଷୀ ରାତିରେ ଲାଲ ରଙ୍ଗର ଶାଢ଼ି ପିନ୍ଧିଥିଲେ। ମଥାରେ ସିନ୍ଦୂର ଲଗାଇବା ସହ ଲାଲ ଶାଢ଼ିରେ ସେ ଖୁବ ସୁନ୍ଦର ଦିଶୁଥିଲେ।

ଯେତେବେଳେ ସୋନାକ୍ଷୀ, ଜହିରଙ୍କୁ ଡେଟ କରୁଥିବାର ଖବର ସାମ୍ନାକୁ ଆସିଥିଲା, ସେତେବେଳେ ଜହିର ଅଭିନେତ୍ରୀଙ୍କଠାରୁ କେତେ ସଫଳ ସେ ପ୍ରଶ୍ନ ସମସ୍ତଙ୍କ ମନକୁ ଆସିଥିଲା। ତେବେ ଯଦି ଆମେ ଜହୀରଙ୍କ ମୋଟ ସମ୍ପତ୍ତି ଦେଖିବା ତେବେ ସେ ମୋଟ ୧-୨କୋଟିର ମାଲିକ ଅଟନ୍ତି। ଅନ୍ୟପକ୍ଷରେ ସୋନାକ୍ଷୀ ସିହ୍ନା ତାଙ୍କଠାରୁ ରେ ଅଧିକ କୋଟି ଟଙ୍କାର ମାଲିକାଣୀ ଅଟନ୍ତି। ଅଭିନେତ୍ରୀଙ୍କ ମୋଟ ସମ୍ପତ୍ତି ଦେଖିବାକୁ ଗଲେ ସେ ମୋଟ ୧୦୦କୋଟିର ମାଲିକାଣୀ ଅଟନ୍ତି।

ଜହିର ଫିଲ୍ମରେ ଏତେ ସକ୍ରିୟ ନଥିଲେ ବି ସେ ବିଭିଭ ବିଜ୍ଞାପନ ଓ ନିବେଶରୁ ଟଙ୍କା ଆୟ କରନ୍ତି। ଅନ୍ୟପକ୍ଷରେ ସୋନାକ୍ଷୀ ଫିଲ୍ମ ବ୍ୟତୀତ ବିଭିନ୍ନ ବିଜ୍ଞାପନ ଓ ନିବେଶରୁ ଟଙ୍କା ଆୟ କରୁଥିବା ଜଣାଯାଇଛି।

# ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେବାର ଠିକ୍ ଉପାୟ

ସୂର୍ଯ୍ୟଙ୍କ ଜଳ ଦେବାର ଠିକ୍ ତରିକା ସମ୍ପର୍କରେ ଖୁବ୍ କମ ଲୋକ ଜାଣିଥିବେ । ହେଲେ ପ୍ରାୟ ୯୦ ଭାଗ ଲୋକ ସୂର୍ଯ୍ୟଙ୍କୁ ଜଳ ବା ଅର୍ଘ୍ୟ ଦେବାର ଠିକ୍ ତରିକା ଜାଣି ନାହାଁନ୍ତି । ଆଗରୁ ମୁନି-ଋଷିମାନେ ଯେଉଁ ଉପାୟରେ ସୂର୍ଯ୍ୟଦେବଙ୍କୁ ଜଳ ଅର୍ପଣ କରୁଥିଲେ ତାହାକୁ ଆଧୁନିକ ଯୁଗର ଡାକ୍ତରମାନେ ମଧ ଠିକ୍ ବୋଲି କହିଛନ୍ତି । ଯଦି ଆମେ ସୂର୍ଯ୍ୟଙ୍କୁ ଜଳ ଦେବାର ପ୍ରକୃତ ତରିକା ନ ଜାଣିବା ଏହା ଆମକୁ ଭଲ ଫଳ ଦେବା ପରିବର୍ତ୍ତେ ଖରାପ ଫଳ ଦେଇଥାଏ ।



ସୂର୍ଯ୍ୟଦେବ ଏକମାତ୍ର ଦେବତା ଯାହାଙ୍କୁ ଆମେ ଆଖିରେ ଦେଖି ପାରୁଛେ । ସୂର୍ଯ୍ୟଦେବ ପ୍ରକୃତି ଓ ଆମର ସ୍ୱାସ୍ଥ୍ୟର ଆଧାର ମଧ ଅଟନ୍ତି । ସୂର୍ଯ୍ୟଙ୍କର କିରଣରେ ବାକ୍ଟେରିଆ ଓ ଭାଇରସ ନଷ୍ଟ କରି ଆମକୁ ସବୁ ରୋଗରୁ ରକ୍ଷା କରିବାର ଶକ୍ତି ରହିଛି । ଆସନ୍ତୁ ଜାଣିବା ସୂର୍ଯ୍ୟଙ୍କୁ ଜଳ ଦେବାର ଠିକ୍ ନିୟମ । ସୂର୍ଯ୍ୟଙ୍କ ସପ୍ତ ରଂଗ କିରଣରୁ ଆମକୁ ଲାଭ ମିଳୁ, ଏଥିପାଇଁ ମୁନି-ଋଷିମାନେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରିବାର ନିୟମ ବନାଇଛନ୍ତି । ଶାସ୍ତ୍ରରେ କୁହାଯାଇଛି ସୂର୍ଯ୍ୟଙ୍କ କିରଣ ଯେବେ ଆଖିକୁ କଷ୍ଟ ଦିଏ, ସେତେବେଳେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେବାର ଲାଭ ନାହିଁ । ଜଳର ଗଡୁଥିବା ଧାର ଦେଇ ସୂର୍ଯ୍ୟଙ୍କୁ ଦେଖିବାର ନିୟମ ରହିଛି । ଯାହାଦ୍ୱାରା ଜଳର ଧାରରୁ ସୃଷ୍ଟି ୭ ରଂଗର କିରଣ ଆମର ଆଖି କଳା ପୁତୁଳା ଦେଇ ଶରୀର ଗ୍ରହଣ କରେ । ପ୍ରତିଦିନ ସୂର୍ଯ୍ୟଙ୍କୁ ଜଳ ଦେବା ଦ୍ୱାରା ୭ ରଂଗ ଆମର ଶରୀର ଗ୍ରହଣ କରି ଶରୀରରେ ସକରାତ୍ମକ ଶକ୍ତି ପ୍ରବାହିତ କରିଥାଏ । ଭଗବାନ ସୂର୍ଯ୍ୟଙ୍କୁ ଜଳ ଦେବାର ଠିକ ତରିକା ଗ୍ରହଣ କରାନଗଲେ ଶରୀର ଉପରେ ଖରାପ ପ୍ରଭାବ ପଡିପାରେ । ଏହାଦ୍ୱାରା ଆଖି ମଧ ଖରାପ ହୋଇପାରେ । ତେଣୁ ଜଳ ଧାର ଗଡ଼ିବା ପରେ ଜଳ ଧାର ମଧ ଦେଇ ସୂର୍ଯ୍ୟଙ୍କୁ ଦେଖିବା ନିୟମ ରହିଛି ।

# ଚାକିରୀ ଓ ବ୍ୟବସାୟ କରୁଥିଲେ ବାସ୍ତୁଶାସ୍ତ୍ର ଉପରେ ଦିଅନ୍ତୁ ଧ୍ୟାନ

ଘର ସହ ଦୋକାନ, ବ୍ୟବସାୟ, ଫ୍ୟାକ୍ଟ୍ରି, ଅଫିସ ଆଦିରେ ବାସ୍ତୁର ଖୁବ୍ ଗୁରୁତ୍ୱ ରହିଥାଏ। କୁହାଯାଏ ଯେ, ଯଦି ଆମେ ଏହି ସବୁ ସ୍ଥାନରେ ବାସ୍ତୁର ପୂରା ଧ୍ୟାନ ରଖିବା ତେବେ ଅତ୍ୟନ୍ତ ଲାଭ ହୋଇଥାଏ। ବାସ୍ତୁଶାସ୍ତ୍ର ଅନୁସାରେ ଏହି ସ୍ଥାନରେ ଦିଗର ଧ୍ୟାନ ରଖିବା ଜରୁରୀ କାରଣ ଏହା ଆମଦାନୀର ଜରିଆ ଅଟେ। ଯଦି ଅଫିସ୍ କିମ୍ବା କାମ କରିବା ସ୍ଥାନରେ ବାସ୍ତୁ ଖରାପ ହୋଇଥାଏ ତେବେ ଆପଣଙ୍କ ଜୀବନରେ ଆର୍ଥିକ ସମସ୍ୟା, କର୍ମଚାରୀଙ୍କ ସହ ବାଦ ବିବାଦ, କୋର୍ଟ କଚେରୀ ଚକ୍କର ସହିବାକୁ ପଡ଼ିଥାଏ। ଆସନ୍ତୁ ଜାଣିବା ଅଫିସରେ ବାସ୍ତୁ କିପରି ହେବା ଉଚିତ।



ଅଫିସରେ ସର୍ବ ପ୍ରଥମେ ବସ୍‌ଙ୍କ ରୁମ୍ ନ ରହିବା ଉଚିତ ବରଂ ମୁଖ୍ୟ ଦ୍ୱାର ପାଖରେ କୌଣସି ଏପରି କର୍ମଚାରୀଙ୍କ କକ୍ଷ ବନାନ୍ତୁ ଯିଏ ଆସୁଥିବା ବ୍ୟକ୍ତିଙ୍କ ସୂଚନା ଆପଣଙ୍କ ନିକଟରେ ପହଞ୍ଚାଇବେ ଯେପରିକି ରିସେପ୍ସନ୍। ଅଫିସର ମୁହଁ ଉତ୍ତର-ପୂର୍ବ ଦିଗରେ ଖୋଲିବା ବାସ୍ତୁ ହିସାବରେ ଶୁଭ ହୋଇଥାଏ। ଏଥିପାଇଁ ଧ୍ୟାନ ରଖନ୍ତୁ ଯେ ଭୁଲ ଦିଗରେ ଅଫିସର ମୁହଁ ନ ଖୋଲୁ ନଚେତ ଆପଣଙ୍କ ଆମଦାନୀ ଉପରେ ପ୍ରଭାବ ପଡ଼ିପାରେ।

ଅଫିସରେ ବସ୍ ଯେଉଁଠାରେ ବସିବେ, ତାଙ୍କ ପିଠି ପଛରେ ଝରକା କିମ୍ବା ମୁଣ୍ଡ ଉପରେ ବିମ୍ ନ ହେବା ଉଚିତ।

ଅଫିସରେ ଆପଣ ବସିବାବେଳେ ମୁହଁ ସବୁବେଳେ ଉତ୍ତର ଆଡ଼କୁ କିମ୍ବା ପୂର୍ବ ଆଡ଼କୁ ହେବା ଉଚିତ। ଅଫିସର ମୁଖ୍ୟ କିମ୍ବା ମାଲିକ ବସିବା ସ୍ଥାନରେ ପିଠି ପଛରେ ମଜବୁତ କାନ୍ଥ ରହିବା ଉଚିତ। ନିଜ ଟେବୁଲରେ ଜରୁରୀ ଫାଇଲ୍ ପୂର୍ବ-ଉତ୍ତର ପାର୍ଶ୍ୱରେ ରଖନ୍ତୁ। କମ୍ପ୍ୟୁଟର ସହ ଲାଗି ବସନ୍ତୁ ନାହିଁ। କମ୍ପ୍ୟୁଟର ଏବଂ ଆପଣଙ୍କ ମଧ୍ୟରେ ଅତି କମରେ ୨ଫୁଟର ଗ୍ୟାପ୍ ରହିବା ଉଚିତ।

ଅଫିସରେ ଈଶାନ କୋଣରେ ଏକ ଛୋଟ ପୂଜାସ୍ଥାନ ରହିବା ଉଚିତ। ଅଧିକ କର୍ମଚାରୀଙ୍କ ସଂସ୍ପର୍ଶରେ କ୍ୟାସିୟରଙ୍କୁ ବସାନ୍ତୁ ନାହିଁ। କୁବେରଙ୍କ ବାସ ଉତ୍ତର ଦିଗରେ ଶୁଭ ହୋଇଥାଏ। ଏଥିପାଇଁ କ୍ୟାସିୟରଙ୍କୁ ଉତ୍ତର ଦିଗରେ ବସାନ୍ତୁ।

# ଦଶହରାରେ କେଉଁ କାରଣରୁ ସଜାଯାଏ ଗେଣ୍ଡୁଫୁଲ



ଦଶହରା ପର୍ବ ବିଜୟର ପ୍ରତୀକ। ଏହି ଦିନରେ ପ୍ରକୃତି ବେଶ ଶସ୍ୟଶ୍ୟାମଳା ରହିଥାଏ। ତେବେ ଆପଣ ଜାଣନ୍ତି କି, ଏହି ଦଶହରା ପର୍ବରେ ଗେଣ୍ଡୁଫୁଲ ସଜାଇବାର କାରଣ କ'ଣ ? ବାସ୍ତବରେ ଏହି ସମୟରେ ଗେଣ୍ଡୁଫୁଲ ଉପଲବ୍ଧ ଓ ଏହାର ଧାର୍ମିକ ମହତ୍ୱ ମଧ ରହିଛି।

୧- ଗେଣ୍ଡୁଫୁଲର ରଙ୍ଗ କେଶରୀ ସହ ଅନ୍ୟ ରଙ୍ଗର ମଧ ରହିଛି। ମାତ୍ର କେଶରୀ ରଙ୍ଗ (ଗାଢ ପିତ) ରଙ୍ଗ ବିଜୟ, ହର୍ଷ, ଉଲ୍ଲାସର ପ୍ରତିନିଧିତ୍ୱ କରିଥାଏ। ଏହି ଫୁଲର ଧାର୍ମିକ ମହତ୍ୱ ଅନ୍ୟ ଫୁଲ ତୁଳନାରେ ଅଧିକ ବୋଲି କୁହାଯାଏ। ଏହାର ରଙ୍ଗ ମନକୁ ବେଶ ପ୍ରଫୁଲ୍ଲିତ କରିଥାଏ। ଏହି ଫୁଲକୁ ଶୁଭତ୍ୱର ପ୍ରତୀକ ବୋଲି କୁହାଯାଏ। କେଶରୀ ମିଶ୍ରିତ ହଳଦିଆ। ରଙ୍ଗ ଓ କେଶରୀ ମିଶ୍ରିତ ଲାଲ ରଙ୍ଗ ଗେଣ୍ଡୁଫୁଲ ହିଁ ପୂଜା ପାଇଁ ସର୍ବଶ୍ରେଷ୍ଠ ବୋଲି କୁହାଯାଏ। ପ୍ରକୃତି ଦ୍ୱାରା ଏହା ପର୍ବ ପାଇଁ ଉଦପହାର ସଦୃଶ ହେବା ସହ ପ୍ରକୃତି ପର୍ବ ପ୍ରତି ନିଜର ସ୍ନେହ, ସମ୍ମାନ ଓ ପ୍ରସନ୍ନତା ଏହା ମାଧ୍ୟମରେ ଦର୍ଶାଇଥାଏ। ଏହାର ସ୍ୱତନ୍ତ୍ର ଧାର୍ମିକ ମହତ୍ୱ ଅନୁଯାୟୀ, ବିଜୟ ପର୍ବରେ ଗେଣ୍ଡୁଫୁଲ ସଜାଇବା ଓ ପୂଜାରେ ଅର୍ପଣ କରିବାର ମହତ୍ୱ ରହିଛି। ଏହାକୁ ସୂର୍ଯ୍ୟଙ୍କ ପ୍ରତୀକ ମଧ କୁହାଯାଏ। ପ୍ରାଚୀନ ଗ୍ରନ୍ଥରେ ଏହି ଫୁଲ ସୁନ୍ଦରତା ଓ ଶକ୍ତିର ପ୍ରତୀକ ବୋଲି କୁହାଯାଏ। ଏହି ଫୁଲ ବିନା ଶବ୍ଦରେ ବିଜୟର ପର୍ବ ପ୍ରତି ନିଜର ପ୍ରସନ୍ନତା ପ୍ରକାଶ କରିଥାଏ। ଏହା ଦିବ୍ୟ ଶକ୍ତିଙ୍କ ସହ ସତ୍ୟର ପ୍ରତୀକ ବୋଲି କୁହାଯାଏ। ଏହାର ଲାଲ ମିଶ୍ରିତ ହଳଦିଆ। ରଙ୍ଗ ଭଗବାନଙ୍କ ପ୍ରତି ସମର୍ପଣର ପ୍ରତୀକ ବୋଲି କୁହାଯାଏ। ଏହାର ବାସ୍ନା ସମସ୍ତ ନକରାତ୍ମକ ଶକ୍ତିର ନାଶ କରିଥାଏ। ଏହା ମାନସିକ ଦୁଶ୍ଚିନ୍ତା ଦୂର କରିଥାଏ। ସମଗ୍ର ବାତାବରଣକୁ ମଧ ଶୁଦ୍ଧ ଓ ଶାନ୍ତି ପ୍ରଦାନ କରିଥାଏ।

ଏହି ଫୁଲ ପ୍ରାକୃତିକ ରୂପରେ ବିଭିନ୍ନ କୀଟ ପତଙ୍ଗକୁ ପରିବେଶରୁ ଦୂରେଇ ରଖେ। ଦଶହରାରୁ ଦୀପାବଳୀ ଯାଏଁ ଏହି ଫୁଲକୁ ପୂଜାରେ ବହୁଳ ପରିମାଣରେ ବ୍ୟବହାର କରାଯାଏ।

# ଚା'ପତିରୁ ତିଆରି କରନ୍ତୁ ସ୍କ୍ରବ୍

ମହାମାରୀ କାରଣରୁ ଯୁବତୀ ଓ ମହିଳାମାନେ ପାର୍ଲର ଯିବାକୁ ବର୍ତ୍ତମାନ ସୁରକ୍ଷିତ ମଣୁନାହାନ୍ତି। ଘରୋଇ ଉପଚାର କରିବା ହିଁ ସବୁଠୁ ଉତ୍ତମ ଉପାୟ। କେମିକାଲ୍ ଭରପୂର ବଜାରରୁ ସ୍କ୍ରବ୍ କିଣିବା ପରିବର୍ତ୍ତେ ଘରେ ଅଳ୍ପ ସମୟରେ ସ୍କ୍ରବ୍ ତିଆରି କରିପାରିବେ। ଏହାକୁ ନିୟମିତ ଉପଯୋଗ କଲେ ମଧ ତ୍ୱଚା



ଉପରେ କୁପ୍ରଭାବ ପଡ଼େନାହିଁ। ଆବଶ୍ୟକ ସାମଗ୍ରୀମାନ ହେଲା ୨କପ୍ ଚିନି, ୪ ଚାମଚ ଚା' ଗୁଣ୍ଡ, ୧ଚାମଚ ନଡ଼ିଆ ତେଲ ଓ ଏୟାର୍-ଟାଇଟ୍ ଡବା। ପ୍ରଥମେ ଏକ ବଡ଼ ପାତ୍ର ନେଇ ସେଥିରେ ଚିନି ଓ ଚା'କୁ ଭଲରେ ମିଶାଇ ଦିଅନ୍ତୁ। ଏବେ ଭଲରେ ଗ୍ରାଇଣ୍ଡିଂ କରି ପାତ୍ରକୁ କାଢ଼ିନେବେ। ଅନ୍ୟ ଏକ ପାତ୍ରରେ ତେଲ ନେଇ ନଖଉଷୁମ କରି ରଖନ୍ତୁ। ଏବେ ସମସ୍ତ ସାମଗ୍ରୀକୁ ଭଲରେ ଗୋଟିଏ ପାତ୍ରରେ ମିଶାଇ ମିଶ୍ରଣ ଗାଢ଼ ହେବା ପର୍ଯ୍ୟନ୍ତ ଚାମରେ ମିଶାଇବେ। ଏବେ ସେହି ମିଶ୍ରଣକୁ ଏୟାର-ଟାଇଟ୍ ଡବାରେ ଭର୍ତ୍ତି କରି ୧ ସପ୍ତାହ ପର୍ଯ୍ୟନ୍ତ ବ୍ୟବହାର କରନ୍ତୁ। ସ୍ନାନ ପୂର୍ବରୁ ତ୍ୱଚା, ହାତ, ଗୋଡ଼ରେ ଲଗାଇ ମାଲିସ୍ କରି ପରେ ଉଷୁମ ପାଣିରେ ଧୋଇନେବେ। ଏହି ସ୍କ୍ରବ୍ ତ୍ୱଚାକୁ କୌଣସି କ୍ଷତି ପହଞ୍ଚାଇନଥାଏ ବରଂ ତ୍ୱଚାରେ ଏକ ଚମକ ଆସିଥାଏ।

# ଓଡ଼ିଶାରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ଜରୁରୀ : ରାଜ୍ୟପାଳ

**ଭୁବନେଶ୍ୱର, ୨୮।୯ (ମହାଭାରତ) :** ସ୍ଥାନୀୟ କଳାକୁ ପର୍ଯ୍ୟଟନ ସହିତ ଯୋଡ଼ାଗଲେ କର୍ମନିଯୁକ୍ତି, ଆର୍ଥିକ ପ୍ରଗତି, ବୈଦେଶିକ ମୁଦ୍ରା ଅର୍ଜନ ସାଂସ୍କୃତିକ ଭାବ ବିନିମୟ ହୋଇପାରିବ। ଏଥିପାଇଁ ଶାସନ ବ୍ୟବସ୍ଥା ସ୍ଥିର ରହିବା ଆବଶ୍ୟକ ବୋଲି ରାଜ୍ୟପାଳ ରଘୁବର ଦାସ ପ୍ରକାଶ କରିଛନ୍ତି।




ବିଶ୍ୱ ପର୍ଯ୍ୟଟନ ଦିବସ ଉପଲକ୍ଷେ ଓଡ଼ିଶା ରାଜ୍ୟ ଟୁରିଷ୍ଟ ଗାଇଡ୍ ଆସୋସିଏନ ତରଫରୁ ସ୍ଥାନୀୟ ଜୟଦେବ ଭବନରେ ଆୟୋଜିତ ଏକ ମନୋଜ୍ଞ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଶ୍ରୀ ଦାସ କହିଛନ୍ତି ଯେ, ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରକୁ ବିଶ୍ୱସ୍ତରୀୟ କରାଯିବାର ଆବଶ୍ୟକତା ରହିଛି। ଏଠାରେ ଅଶୋକ ବୌଦ୍ଧଧର୍ମ ଗ୍ରହଣ କରି ବିଶ୍ୱକୁ ଶାନ୍ତିର ବାର୍ତ୍ତା ଦେଇଥିଲେ। ଓଡ଼ିଶାର ବିଭିନ୍ନ ଜିଲ୍ଲାର ପ୍ରକୃତିର କୋଳରେ ରହିଛି ସମୁଦ୍ର, ବନ୍ଦର, ବେଳାଭୂମି ଓ ପର୍ଯ୍ୟଟନ ଆଦିର ବିକାଶ କରାଯାଇ କର୍ମନିଯୁକ୍ତି, ହୋଟେଲ ଶିଳ୍ପ ସମୃଦ୍ଧିର ସମ୍ଭାବନା ଥିବାରୁ ରାଜ୍ୟ ସରକାର ଏ ଦିଗରେ ଦୃଷ୍ଟି ଦେବା ଆବଶ୍ୟକ। ଓଡ଼ିଶାର ବିକାଶ ନିମିତ୍ତ ମୋଦି ସରକାର ରାଜ୍ୟକୁ ୬ଟି ବନ୍ଦେ ଭାରତ ଟ୍ରେନ ଗମନାଗମନ କ୍ଷେତ୍ରର ପ୍ରଗତି ପାଇଁ ଦେଇଛନ୍ତି। ୨୦୩୭ରେ ବିକଶିତ ଓଡ଼ିଶା ନିମିତ୍ତ ପର୍ଯ୍ୟଟନ କ୍ଷେତ୍ରର ବିକାଶ ଜରୁରୀ ବୋଲି କହିଛନ୍ତି।

ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ଏହି ଉତ୍ସବରେ ସମ୍ମାନିତ ଅତିଥି ରୂପେ ଯୋଗଦେଇ ମିଳିତ ଜାତି ସଂଘ ପକ୍ଷରୁ ୧୯୮୦ ମସିହାରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହେଉଛି। ଚଳିତବର୍ଷ ଏଥିନିମିତ୍ତ ପର୍ଯ୍ୟଟନ ଓ ଶାନ୍ତିକୁ ବିଶ୍ୱବ୍ୟାପୀ ବାର୍ତ୍ତା ଭାବେ ପ୍ରଚାର କରାଯାଉଛି। ଓଡ଼ିଶାର ପରିଚୟ ହେଉଛି ଶ୍ରୀଜଗନ୍ନାଥ। ଏହାର ଉତ୍ତୁଙ୍ଗ ପର୍ବତ ଶିଖର ଜଙ୍ଗଲ ୪୮୦ କିଲୋମିଟର ବେଳାଭୂମି ଆଦି ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ସହ ରାଜ୍ୟର ବିଭିନ୍ନ ଜଙ୍ଗଲର ୧୮ଟି ସ୍ଥାନକୁ ଅଭୟାରଣ୍ୟର ମାନ୍ୟତା ଦିଆଯିବାର ଯୋଗ୍ୟତା ରହିଛି ବୋଲି ସେ କହିଛନ୍ତି।

ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ ପର୍ଯ୍ୟଟନକୁ ଏକ ଶାନ୍ତିର କ୍ଷେତ୍ର ଭାବେ ଦର୍ଶାଇ ବର୍ତ୍ତମାନ ସମଗ୍ର ବିଶ୍ୱର ବିଭିନ୍ନ ଦେଶରେ ଯୁଦ୍ଧର ଘନଘଟା ଚାଲିଥିବା ବେଳେ ପର୍ଯ୍ୟଟନ ହିଁ ଶାନ୍ତିର ବାର୍ତ୍ତା ଦେଇପାରିବ। ସ୍ୱାଧୀନତାର ଏକଶହ ବର୍ଷ ପାଳନ ସମୟକୁ ଭାରତ ସମଗ୍ର ବିଶ୍ୱରେ ଶ୍ରେଷ୍ଠ ହେବା ସହ ଓଡ଼ିଶା ମଧ୍ୟ ଶ୍ରେଷ୍ଠ ହେବ। ଏଥିପାଇଁ ସମସ୍ତଙ୍କୁ ଶପଥ ନେବାକୁ ଆହ୍ୱାନ ଜଣାଇଥିଲେ।

ବିଶ୍ୱକୁ ପର୍ଯ୍ୟଟନ କ୍ଷେତ୍ରରେ ଆକର୍ଷିତ କଲା ଭଳି ଅନେକ ଉପାଦାନ ରହିଛି। ଏହିସବୁ ଅନାଲୋଚିତ କ୍ଷେତ୍ରକୁ ଉଜ୍ଜୀବିତ କରିବା ନିମିତ୍ତ ଭାରତୀୟ ଜନତା ପାର୍ଟିର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ପର୍ଯ୍ୟଟନର ପ୍ରଗତି କ୍ଷେତ୍ରରେ ଓଡ଼ିଶାର ଧର୍ମପୀଠ ଗୁଡ଼ିକର ଗୁରୁତ୍ୱ ରହିଥିବା ବେଳେ ପର୍ଯ୍ୟଟକମାନଙ୍କୁ ଉପଯୁକ୍ତ ସୂଚନା ଦେଉଥିବା ଟୁରିଷ୍ଟ ଗାଇଡ୍‌ମାନଙ୍କୁ ସ୍ୱୀକୃତି ମିଳିବା ପାଇଁ ଉଦ୍ୟମ ହେବା ଆବଶ୍ୟକ ବୋଲି ସେ କହିଥିଲେ। ପୂର୍ବତନ ବିଧାୟକ ତଥା ବିଶିଷ୍ଟ ସାମ୍ବାଦିକ ସୌମ୍ୟରଞ୍ଜନ ପଟ୍ଟନାୟକ ଆଲୋଚନାରେ ଅଂଶଗ୍ରହଣ କରି ପର୍ଯ୍ୟଟନ କ୍ଷେତ୍ରକୁ ଏକମାତ୍ର ପ୍ରଦୂଷଣମୁକ୍ତ ବୋଲି କହି ବିନା ଧୂଆଁରେ ଏହା ମାଧ୍ୟମରେ ବିକାଶ ହୋଇପାରେ। ଶୃଙ୍ଖଳିତ ଆଚରଣ, ଉତ୍ତମ ବ୍ୟବହାରର ସଂକଳ୍ପ ନେଲେ ରାଜ୍ୟ ବାହାରରୁ ଆସୁଥିବା ପ୍ରତ୍ୟେକ ପର୍ଯ୍ୟଟକ ଆଉ ୧୦ଜଣ ପର୍ଯ୍ୟଟକଙ୍କୁ ଓଡ଼ିଶା ଆସିବା ପାଇଁ ପ୍ରବର୍ତ୍ତାଇବେ ବୋଲି କହିଛନ୍ତି। ଏହି ଉତ୍ସବରେ ଓଡ଼ିଶା ରାଜ୍ୟ ଟୁରିଷ୍ଟ ଓ ଗାଇଡ୍ ଆସୋସିଏସନର ସଭାପତି ତଥା ବରିଷ୍ଠ ସାମ୍ବାଦିକ ସନତ ମିଶ୍ର ଟୁରିଷ୍ଟ ଗାଇଡ୍‌ମାନଙ୍କୁ ସ୍ୱାସ୍ଥ୍ୟବୀମା ଯୋଜନାରେ ଅନ୍ତର୍ଭୁକ୍ତ କରିବା ସହ ୬୫ବର୍ଷରୁ ଅଧିକ ବୟସ୍କ ଟୁରିଷ୍ଟ ଗାଇଡ୍‌ମାନଙ୍କୁ ପେନସନ ଦେବାର ବ୍ୟବସ୍ଥା କରିବା ପାଇଁ ସରକାରଙ୍କୁ ଅନୁରୋଧ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ରାଜ୍ୟପାଳ ଶ୍ରୀ ଦାସ ପର୍ଯ୍ୟଟନ ରତ୍ନ ସମ୍ମାନ ଡ. ଜିତେନ୍ଦ୍ର କୁମାର ମହାନ୍ତିଙ୍କୁ ପ୍ରଦାନ କରିବା ସହ ସଞ୍ଜୀବ ପଟ୍ଟନାୟକ, ଶ୍ରୀକାନ୍ତ ମିଶ୍ର, କେ. ବଦ୍ରୀନାରାୟଣ ସୁବୁଦ୍ଧି ଓ ବଙ୍କିମ କୁମାର ମିତ୍ରଙ୍କୁ ପର୍ଯ୍ୟଟନ ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା।

## ଥାଲାସେମିଆ ରୋଗରେ ପୀଡ଼ିତ ଶିଶୁଙ୍କ ଚିକିତ୍ସା ପାଇଁ ୫୦ହଜାର ଟଙ୍କାର ଅନୁଦାନ ମଂଜୁର କଲେ ରାଜ୍ୟପାଳ

ଭୁବନେଶ୍ୱର, ୨୮।୯(ମହାଭାରତ): ଥାଲାସେମିଆ ରୋଗରେ ପୀଡ଼ିତ ଶିଶୁ ସୁବ୍ରତଙ୍କ ଚିକିତ୍ସା ପାଇଁ ରାଜ୍ୟପାଳ ରଘୁବର ଦାସ ୫୦ ହଜାର ଟଙ୍କାର ଆର୍ଥିକ ଅନୁଦାନ ମଂଜୁର କରିଛନ୍ତି। ସୂଚନାଯୋଗ୍ୟଯେ ଚଳିତ ସେପ୍ଟେମ୍ବର ୨୮ ତାରିଖ ଶନିବାର ଦିନ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟପାଳ ରାଜଭବନକୁ ଫେରୁଥିବା ବେଳେ ଜଣେ ମହିଳା ରାସ୍ତା କଡ଼ରେ ଛିଡ଼ାହୋଇ କାଗଜ ଦେଖାଇ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରିଥିଲେ। ଏହି ଘଟଣାରେ ରାଜ୍ୟପାଳଙ୍କ ସୁରକ୍ଷାକର୍ମୀ ଉକ୍ତ ମହିଳାଙ୍କ ଠାରୁ କାଗଜାତ ସଂଗ୍ରହ କରି ରାଜଭବନରେ ଦାଖଲ କରିଥିଲେ। ଉକ୍ତ ମହିଳା ନୟାଗଡ଼ ଜିଲ୍ଲାର ଶରଣକୁଳ ଅନ୍ତର୍ଗତ ଶଙ୍ଖେଇ ଗ୍ରାମର ଟୁନିଆ ମୁଦୁଲି (ସ୍ୱାମୀ- ସନ୍ତୋଷ କୁମାର ମୁଦୁଲି) ବୋଲି ଜଣା ପଡିଥିଲା। ଉକ୍ତ ମହିଳାଙ୍କ ଶିଶୁ ପୁତ୍ର ସୁବ୍ରତ (ପ୍ରାୟ ୫ବର୍ଷ ୪ମାସ) ଥାଲାସେମିଆ ରୋଗରେ ପୀଡ଼ିତ ଥିବା ଏବଂ ଟୁନିଆ ମୁଦୁଲିଙ୍କର ଦୁଃଖ ଜାଣି ରାଜ୍ୟପାଳ ଶ୍ରୀ ଦାସ ଶିଶୁ ସୁବ୍ରତଙ୍କର ଚିକିତ୍ସା ନିମନ୍ତେ ୫୦ ହଜାର ଟଙ୍କାର ଆର୍ଥିକ ଅନୁଦାନ ମଂଜୁର କରିଛନ୍ତି ଏବଂ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ପୁଲିସ୍ ବ୍ୟବସ୍ଥାର ଆଧୁନିକୀକରଣ ଓ ସୁଦୃଢୀକରଣ ଉପରେ ଆଲୋଚନା ଚକ୍ର

ଭୁବନେଶ୍ୱର, ୨୮।୯(ମହାଭାରତ): ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ସମ୍ମିଳନୀକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦଘାଟନ କରିବା ରେ ଆଜିର ପ୍ରଥମ ଅଧିବେଶନରେ ରାଜ୍ୟର ଆଇନ୍ ଶୃଙ୍ଖଳା ପରିସ୍ଥିତି ଏବଂ ଆଗାମୀ ଦିନର ଆହ୍ୱାନକୁ ମୁକାବିଲା କରିବା ସହିତ ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟ ସାଧନ ସଙ୍ଗେ ସଙ୍ଗେ ପୁଲିସ୍ ବ୍ୟବସ୍ଥାର ଆଧୁନିକୀକରଣ ଓ ସୁଦୃଢୀକରଣ ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୂର ଖୁରାନିଆ, ଗୁଇନ୍ଦା ବିଭାଗ ନିର୍ଦ୍ଦେଶକ ଶ୍ରୀ ସୌମେନ୍ଦ୍ର ପ୍ରିୟଦର୍ଶୀ ଯୋଗଦେଇ ଜିଲ୍ଲାପ୍ରଶାସନ ଓ ପୋଲିସ୍ ପ୍ରଶାସନ ମଧ୍ୟରେ ସୁସମନ୍ୱୟ ରକ୍ଷା କରି ଗୁରୁତ୍ୱପୂର୍ଣ୍ଣ ଆଇନ୍ ଶୃଙ୍ଖଳା ରକ୍ଷା ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ପୂର୍ବକ ପରାମର୍ଶ ଦେଇଥିଲେ । ଆଲୋଚନା ପ୍ରସଙ୍ଗରେ ଅନୁଗୋଳ ଜିଲ୍ଲାପାଳ ଏମ୍. ଅକତାର ଏବଂ ଗଞ୍ଜାମ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ଜଗମୋହନ ମୀନା ଯୋଗଦେଇ ଏ କ୍ଷେତ୍ରରେ ନିଜ ନିଜର ଅଭିଜ୍ଞତା ଉପସ୍ଥାନ କରିଥିଲେ ।

# ଗାଁରେ ଖୋଲିବ ମିଶନ ଶକ୍ତି ରିଟେଲ୍ ମାର୍ଟ

**ଭୁବନେଶ୍ୱର,୨୮/୦୯ (ସ୍ୱାଧିକାର ନ୍ୟୁଜ) :** ନିର୍ବାଚନ ପରଠାରୁ ଧିମେଇ ଯାଇଥିବା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚଜି) ପୁଣି ସକ୍ରିୟ ହେବେ। ବିରୋଧୀ ଦଳ ବାରମ୍ବାର ଏ ପ୍ରସଙ୍ଗରେ ସରକାରଙ୍କୁ ଟାର୍ଗେଟ୍ କରୁଥିଲା । ନୂଆ ସରକାର 'ସୁଭଦ୍ରା' ଯୋଜନା ପରେ ଏସ୍‌ଏଚଜିକୁ ଭୁଲି ଗଲେ ବୋଲି କହୁଥିଲେ। କିନ୍ତୁ ସରକାର ବିରୋଧୀଙ୍କୁ ଚୁପ୍ କରିବାକୁ ବଡ଼ ଯୋଜନା କରିଛନ୍ତି। ଏଚ୍‌ଏସଜିକୁ ପୁଣି ଫୋକସ୍ କରିବେ। ଗାଁ ଓ ସହରରେ ମିଶନ ଶକ୍ତି ରିଟେଲ ମାର୍ଟ ଖୋଲିବେ। ପ୍ରଥମ ପର୍ଯ୍ୟାୟରେ ୨୬୫୬ଟି ରିଟେଲ ମାର୍ଟ ଖୋଲିବାକୁ ଯୋଜନା ହୋଇଛି। ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଏହାକୁ ପରିଚାଳନା କରିବେ।



ଏସ୍‌ଏଚଜି ଫେଡେରେସନକୁ ଏହାର ଦାୟିତ୍ୱ ଦିଆଯିବ। ଅଗଷ୍ଟ ସୁଦ୍ଧା ଏହି ମାର୍ଟ ଖୋଲିବାକୁ ଯୋଜନା ଥିଲା । କିନ୍ତୁ ଏହା ଖୋଲିନଥିବାରୁ ସବୁ ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ବିଡିଓଙ୍କୁ ଚିଠି ଲେଖି କଡ଼ା ତାଗିଦ୍ କରିଛନ୍ତି ମିଶନ ଶକ୍ତି ବିଭାଗର ସଚିବ ଶାଳିନୀ ପଣ୍ଡିତ। ତତ୍କାଳ କାମ ଆରମ୍ଭ ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚଜି)କୁ ଏସ୍‌ଏମଇ(କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଉଦ୍ୟୋଗ)ରେ ପରିଣତ ପାଇଁ ନୂଆ ସରକାର ଅଣ୍ଟା ଭିଡ଼ିଛନ୍ତି । ଏଥିପାଇଁ ମିଶନ ମୋଡ୍ରେ କାମ କରିବାକୁ କୁହାଯାଇଛି। ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ଉଦ୍ୟୋଗୀ କରିବାକୁ ଯୋଜନା ହୋଇଛି । ମହିଳାଙ୍କୁ ନିଜ ଅଞ୍ଚଳରେ ରୋଜଗାର ଦେଇ ଆତ୍ମନିର୍ଭରଶୀଳ କରାଯିବ। ଏଥିପାଇଁ ବିସ୍ତୃତ ଏସ୍‌ଓପି ତିଆରି ହୋଇଛି। ଗାଁ ଓ ସହରରେ ଭିଡ଼ ହେଉଥିବା ସ୍ଥାନରେ ଏହି ମାର୍ଟ ଖୋଲାଯିବ। ଏଠାରେ ଦୈନିକ ଆବଶ୍ୟକ ଥିବା ସାମଗ୍ରୀ, ସ୍ଥାନୀୟ ଅଞ୍ଚଳରେ ଉତ୍ପାଦିତ ସାମଗ୍ରୀ, ଏସ୍‌ଏଚଜି ଦ୍ୱାରା ପ୍ରସ୍ତୁତ ସାମଗ୍ରୀ, ରାସନ ସାମଗ୍ରୀ ଓ ଖାଦ୍ୟ, କସମେଟିକସ୍, ଥଣ୍ଡା ପାନୀୟ, ଅଫିସ ଉପକରଣ ଓ ଘରୋଇ ଉପକରଣ ବିକ୍ରି ହେବ। ବ୍ୟବହାର ନ ହୋଇ ପଡ଼ି ରହିଥିବା ସରକାରୀ କୋଠା, ଅଫିସ୍ ଓ ମାର୍କେଟ୍ କମ୍ପ୍ଲେକ୍ସରେ ଏହି ମାର୍ଟ ଖୋଲିବ। ଯେଉଁଠି ସ୍ଥାନର ଅଭାବ ଥିବ ସେଠାରେ ପଞ୍ଚାୟତ ଅଫିସରେ ଏହାକୁ ଖୋଲି ହେବ।

ତେବେ ରିଟେଲ ମାର୍ଟ ଆବଣ୍ଟନ ପାଇଁ ମଧ୍ୟ ସ୍ୱଚ୍ଛ ପ୍ରକ୍ରିୟା ଆପଣାଯିବ। କାହା ଲବିରେ ବା କାହାକୁ ଅନୁକମ୍ପା ଦେଖାଇ ଏହି ମାର୍ଟ ଆବଣ୍ଟନ କରାଯିବନି। ଏସ୍‌ଏଚଜି ଫେଡେରେସନ ଏହାକୁ ନେବାକୁ ଚାହିଁଲେ ଏକ୍ସପ୍ରେସନ ଅଫ୍ ଇଣ୍ଟ୍ରେଷ୍ଟ(ଇଓଆଇ) ମଗାଯିବ। ଯୋଗ୍ୟ ଏସ୍‌ଏଚଜି ଫେଡେରେସନକୁ ବାଛି ରିଟେଲ ମାର୍ଟକୁ ଏହାର ପରିଚାଳନା ଦାୟିତ୍ୱ ଦିଆଯିବ। ସେହିଭଳି ବିଡିଓ ଏବଂ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ(ଇଓ) ଏହି ମାର୍ଟ ପାଇଁ ଜାଗା ଯୋଗାଇବା ସହ ଏହାର ଇଣ୍ଟେରିଅର କାମ କରାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତି ମାର୍ଟର ଇଣ୍ଟେରିଆର ପାଇଁ ପ୍ରାୟ ଦେ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଗତ ସରକାର ସମୟରେ ଏହି ମିଶନ ଶକ୍ତି ରିଟେଲ ମାର୍ଟ ଖୋଲିବାକୁ ଯୋଜନା ଥିଲା ଯ କିନ୍ତୁ ଏହି ଯୋଜନା ଆଗକୁ ବି ପାରିନଥିଲା। ଏବେ ଏହାକୁ ତତ୍କାଳ କାର୍ଯ୍ୟକ୍ଷମ ପାଇଁ ନୂଆ ସରକାର ଅଣ୍ଟା ଭିଡ଼ିଛନ୍ତି। ନୂଆ ବର୍ଷ ସୁଦ୍ଧା ଏହି ମାର୍ଟ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳିଛି।

## ଲତା ମଙ୍ଗେସକରଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କଲେ ରାଜ୍ୟପାଳ

**ଭୁବନେଶ୍ୱର, ୨୮।୯ (ମହାଭାରତ):** ଲତା ମଙ୍ଗେସକରଙ୍କ ସ୍ମୃତିଚାରଣ କରିଛନ୍ତି ରାଜ୍ୟପାଳ ରଘୁବର ଦାସ । ସୋସିଆଲ ମିଡିଆ ଏକ୍ସରେ ରାଜ୍ୟପାଳ କହିଛନ୍ତି ଯେ, ସ୍ୱର କୋକିଳ, ସଙ୍ଗୀତ ଜଗତର ଅମୂଲ୍ୟ ରତ୍ନ, ଭାରତ ରତ୍ନ ଲତା ମଙ୍ଗେସକରଙ୍କ ଜୟନ୍ତୀ ଅବସରରେ କୋଟି କୋଟିପ୍ରଣାମ। ଲତା ଦିଦିଙ୍କ ସୁମଧୁର ସ୍ୱର ଓ ତାଙ୍କ ଗୀତ ସର୍ବଦା ପ୍ରତିଭାରତୀୟଙ୍କ ମନକୁ ଲୋଭାଉଥିବ ।

## ଭଗତ ସିଂହଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କଲେ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୨୮।୯(ମହାଭାରତ): ସ୍ୱାଧୀନତା ସଂଗ୍ରାମୀ ଭଗତ ସିଂହଙ୍କ ସ୍ମୃତିଚାରଣ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସୋସିଆଲ ମିଡିଆ ଏକ୍ସରେ ଯୁବାବସ୍ଥାରେ ହିଁ ନିଜ ଦେଶଭକ୍ତିରେ ବ୍ରିଟିଶ ଶାସନର ମୂଳଦୁଆକୁ ହଲାଇ ଦେଇଥିବା ମହାନ ସ୍ୱାଧୀନତା ସଂଗ୍ରାମୀ ସରଦାର ଭଗତ ସିଂହ ପୂରା ଦେଶକୁ ବ୍ରିଟିଶମାନଙ୍କ ବିରୁଦ୍ଧରେ ଏକଜୁଟ କରିଥିଲେ । ଭାରତ ମାତାକୁ ପରାଧୀନ ବେଡିରୁ ମୁକ୍ତ କରିବା ପାଇଁ ଭଗତ ସିଂ ହସି ହସି ନିଜ ଜୀବନର ବଳିଦାନ ଦେଇଥିଲେ । ତାଙ୍କର ଏହି ସର୍ବସ୍ୱ ସମର୍ପଣ କୋଟି କୋଟି ଦେଶବାସୀଙ୍କ ହୃଦୟରେ ସ୍ୱାଧୀନତାର ନିଆଁ ଜାଗ୍ରତ କରିଥିଲା । ମାତୃଭୂମି ପ୍ରତି ତାଙ୍କର ଏହି ସର୍ବୋଚ୍ଚ ବଳିଦାନ ଆମ ସମସ୍ତଙ୍କୁ ଦେଶସେବା ପାଇଁ ସର୍ବଦା ପ୍ରେରଣା ଯୋଗାଉଥିବ । ଏଭଳି ବୀର ଦେଶଭକ୍ତ ଓ ଦେଶନାୟକଙ୍କ ଜୟନ୍ତୀ ଅବସରରେ ତାଙ୍କୁ କୋଟି କୋଟି ପ୍ରଣାମ ।

# ଆଦିବାସୀଙ୍କର ବିକାଶ ପାଇଁ ଆହୁରି ଆମକୁ ସଂଗ୍ରାମ କରିବାକୁ ପଡିବ: ନବୀନ

**ଭୁବନେଶ୍ୱର ୨୮।୯ (ମହାଭାରତ):** ଶଙ୍ଖ ଭବନରେ ଆୟୋଜିତ ରାଜ୍ୟ ବିଜେଡି ଅନୁସୂଚିତ ଜାତି ଓ ଜନଜାତି ସାଂଗଠନିକ ସମ୍ମିଳନୀରେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଯୋଗ ଦେଇ ରାଜ୍ୟ ଆଦିବାସୀ ନେତୃମଣ୍ଡଳୀଙ୍କ ସହ ସଂଗଠନ ବିଷୟରେ ସିଧାସଳଖ ଆଲୋଚନା କରିଛନ୍ତି । ଏହି ସଭାରେ ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଷାନ, ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି, ବିଧାୟକ ମନୋହର ରାନ୍ଧାରୀ, ପୂର୍ବତନ ସାଂସଦ ପ୍ରଦୀପ ମାଝୀ, ପୂର୍ବତନ ମନ୍ତ୍ରୀ ରମେଶ ମାଝୀ, ରାଜ୍ୟସଭା ସାଂସଦ ନିରଂଜନ ବିଶି, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ସାରକା, ପୂର୍ବତନ ବିଧାୟକ ଝିନ୍ନ ହିକାକା, ପୂର୍ବତନ ବିଧାୟକ ସାନନ୍ଦ ମାରାଣ୍ଡି, ଦେବାଶିଷ ମାରାଣ୍ଡି, ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ, ବାସନ୍ତୀ ହେମ୍ବ୍ରମ ପ୍ରମୁଖ ଯୋଗଦେଇ ଆଦିବାସୀମାନେ କିଭଳି ଦଳ ସହ ଅଧିକରୁ ଅଧିକ ଯୋଡି ହେବେ ସେ ନେଇ ନିଜ ନିଜର ମତାମତ ପ୍ରକାଶ କରିଥିଲେ ।



ଏହି ସଭାରେ ଶ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରି ବିଭିନ୍ନ ନେତାମାନେ କହିଥିଲେ ଯେ, ଆଦିବାସୀ ପରମ୍ପରାକୁ ରକ୍ଷା କରିବା ପାଇଁ ଆପଣ ବହୁତ କାମ କରିଛନ୍ତି । ୬ଲକ୍ଷ ୫୦ ହଜାର ପିଲା ଆଜି ହଷ୍ଟେଲରେ ରହି ପାଠ ପଢୁଛନ୍ତି । ୨୩ଟି ଜିଲ୍ଲାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିଥିଲେ । ଯାହା ଦ୍ୱାରା ଆଦିବାସୀମାନେ ସେମାନଙ୍କ ସଂସ୍କୃତି ଓ ପରାମ୍ପରାକୁ ବଜାୟ ରଖିବା ପାଇଁ ବହୁ ସହଯୋଗ କରିଥିଲା ।

ଏହି ସଭାରେ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ କହିଲେ, ଆମର ଲମ୍ବା ସରକାର ସମୟରେ ଆଦିବାସୀ ଭାଇଭଉଣୀମାନଙ୍କ ପାଇଁ ବହୁତ କାମ କରିଥିଲେ । ହସ୍ପିଟାଲ, ସ୍କୁଲ, କଲେଜ, କୃଷକମାନଙ୍କ ପାଇଁ ବହୁତ କାମ କରାଯାଇଛି । ଯାହାକି ଆଦିବାସୀ ଭାଇଭଉଣୀମାନେ ବିଜେଡିକୁ ସବୁ ବେଳେ ପାଇଁ ମନେ ରଖିବେ । ଆହୁରି ଅଧିକ କିଭଳି ଆଦିବାସୀ ଲୋକଙ୍କ ଉନ୍ନତି ହେବ ତାହା ମୋ ହୃଦୟରେ ରହିଛି । ଆପଣମାନେ ଏକାଠି ହୋଇ ରହି ବହୁତ ପରିଶ୍ରମ କଲେ ସବୁ ଠିକ୍ ହେବ ।

ପୂର୍ବତନ ମନ୍ତ୍ରୀ ତଥା ବିଜେଡି ସମନ୍ୱୟ କମିଟି ଅଧକ୍ଷ ଶ୍ରୀ ଦେବୀ ପ୍ରସାଦ ମିଶ୍ର କହିଥିଲେ "ଆଦିବାସୀ ଅଧ୍ୟୁଷିତ ଅଂଚଳରେ ଆପଣମାନେ ବିଜୁ ଜନତା ଦଳ ସଂଗଠନକୁ କିଭଳି ଅଧିକରୁ ଅଧିକ ମଜଭୁତ କରିବେ । ସେଥିପାଇଁ ରୋଡମ୍ୟାପ ପ୍ରସ୍ତୁତ କରନ୍ତୁ । ସମସ୍ତ ପ୍ରକାର ସହଯୋଗ ରାଜ୍ୟ ବିଜୁ ଜନତା ଦଳ ପକ୍ଷରୁ ଯୋଗାଇ ଦିଆଯିବ । । ଏହିସଭାକୁ ବିଜୁ ଜନତା ଦଳ ଗଣମାଧ୍ୟମ ସଂଯୋଜକ ଡଃ ପ୍ରିୟବ୍ରତ ମାଝୀ ସଂଚାଳନା କରିବା ସହ ଆଦିବାସୀମାନଙ୍କ ପାଇଁ ବିଭିନ୍ନ ବିକାଶମୂଳକ କାର୍ଯ୍ୟକୁ ଗ୍ରାଫିକ୍ସ ଜରିଆରେ ସୂଚନା ପ୍ରଦାନ କରିଥିଲେ ।

## 'ମାଣିଆବନ୍ଧ' ଶ୍ରେଷ୍ଠ ପର୍ଯ୍ୟଟନ ଗ୍ରାମ

**ଭୁବନେଶ୍ୱର, ୨୮।୯ (ମହାଭାରତ) :** ଶ୍ରେଷ୍ଠ ପର୍ଯ୍ୟଟନ ଗ୍ରାମ ପ୍ରତିଯୋଗିତାରେ ପୁରସ୍କୃତ ହୋଇଛି ଓଡ଼ିଶାର ମାଣିଆବନ୍ଧ ଗାଁ। ବୟନଶିଳ୍ପୀ କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା କଟକ ଜିଲ୍ଲାର ମାଣିଆବନ୍ଧ ଗାଁକୁ ଶ୍ରେଷ୍ଠ ପର୍ଯ୍ୟଟନ ଗ୍ରାମ ଭାବେ ପୁରସ୍କୃତ କରାଯାଇଛି। ମୁଖ୍ୟମନ୍ତ୍ରୀ ଏକ୍ସରେ ଲେଖିଛନ୍ତି, ଓଡ଼ିଶାରେ ହସ୍ତଶିଳ୍ପ ମଧ୍ୟରେ ବୟନଶିଳ୍ପ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରେ। କଟକ ଜିଲ୍ଲାର ମାଣିଆବନ୍ଧ ଶାଢ଼ୀ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଭାରତ ସରକାରଙ୍କ ପର୍ଯ୍ୟଟନ ବିଭାଗ ତରଫରୁ ହସ୍ତଶିଳ୍ପ ବର୍ଗରେ ମାଣିଆବନ୍ଧ ଗ୍ରାମ ଶ୍ରେଷ୍ଠ ପର୍ଯ୍ୟଟନ ଗ୍ରାମର ମାନ୍ୟତା ପାଇଥିବାରୁ ଗ୍ରାମବାସୀଙ୍କୁ ଶୁଭେଚ୍ଛା ଜଣାଉଛି।

## ହୋଟେଲରେ ଯୁବକଙ୍କ ଉନ୍ମତ୍ତକାଣ୍ଡ

**ଭୁବନେଶ୍ୱର :** ଭୁବନେଶ୍ୱର ନୟାପଲ୍ଲୀ ଥାନାଠାରୁ ମାତ୍ର ୨ଶହ ମିଟର ଦୂରରେ ଥିବା ଏକ ହୋଟେଲରେ ଦୁଇ ଯୁବକ ଲଙ୍କାକାଣ୍ଡ ଭିଆଇଛନ୍ତି। ଅଭିଯୋଗ ଆଧାରରେ ନୟାପଲ୍ଲୀ ଥାନା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ନିଶାଶକ୍ତ ଦୁଇ ଅଭିଯୁକ୍ତ ଯୁବକ ଭୋଇ ସାହି ଛକରେ ଥିବା ହୋଟେଲରେ ପଶି ଜୋର୍ ଜବରଦସ୍ତି ଖାଦ୍ୟ ଖାଇଥିଲେ। ହୋଟେଲ ମାଲିକାଣୀ ପ୍ରତିବାଦ କରିବାରୁ ତାଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ହୋଟେଲ କର୍ମଚାରୀଙ୍କୁ ଭୋଇ ସାହି ପିଲାଙ୍କୁ ଲଗାଇ ନିସ୍ତୁକ ମାଡ଼ ମଧ୍ୟ ମାରିଥିଲେ। ଏନେଇ ନୟାପଲ୍ଲୀ ଥାନାରେ ହୋଟେଲ ପକ୍ଷରୁ ଅଭିଯୋଗ ହୋଇଛି। ପୁଲିସ ଅଭିଯୁକ୍ତ ମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

# ସମସ୍ତ ବିଭାଗ ସହିତ ଉପଯୁକ୍ତ ସମନ୍ୱୟରକ୍ଷା ପାଇଁ ପରାମର୍ଶ

ଭୁବନେଶ୍ୱର, ୨୮।୯(ମହାଭାରତ): ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତିର ସୁରକ୍ଷା କ୍ଷେତ୍ରରେ ସମ୍ପୃକ୍ତ ବିଭିନ୍ନ ବିଭାଗ ସହିତ ସୁସମନ୍ୱୟର ଆବଶ୍ୟକତା ରହିଛି । ଏହାର ସଫଳ କାର୍ଯ୍ୟକାରିତା ପାଇଁ ତ୍ରୟ ମାସିକ ବୈଠକ ଆୟୋଜନ କରିବା ଉଚିତ ବୋଲି ଆଜି ସ୍ଥାନୀୟ କନଭେନସନ ହଲରେ ଆୟୋଜିତ ଜିଲ୍ଲାପାଳ ଓଆରକ୍ଷୀ ଅଧିକ୍ଷକଙ୍କ ମିଳିତ ସମ୍ମିଳନୀରେ ମତ ପ୍ରକାଶ ପାଇଛି । ଏହି ତ୍ରୟ ମାସିକ ବୈଠକରେ ଜିଲ୍ଲାପାଳ ଏବଂ ଏସପିଙ୍କ ସମେତ ବିଡ଼ିଓ, ତହସିଲଦାର, ଏସଡିପିଓ ଓ ଥାନା ଅଧିକାରୀଙ୍କୁ ସାମିଲ କରାଗଲେ ଅନେକ ସମସ୍ୟାର ସମାଧାନ ହୋଇପାରିବ ଏବଂ ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହଜ ହେବ ବୋଲି ବରିଷ୍ଠ ପୋଲିସ ଅଧିକାରୀଗଣ ବୈଠକରେ ମତବ୍ୟକ୍ତ କରିଥିଲେ ।

ଆଭ୍ୟନ୍ତରୀଣ ସୁରକ୍ଷା, ଶିଳ୍ପ ଓ ଖଣିର ବେଆଇନ ଉତ୍ତୋଳନ, ବିଦେଶୀ ଅନୁପ୍ରବେଶ, ବିଶିଷ୍ଟ ବ୍ୟକ୍ତିଙ୍କ ସୁରକ୍ଷା, ଆନ୍ତଃ-ରାଜ୍ୟ ସୀମା ବିବାଦ, ସାଧାରଣ ଲୋକଙ୍କ ଦୀର୍ଘ ଦିନର ଦାବି, ସଡକ ଦୁର୍ଘଟଣା ଜନିତ ରାସ୍ତା ଅବରୋଧ ଓହିଂସା, ବନ୍ୟାପ୍ରାଣୀ-ମନୁଷ୍ୟ ବିବାଦ ଆଦି କ୍ଷେତ୍ରରେ ହଠାତ ଉତ୍ତେଜନା ହେତୁ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ଥାଏ । ଏହିଭଳି ଅଘଟଣକୁ ଏଡ଼ାଇବାକୁ ହେଲେ ଉଭୟ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକ ମିଳିତ ଭାବେ କାର୍ଯ୍ୟ କରିବା ଉଚିତ।

ଏହି ବୈଠକରେ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୂର ଖୁରାନିଆ, ଗୁଇନ୍ଦା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ ପ୍ରମୁଖ ଉପସ୍ଥିତ ଥିଲେ । ଗଞ୍ଜାମ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଜଗମୋହନ ମୀନା ଏବଂ ଅନୁଗୋଳ ଜିଲ୍ଲାପାଳ ଏ.ଏମ. ଅଖତାର ନିଜ ଅଭିଜ୍ଞତା ଉପସ୍ଥାପନ କରିଥିଲେ ।

# ଟ୍ରେଡିଂ ନାଁରେ ୧୦ କୋଟି ଠକେଇ

**ଭୁବନେଶ୍ୱର, ୨୮।୯ (ମହାଭାରତ):** ଟ୍ରେଡିଂ ନାଁରେ ଡାକ୍ତରଙ୍କୁ ଠକେଇ। ଆଉ ଚଳୁ ହୋଇଗଲା ୧୦ କୋଟିରୁ ଅଧିକ ଟଙ୍କା। ନାମ ନେଲା ପରେ ଡାକ୍ତର ଭୁବନେଶ୍ୱର ସାଇବର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ସାଇବର ଥାନା ପୁଲିସ୍ ଆଜି ଦୁଇ ସାଇବର ଠକଙ୍କୁ ରାଜସ୍ଥାନରୁ ଗିରଫ କରିଛି। ଏଥିସହ ସେମାନଙ୍କ ଆକାଉଣ୍ଟରେ ଥିବା ୫ ଲକ୍ଷ ଟଙ୍କା ଫ୍ରିଜ୍ କରିଛି ପୁଲିସ୍। ଗିରଫ ଦୁଇ ଅଭିଯୁକ୍ତ ହେଲେ ରାଜସ୍ଥାନ ଚୁରୁ ଜିଲ୍ଲା ରତନ ନଗର ଥାନା ଅଞ୍ଚଳର ନବୀନ କୁମାର ଜାହାଙ୍ଗିର ଓ ମୁକେଶ କୁମାର ସିଲା। ଉଭୟ ପାଠ ପଢୁଛନ୍ତି। ନବୀନ ବିଏ ପଢୁଥିବା ବେଳେ ମୁକେଶ ଯୁକ୍ତ ୨ରେ ପାଠ ପଢୁଛନ୍ତି। ଏମାନଙ୍କ କାମ ହେଲା ଠକେଇ କରିବା। ଟ୍ରେଡିଂ ନାଁ ଲୋଭ ଦେଖାଇ ଲିଙ୍କ ପଠାଉଥିଲେ ଓ ଆଉ ଟଙ୍କା ଇନଭେଷ୍ଟ ହେବା ପରେ ଆଖି ପିଛୁଳାକେ ଆକାଉଣ୍ଟ ଖୋଲ କରିଦେଉଥିଲେ। ନବୀନ ଓ ମୁକେଶଙ୍କ ଏହି ଟ୍ରେଡିଂ ଜାଲରେ ପଡ଼ିଥିଲେ ଭୁବନେଶ୍ୱର କସ୍ମୋପଲିରେ ରହୁଥିବା ଜଣେ ଡାକ୍ତର।



ଅଭିଯୋଗ ଅନୁସାରେ ଡାକ୍ତରଙ୍କ ମୋବାଇଲ ହ୍ୱାଟ୍ସଆପରୁ ଏକ ଟ୍ରେଡିଂ ଆପ୍ଲିକେସନ୍ ଲିଙ୍କ ଆସିଥିଲା। ଟଙ୍କା ବିନିଯୋଗ କଲେ ଅଧିକ ମିଳିବ ବୋଲି ଲୋଭନୀୟ ଅଫର ଦିଆଯାଇଥିଲା। ଏହା ପରେ ଡାକ୍ତର ୧୨୧ରେ ଫୋନ୍ କରିଥିଲେ। ଆଉ ସେହି ଫୋନ୍ ଉଠାଇଥିଲେ ନବୀନ ଓ ମୁକେଶ। ଏଚଡ଼ିଏଫସି ସିକ୍ୟୁରିଟି ହାଏ ନେଟ୍‌ୱର୍କ ଇନଭେଷ୍ଟର ପ୍ରୋଗ୍ରାମରେ ଟଙ୍କା ବିନିଯୋଗ କରିବା ପାଇଁ କହିଥିଲେ। ସେମାନଙ୍କ କଥାକୁ ମାନି ଓ କୌଣସି ତର୍ଜମା ନକରି ଡାକ୍ତର ସେହି ନକଲି ଟ୍ରେଡିଂ ଆପ୍ଲିକେସନରେ ୮୭ ଲକ୍ଷ ୮୩ ହଜାର ୬୩୦ ଟଙ୍କା ବିନିଯୋଗ କରିଥିଲେ। ଟଙ୍କା ବିନିଯୋଗ କରିବା ପରେ ୧୦ କୋଟି ୩୮ ଲକ୍ଷ ୯୬ ହଜାର ଟଙ୍କା ମିଳିବ ବୋଲି ଦେଖିବାକୁ ମିଳିଥିଲା।

ଅଳ୍ପ ସମୟରେ ଏତେ ଟଙ୍କା ହୋଇଥିବା ଦେଖି ଡାକ୍ତର ମହାଶୟଙ୍କ ଲୋଭ ହୋଇଥିଲା। ଆଉ ଟଙ୍କା ଉଠାଇବାକୁ ଚାହିଁଥିଲେ। ହେଲେ ଚତୁର ନବୀନ ଓ ମୁକେଶ ଟଙ୍କା ଉଠାଇବାକୁ ଦେଇନଥିଲେ। ୩୦ ଲକ୍ଷ ଟଙ୍କା ମାଗିଥିଲେ। ଏଥିସହ ଡାକ୍ତରଙ୍କ ସବୁ ଟଙ୍କା ନିଜର ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରିଦେଇଥିଲେ ନବୀନ ଓ ମୁକେଶ। ଏହା ପରେ ଡାକ୍ତର ଫ୍ରଡ଼ରେ ଶିକାର ହୋଇଥିବା ଜାଣି ଅଗଷ୍ଟ ୧୭ ତାରିଖରେ ସାଇବର ଥାନାରେ ଲିଖିତ ଅଭିଯୋଗ କରିଥିଲେ।ସାଇବର ଥାନା ପୁଲିସ୍ ଅଭିଯୋଗକୁ ଭିତ୍ତିକରି ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ସାଇବର ଠକ ନବୀନ ଓ ମୁକେଶ ରାଜସ୍ଥାନରେ ବସିଥିବା ଜାଣିବାକୁ ପାଇଥିଲା। ତା'ପରେ ସାଇବର ଥାନା ପୁଲିସର ୩ ଜଣିଆ ଟିମ୍ ରାଜସ୍ଥାନ ଯାଇଥିଲା।

## କବିବର ରାଧାନାଥ ରାୟଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : କବିବର ରାଧାନାଥ ରାୟଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଧୁନିକ ସାହିତ୍ୟର ମଉଡ଼ମଣି ତଥା ଯୋଗଜନ୍ମା ସାରସ୍ୱତ ସାଧକ କବିବର ରାଧାନାଥ ରାୟଙ୍କ ଜୟନ୍ତୀରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି। ଓଡ଼ିଆ ସାହିତ୍ୟର ଶ୍ରୀବୃଦ୍ଧି ଓ ଓଡ଼ିଆ ଭାଷାକୁ ଶ୍ରେଷ୍ଠସ୍ଥାନ ଦେବାରେ ତାଙ୍କ ଅବଦାନ ଯୁଗ ଯୁଗ ପାଇଁ ମନେ ରହିବ।

## ଶହୀଦ ଭଗତ ସିଂହଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ଶହୀଦ ଭଗତ ସିଂହଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଭାରତ ମା'ର ବୀର ସୁପୁତ୍ର, ମହାନ କ୍ରାନ୍ତିକାରୀ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଭଗତ ସିଂହଙ୍କ ଜୟନ୍ତୀ ଅବସରରେ ବିନମ୍ର ଶ୍ରଦ୍ଧାଞ୍ଜଳି। ତାଙ୍କ କାମ ପାଇଁ ଭାରତୀୟ ମାନେ ଆଜିବି ପ୍ରେରିତ ହେଉଛନ୍ତି ଏବଂ ତାଙ୍କ ପ୍ରେରଣାରେ କାର୍ଯ୍ୟ କରୁଛନ୍ତି।

# ରାଜ୍ୟ ଯୁବମୋର୍ଚ୍ଚା ପକ୍ଷରୁ ସଦସ୍ୟତା ଅଭିଯାନ କର୍ମଶାଳା

ଭୁବନେଶ୍ୱର, ୨୮।୯(ମହାଭାରତ): ଭାରତୀୟ ଜନତା ପାର୍ଟି ବିଶ୍ୱର ସବୁଠୁ ବଡ଼ ରାଜନୈତିକ ଦଳ । ଏହି ଦଳର ସଦସ୍ୟ ସଂଖ୍ୟା ଏବେ ୧୮ କୋଟିରୁ ଉର୍ଦ୍ଧ୍ୱ । ଏହି ଦଳ ରାଷ୍ଟ୍ରବାଦ, ଜାତୀୟତାବାଦରେ ବିଶ୍ୱାସ କରେ । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଜେପି ଓ ଦେଶ ଦିନକୁ ଦିନ ଆଗକୁ ବଢ଼ିବାରେ ଲାଗିଛି । ବର୍ତ୍ତମାନ ସାରା ବିଶ୍ୱର ଅର୍ଥନୀତି ତଳକୁ ଖସୁଥିବାବେଳେ ମୋଦିଜୀଙ୍କ ନେତୃତ୍ୱରେ ଭାରତର ଅର୍ଥନୀତି ବଢ଼ିଛି । ତାଙ୍କ ନେତୃତ୍ୱରେ ଭାରତ ବ୍ରିଟେନକୁ ପଛରେ ପକାଇ ବିଶ୍ୱ ଅର୍ଥବ୍ୟବସ୍ଥାରେ ୧୧ତମ ସ୍ଥାନରୁ ପଂଚମ ସ୍ଥାନକୁ ଉଠିପାରିଛି । ଆଗାମୀ ଦିନରେ ଭାରତ ତୃତୀୟ ସର୍ବବୃହତ ଅର୍ଥବ୍ୟବସ୍ଥାରେ ପରିଣତ ହେବାକୁ ଯାଉଛି । ମୋଦିଜୀ "୨୦୪୭ ବିକଶିତ ଭାରତ" ଓ "୨୦୩୬ ବିକଶିତ ଓଡ଼ିଶା" ଗଠନ କରିବାକୁ ଲକ୍ଷ୍ୟ ରଖିଛନ୍ତି । ଆଜିର ଯୁବ ସମାଜ ଏହାର ନେତୃତ୍ୱ ନେବେ । ଏନେଇ ଯୁବକମାନଙ୍କୁ ଦଳରେ ସାମିଲ କରି ଦେଶକୁ ଆଗେଇ ନେବାକୁ ଯୁବମୋର୍ଚ୍ଚା ପକ୍ଷରୁ ଲକ୍ଷ୍ୟ ରଖାଯାଇଛି ବୋଲି ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଶ୍ରୀ ଅଭିଲାଷ ପଣ୍ଡା କହିଛନ୍ତି । ଏହି ପରିପ୍ରେକ୍ଷୀରେ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲଙ୍କ ମାର୍ଗଦର୍ଶନରେ ରାଜ୍ୟ କାର୍ଯ୍ୟାଳୟରେ ଆଜି ରାଜ୍ୟ ଯୁବ ମୋର୍ଚ୍ଚା ପକ୍ଷରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାର ସଦସ୍ୟତା ପ୍ରମୁଖ ଓ ସହପ୍ରମୁଖମାନଙ୍କ ସହ ନିବାଚନମଣ୍ଡଳୀସ୍ତରରୁ ଆସିଥିବା ଯୁବମୋର୍ଚ୍ଚାର କାର୍ଯ୍ୟକର୍ତ୍ତାମାନେ ଯୋଗଦେଇଥିଲେ ।

ଏହି ଅବସରରେ ଶ୍ରୀ ପଣ୍ଡା କହିଛନ୍ତି ଯେ, ସାରା ଦେଶରେ ସେପ୍ଟେମ୍ବର ୨ରୁ "ବିଜେପିର ସଦସ୍ୟତା ଅଭିଯାନ ୨୦୨୪" ଆରମ୍ଭ ହୋଇଯାଇଛି । ଏହି ଅଭିଯାନର ପ୍ରଥମ ପର୍ଯ୍ୟାୟ ସେପ୍ଟେମ୍ବର ୨୫ ପର୍ଯ୍ୟନ୍ତ ଚାଲିଥିଲା । ସଦସ୍ୟତା ଅଭିଯାନର ପ୍ରଥମ ପର୍ଯ୍ୟାୟରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କୁ ରାଷ୍ଟ୍ରୀୟ ସଭାପତି ଶ୍ରୀ ଜଗତ ପ୍ରକାଶ ନଡ୍ଡା ଜୀ ସଦସ୍ୟତା କରିବା ପରେ ଦେଶବ୍ୟାପୀ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ସେହିପରି ରାଜ୍ୟରେ ସେପ୍ଟେମ୍ବର ୩ରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝିଙ୍କୁ ରାଜ୍ୟ ସଭାପତି ଶ୍ରୀ ସାମଲ ସଦସ୍ୟତା କରାଇବା ପରେ ରାଜ୍ୟସ୍ତରରେ ଏହି ଅଭିଯାନ ଆରମ୍ଭ ହୋଇଯାଇଛି । ଏହାର ୨ୟ ପର୍ଯ୍ୟାୟ ଅଭିଯାନ ଅକ୍ଟୋବର ୧ରୁ ଆରମ୍ଭ ହେବ ।

ପ୍ରଥମ ପର୍ଯ୍ୟାୟ ଅଭିଯାନରେ ଯୁବମୋର୍ଚ୍ଚାର କର୍ମକର୍ତ୍ତାମାନେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥିଲେ । ଅକ୍ଟୋବର ୧୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଦ୍ୱିତୀୟ ପର୍ଯ୍ୟାୟ ଅଭିଯାନରେ ମଧ୍ୟ ଯୁବମୋର୍ଚ୍ଚାକୁ ଗୁରୁଦାୟିତ୍ୱ ଦିଆଯାଇଛି । ଏନେଇ ମୋର୍ଚ୍ଚା ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଂଚିଛି । ଏଥିଲାଗି ଦ୍ୱିତୀୟ ଅଭିଯାନର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ସେପ୍ଟେମ୍ବର ୩୦ରୁ ଯୁବମୋର୍ଚ୍ଚା ସଦସ୍ୟତା ଅଭିଯାନ କରିବା ପାଇଁ ସ୍ଥିର କରାଯାଇଛି । ଯେଉଁ ଯୁବକମାନେ ବିଜେପିକୁ ଭୋଟଦେଇ ସରକାରକୁ ଆଣିଛନ୍ତି ସେମାନଙ୍କୁ ଚିହ୍ନଟ କରି କାର୍ଯ୍ୟକର୍ତ୍ତା କରିବା ହେଉଛି ମୋର୍ଚ୍ଚାର ମୁଖ୍ୟ ଉଦ୍ଦେଶ୍ୟ । ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ, ହଷ୍ଟେଲ, କୋଚିଂ ସେଂଟର, କ୍ଲବ, ପୂଜାମଣ୍ଡପ, ରେଳ ଷ୍ଟେଶନ, ବସ୍‌ଷ୍ଟାଣ୍ଡ, ହାଟ ଆଦି ସ୍ଥାନରେ ଯୁବମୋର୍ଚ୍ଚାର କାର୍ଯ୍ୟକର୍ତ୍ତାମାନେ ସକ୍ରିୟ ଭାବେ ସଦସ୍ୟତା ଅଭିଯାନ କରିବା ପାଇଁ କର୍ମଶାଳାରେ ନିଷ୍ପତି ହୋଇଛି । ଏଥିପାଇଁ ଟୋଲି ପ୍ରସ୍ତୁତ କରାଯାଇଛି ।

# ଟାର୍ଗେଟରେ ଟ୍ରେନ

କିଛି ଦିନ ତଳେ ପାକିସ୍ତାନ ଏକ ଆତଙ୍କୀ ସଙ୍ଗଠନ ପକ୍ଷରୁ ଏହାର ସଦସ୍ୟ ଏବଂ ସହଯୋଗୀ ମାନଙ୍କୁ ଭାରତରେ ଟ୍ରେନ ଦୁର୍ଘଟଣା ପାଇଁ ଆହ୍ୱାନ ଦିଆଯାଇଥିଲା। ଟ୍ରେନ ଦୁର୍ଘଟଣା କରି ଧନଜୀବନ ହାନି କରିବା ଏବଂ ଭାରତର ଅର୍ଥ ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିବା ହେଉଛି ଏହାର ଉଦ୍ଦେଶ୍ୟ। କାରଣ ଭାରତୀୟ ଅର୍ଥନୀତିର ଲାଇଫ ଲାଇନ ହେଲା ରେଳବାଇ। ବିଶ୍ୱର ବୃହତ୍ତମ ରେଳ ନେଟୱର୍କ ହେଲା ଭାରତୀୟ ରେଳବାଇ। ପ୍ରତିଦିନ ଭାରତରେ ୨ କୋଟି ଲୋକ ଯିବାଆିବା କରନ୍ତି ଯାହା ବିଶ୍ୱର ଅନେକ ଦେଶର ମୋଟ ଜନସଂଖ୍ୟାଠାରୁ ଅଧିକ। ;ରେଳବାଇ ହେଉଛି ମାଲ ପରିବହନର ମୁଖ୍ୟ ମାଧ୍ୟମ। କୋଇଲାଠାରୁ ଆରମ୍ଭ କରି ବିଭିନ୍ନ ଖଣିଜ ପଦାର୍ଥ, ଖାଦ୍ୟ ସାମଗ୍ରୀ ଏବଂ ଅନ୍ୟାନ୍ୟ ସାମଗ୍ରୀ ରେଳବାଇ ଦ୍ୱାରା ଦେଶର ବିଭିନ୍ନ ସ୍ଥାନକୁ ପରିବହନ ହୋଇଥାଏ। ଯଦି ରେଳବାଇର ମାଲ ପରିବହନ ବ୍ୟବସ୍ଥା ଠପ ହୋଇଯିବ ତେବେ ଅନେକ ଶିଳ୍ପ ବନ୍ଦ ହେବା ଭଳି ପରିସ୍ଥିତି ସୃଷ୍ଟି ହେବ। କୋଇଲା ପରିବହନ ବନ୍ଦ ହୋଇଗଲେ ଥର୍ମାଲ ପାୱାର ପ୍ଲାଣ୍ଟ ସବୁ ବନ୍ଦ ହୋଇଯିବ ଏବଂ ବିଦ୍ୟୁତ ଯୋଗାଣ ବ୍ୟାହତ ହେବ। ଖାଦ୍ୟ ସାମଗ୍ରୀ ପରିବହନ ବନ୍ଦ ହୋଇଗଲେ ଦେଶରେ ଖାଦ୍ୟ ସୁରକ୍ଷା ଯୋଜନା ଗୁରୁତର ପ୍ରଭାବିତ ହେବ। ଆତଙ୍କବାଦୀମାନେ ଏହା ହିଁ ଚାହାଁନ୍ତି ଗୋଟିଏ ବୋମା ବିସ୍ଫୋରଣରେ ଯେତିକି ଲୋକ ପ୍ରାଣ ହରାଇବାର ଆଶଙ୍କା ରହିଛି, ଗୋଟିଏ ଟ୍ରେନ ଦୁର୍ଘଟଣା ହେଲେ ତାହାଠାରୁ ।ଢେର ଅଧିକ ଲୋକଙ୍କ ଜୀବନ ଯିବ। ବାହାନଗା ଟ୍ରେନ ଦୁର୍ଘଟଣା ଏହାର ଉଦାହରଣ। ପାକ୍ ଆତଙ୍କବାଦୀ ସଙ୍ଗଠନ ପକ୍ଷରୁ ଏହାର ଆତ୍ମଘାତୀ ବାହିନୀକୁ ଏଥିଲାଗି ନିର୍ଦ୍ଦେଶ ଦିଆଯାଇଛି। ଏହା ଭାରତ ପାଇଁ ଏକ ବିପଦ ସଙ୍କେତ। ଗତ କିଛି ଦିନ ଭିତରେ ଦେଶର ବିଭିନ୍ନ ସ୍ଥାନରେ ବିଶେଷ କରି ଉତ୍ତର ଓ ପଶ୍ଚିମ ଭାରତରେ ଏଭଳି ଅନେକ ଘଟଣା ଘଟିଛି ଯାହା ପଛରେ ଆତଙ୍କବାଦୀ ସଙ୍ଗଠନର ଷଡ଼ଯନ୍ତ୍ର ରହିଥିବା ସ୍ପଷ୍ଟ। ଗତ ମାସରେ ବନ୍ଦେ ଭାରତ ଏକ୍ସପ୍ରେସକୁ ଲାଇନଚ୍ୟୁତ କରିବା ଲାଗି ଏଭଳି ଏକ ଷଡ଼ଯନ୍ତ୍ର ହୋଇଥିଲା। ଏହା ପରେ ସାବରମତୀ ଏକ୍ସପ୍ରେସ ଲାଇନଚ୍ୟୁତ ହୋଇଥିଲା। ସୋମବାର କାନପୁର ନିକଟରେ କାଳିନ୍ଦୀ ଏକ୍ସପ୍ରେସକୁ ଲାଇନଚ୍ୟୁତ କରିବା ପାଇଁ ପ୍ରୟାସ କରାଯାଇଥିଲା। ଟ୍ରେନ ଲାଇନରେ ଏକ ଗ୍ୟାସ ସିଲିଣ୍ଡର ରହିଥିଲା। ଏହା ସହିତ କିଛି ଆଲୁମିନିୟମ ପାଉଡର ମଧ୍ୟ ରହିଥିଲା। ଯଦି ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ହୋଇଥାଆନ୍ତା ତେବେ ଆଲୁମିନିୟମ ପାଉଡରରେ ନିଆଁ ଲାଗି ବଡ଼ ଧରଣର ଅଘଟଣା ଘଟିଥାଆନ୍ତା। ଟ୍ରେନରେ ନିଆଁ ଲାଗି ଅନେକ ଧନଜୀବନ ନଷ୍ଟ ହୋଇଥାଆନ୍ତା। ସୌଭାଗ୍ୟକୁ ଏଭଳି ଅଘଟଣାକୁ ଟାଳିଦିଆଯାଇପାରିଲା। ଏହାର ୨୪ ଘଣ୍ଟା ଭିତରେ ରାଜସ୍ଥାନରେ ଏଭଳି ଏକ ଷଡ଼ଯନ୍ତ୍ର ଧରାପଡ଼ିଛି। ଟ୍ରେନ ଲାଇନରେ ଏକ ୭୦ କେଜି ଓଜନର ସିମେଣ୍ଟ ଖଣ୍ଡ ରଖାଯାଇଥିଲା। ଏହି ଲାଇନରେ ଆସୁଥିବା ଏକ ମାଲବାହୀ ଟ୍ରେନ ଏହାକୁ ଧକ୍କା ଦେଇଥିଲା। ହୁଏତ ଯାତ୍ରୀବାହୀ ଟ୍ରେନ ହୋଇଥିଲେ ଏହା ଲାଇନଚ୍ୟୁତ ହୋଇଥାଆନ୍ତା ଏବଂ ଅନେକ ଧନଜୀବନ ନଷ୍ଟ ହୋଇଥାଆନ୍ତା। କେବଳ ଧନଜୀବନ ହାନି ନୁହେଁ, ବାରମ୍ବାର ଏପରି ଦୁର୍ଘଟଣା ଘଟିଲେ ରେଳନେଟୱର୍କ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିବ। ଆତଙ୍କବାଦୀ ସଙ୍ଗଠନ ପକ୍ଷରୁ ଦେଶର ବଡ଼ ବଡ଼ ନଗରୀ ଯଥା ମୁମ୍ବାଇ, ଦିଲ୍ଲୀ ଭଳି ସହରରେ ଟ୍ରେନ ଦୁର୍ଘଟଣା ନିମନ୍ତେ ଯୋଜନା କରାଯାଇଛି। ସେହିପରି ସଡ଼କ ପଥରେ ମଧ୍ୟ ଟ୍ରକରେ ମାଲ ପରିବହନ, ମାଟି ତଳେ ଯାଇଥିବା ଗ୍ୟାସ ଏବଂ ତେଲ ପାଇପ ଲାଇନକୁ ବିସ୍ଫୋରଣରେ ଉଡ଼ାଇ ସପ୍ଲାଇ ଚେନକୁ ଧ୍ୱଂସ କରିବା ପାଇଁ ଆତଙ୍କବାଦୀ ସଙ୍ଗଠନ ଗୁଡ଼ିକ ଯୋଜନା କରୁଛନ୍ତି। ଏହା ନିଶ୍ଚିତ ଭାବେ ଏକ ଚିନ୍ତାର ବିଷୟ ଏବଂ ଦେଶର ସୁରକ୍ଷା ବ୍ୟବସ୍ଥା ପ୍ରତି ଆହ୍ୱାନ। ଏହାର ମୁକାବିଲା କରିବା ସହଜ ନୁହେଁ। ତଥାପି ଏଭଳି ଘଟଣାକୁ ବନ୍ଦ କରିବା ନିମନ୍ତେ ସ୍ୱତନ୍ତ୍ର ଯୋଜନା କରାଯିବା ଜରୁରୀ। ଟ୍ରେନ ଲାଇନରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ଉଚିତ। ଟ୍ରେନ ଟ୍ରାକର ନିୟମିତ ଅନୁଧ୍ୟାନ କରାଯିବା ଉଚିତ। ଯେଉଁମାନେ ଏଭଳି ଷଡ଼ଯନ୍ତ୍ରରେ ସମ୍ପୃକ୍ତ ଥିବେ ସେମାନଙ୍କୁ ଦେଖିବା ମାତ୍ରେ ଗୁଳି କରାଯିବା ଉଚିତ। ରେଳ ଲାଇନ ପାର୍ଶ୍ୱବର୍ତ୍ତୀ ଜନବସତିର ଯୁବକମାନଙ୍କୁ ରେଳ ସୁରକ୍ଷା ନିମନ୍ତେ ତାଲିମ ପ୍ରଦାନ କରି ସେମାନଙ୍କୁ ସାମୟିକ ଭାବେ ଏଥିରେ ଉପଯୋଗ କରାଯିବା ଉଚିତ। ପ୍ରତ୍ୟେକ ଅଞ୍ଚଳର ସାଧାରଣ ଲୋକ ରେଳଲାଇନ ଉପରେ ନଜର ରଖିବା ଉଚିତ। ଭାରତୀୟ ରେଳବାଇ ଆମର ସେବାରେ ନିୟୋଜିତ। ଏହାର ସୁରକ୍ଷା , ଯାତ୍ରୀଙ୍କ ଧନଜୀବନର ସୁରକ୍ଷା ଆମ ସମସ୍ତଙ୍କର ଦାୟିତ୍ୱ।

# ଡର ଭୟ

ଉତ୍କଳାନନ୍ଦ ଅଜୟ କୁମାର ବେହେରା

ନିର୍ଭୀକ ଦେବତା ନୃସିଂହ ଭଗବାନ ତାଙ୍କର ମହିମାରେ କୁହାଯାଏ ସେ ମୃତ୍ୟୁର ମୃତ୍ୟୁ ଅର୍ଥାତ୍ ଯମଦେବତା ବା କାଳର ସେ କାଳ ବା ଯମ। ମାତ୍ର ତାଙ୍କର ଡର ଶିବଙ୍କର ଶରଭରୂପକୁ ରହିଛି। ଭଗବାନ ରାମ ବି ନିଜର ଅବତାର ମାତ୍ର ସେ ଲୋକ ଲଜ୍ୟା ଗୁଜବରେ ଅତିଷ୍ଠ ରହି ନିଜର ସତୀ ସାଧ୍ୱୀ ଗର୍ଭବତୀ ପତ୍ନୀଙ୍କୁ ଏକାନ୍ତରେ ଜଙ୍ଗଲରେ ଛାଡ଼ିଦେଇ ଆସିଥିଲେ ନିଜେ ନୁହଁ ନିଜର ଆନୁଗତ୍ୟ ଅନୁଜ ଲକ୍ଷ୍ମଣଙ୍କ ଦ୍ୱାରା କାର୍ଯ୍ୟଟି ଆଦେଶରେ ସମ୍ପନ୍ନ କରାଇଥିଲେ। ଭଗବାନ ଶ୍ରୀକୃଷ୍ଣ କେତେ ମୁକାବିଲା ଜୀବନରେ କରିଛନ୍ତି। ଶିଶୁ କିଶୋର ଅବସ୍ଥାରେ କେତେ କେତେ ଅସୁର ମଲ୍ଲ ହାତି ଏମିତି ରାଜା ଓ ଶକ୍ତିଶାଳୀ କଂସକୁ ଶେଷ କରିଦେଇଥିଲେ ଅଥଚ କଂସ ଶ୍ୱଶୁର ମଗଧର ଆକ୍ରମଣକାରୀ ରାଜାର ବାରମ୍ବାର ମଥୁରା ଆକ୍ରମଣରେ ଅତିଷ୍ଠ ହୋଇ ମଗଧରୁ ଦ୍ୱାରିକା ପ୍ରଜା ମାନଙ୍କର ମଧ୍ୟରୁ ଅନେକଙ୍କୁ ନେଇ ପଳାୟନ କରିଥିଲେ। ତେବେ ଡ଼ର ଏମାନଙ୍କୁ ଛାଡ଼ି ନଥିଲା।

ସମସ୍ତଙ୍କ କୌଣସି ନା କୌଣସି ସ୍ତରରେ ଡର ଅଛି। ସାମାଜିକ ଜୀବନରେ ଏବେ ସ୍ୱାଧୀନତା ପରେ ବି ଡର ଯାଇନାହିଁ। ପୋଲିଶ କୁଡ଼ର ହତିଆରଧାରୀକୁ ଡ଼ର ମଧ୍ୟପ ନିଶାଡ଼ିକୁ ଡର, ଚୋର ଭୟ ରକ୍ଷା ପାଇଁ ବ୍ୟାଙ୍କରେ ଅର୍ଥ ଜମା ସୁନାଦିମୂଲ୍ୟବାନ ଦ୍ରବ୍ୟ ବ୍ୟାଙ୍କ ଲକରେ ରଖିବା ହେଉଥିଲା। ଏବେ ଦେଖ କିପରି ଟଙ୍କା ଦ୍ରବ୍ୟ ହରଣ ନିତ୍ୟ ଘଟଣା ସାଇବର ଠକଙ୍କ ଦ୍ୱାରା ହେଲାଣି। ଜମିବାଡ଼ିରେ ଏମିତି ଜବର ଦଖଲ କେହି କରିବସିଲେଣି ତ ଜାଲ ଦସ୍ତଖତରେ ଜମିବାଡ଼ି ବିକ୍ରି ହୋଇଯାଉଛି। ଦେଖ ସାମାନ୍ୟ ତ୍ରୁଟିର ବଡ଼ ମୂଲ୍ୟ ହେବାକୁ ପଡ଼ିଲାଣି। ବଃ କଲମ ସାକ୍ଷୀ ଏବେ ଆଉ ଦରକାର ନାହିଁ। ରେଭେନ୍ୟୁ ଷ୍ଟାମ୍ପ ବଣ୍ଡ କାଗଜ କଥା ନକହିଲେ ଭଲ, ଆଙ୍ଗୁଳିଛାପ ଥିଲା ବ୍ୟକ୍ତିର ନଜର ସନ୍ତକ ଏହାବି ଭ୍ରଷ୍ଟପଥ ଧରିଲାଣି। ଏସବୁରେ ଡର। ଟେଲିଫୋନର ସିମ ଏବେ ଭିନ୍ନ ନାମରେ ବି ନିଜ ନାମର ସିମ ଅନ୍ୟଜଣେ ବ୍ୟବହାର ବ୍ୟକ୍ତିର ଖଜଣାରେ ଚାଲିଛି। ଏକ ଫର୍ମରେ ହେରାଫେର ଏମିତି ସତ୍ୟକଥାରେ ସତୀ ଭୁଲିବା ପରି ସ୍ଥିତି ଉପୁଜି ଗଲାଣି। ଲୋକେ ଆଇନ ଉପରେ ଭରସା କରନ୍ତି। ଘଟଣା ପ୍ରତ୍ୟକ୍ଷଦର୍ଶୀ ସାକ୍ଷୀ ନହେଲେ ଅଭିଯୋଗ ସତ୍ୟ ଥିଲେ ବି ସତ୍ୟ ସାବ୍ୟସ୍ତ ବହୁ କଷ୍ଟ। ଏବେ ସାକ୍ଷୀ ବେଶ ଚାଲିବା କିଛି ଦିନପରେ ଏପରି ଭୟ ବା ଅର୍ଥ ଦ୍ୱାରା ପ୍ରଭାବିତ ସେ ସତ୍ୟକୁ ଅପଳାପ କରି ମାମଲାକୁ ଦୁର୍ବଳ କରିଦେଉଛନ୍ତି। ଅନେକ ଅର୍ଥ ବଶୀଭୂତ ଯୋଗୁ ସତ୍ୟର ଅପଳାପ ହେଉଛି। ଅତଏବ ସବୁ ପ୍ରକାର ବିଶ୍ୱାସସ୍ତର ଏବେ ବାଟବଣା। ମୌଳିକ ଖାଦ୍ୟ ସବୁ ସଂସ୍କାରିତ ହୋଇ ବହୁ ପ୍ରକାର ଖାଦ୍ୟରେ ସାମିଲ ହେଲାଣି। ସବୁ ପଦାର୍ଥ ପନିପରିବା ମସଲା ଡାଲି ତେଲ ଦୁଗ୍ଧ ଘିଅ ସବୁ ଭେଜାଲ, ଯାହା ଶରୀର ଅସୁସ୍ଥ ଓ ଆୟୁ କ୍ଷୟ କମ ଓ ରୋଗକୁ ଗୁଆ ନିମନ୍ତ୍ରଣ କଲାଣି। ଭୋଜିଭାତରେ ଭୋଜନ ସ୍ୱାଦିଷ୍ଟ ମାତ୍ର ପରେ ପରେ ଦେହରେ ବିକାର ଅନୁଭବ କରାଉଛି ଅନେକ ଭୋଜିଭାତ ଖାଇ ଲୋକେ ଡାକ୍ତରଖାନାକୁ ମାଳ ମାଳ ଆସିଲେଣି। ଅତଏବ ଖାଦ୍ୟରେ ବିପଦ ଡର ଆସିଗଲାଣି। ପାନୀୟରେ ପେୟଜଳ ଶୁଦ୍ଧତା ପାଇଁ ଲୋକେ ଯନ୍ତ୍ରଘରେ ଲଗାଉଛନ୍ତି। ବୋତଲ ଜଳ କ୍ରୟ କରୁଛନ୍ତି ମାତ୍ର ପଇସା ଖର୍ଚ୍ଚ କରି ବି ଜଳ ଶୁଦ୍ଧ ଏକଥା ବି ଡରରେ ଆସିଲାଣି। ଚାରକେଲ ବନାଇବାରେ ଭ୍ରଷ୍ଟା ଚାରକୋଲ ବଜାରରେ ମିଳିଲାଣି। ମେସିନର ଯନ୍ତ୍ରରୁ ନିର୍ଗତରେ ଠିକ କାମ କରୁଛି କି ଏହା ନଜାଣିଲେ ସବୁ ପଣ୍ଡ। ବୋତଲ ଜଳ ସଠିକ ନିୟମରେ ପ୍ରସ୍ତୁତ କି ନୁହଁ ଏହା ଜାଣିବା ଦରକାର ପଡୁଛି। ଏସବୁ ନକଲେ ଜଳ ପ୍ରମାଦ ରହିବ। ମଦ ଭେଜାଲ ଯୋଗୁ ଅନେକ ଅକାଳ ବିୟୋଗ ଭୋଗୁଛନ୍ତି। ଶୁଣ୍ଢି ବାଣିଜ୍ୟରେ ସରକାର ମୁଣ୍ଡ ପୁରାଇଛନ୍ତି। ପୋଲିସ ଏଥିରେ ଜଡ଼ିତ ଅବକାରୀ ବିଭାଗ ମନ୍ଦିର ନିମନ୍ତ୍ରଣକାରୀ ମଦ ପାଇଁ କାରଖାନାର ବିକ୍ରୟ କେନ୍ଦ୍ର ପୁଣି ଠିପିଖୋଲା ମଦ ଧନ୍ଦା, ଠିପିବନ୍ଦ ମଦଧନ୍ଦା ଏସବୁରେ ଢ଼ୋଲ ମଧ୍ୟରେ ମୂଷା ରହିବା ଜଣା ପଡୁଛି। ମଦ୍ୟପାୟୀ ନିଶା ଯୋଗୁ କୌଣସି ସ୍ତରରେ ଏକତାରେ ପ୍ରତିକାର ପାଇଁ ସ୍ୱର ଉଠାଇ ପାରୁନାହାଁନ୍ତି କି ନିଶା ଛାଡ଼ି ପାରୁନାହାଁନ୍ତି ଅତଏବ ପାରିବାରିକ ଜୀବନ ସ୍ୱାସ୍ଥ୍ୟ ପରମାୟୁ ଅର୍ଥ ସବୁ ସୂତା ଖିଅରେ ଝୁଲୁଛି। ମାଛ ମାଂସ ଭୋଜନକାରୀ ଏବେ ଡରରେ ପଡ଼ିଛନ୍ତି। ବାର୍ଡ଼ଫ୍ଲୁ ରୋଗରେ କୁକୁଡ଼ା ବତକ ଏମାନଙ୍କର ମାଂସ ଡିମ୍ବ ଭୋଜନକାରୀଙ୍କର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବା ମାଛ ପାଇଁ କେହି ନିଜ ପୋଖରୀ ବା ଗ୍ରାମ ପୋଖରୀର ମାଛ ଖାଉ ନାହାଁନ୍ତି ଚାଲଣ ମାଛ କେମିକାଲ ଦିଆ ଚାଲାଣ ଯାହା ରୋଗର ଗନ୍ତାଘର ପାଲଟିବାରେ ଲାଗିଛି। ନଦୀଜଳ ପ୍ରବଳ ଦୂଷିତ କାରଖାନା ମାନଙ୍କର ପରିତ୍ୟକ୍ତ ଜଳ ନଦୀର ମୁଖ୍ୟଜଳସ୍ରୋତରେ ମିଶି ନଦୀର ମାଛ ମାନଙ୍କର ପେଟକୁ ଯାଉଛି ଯାହାକୁ ଭକ୍ଷଣ କଲେ ମନୁଷ୍ୟ ଦେହରେ ରାସାୟନିକ କ୍ରିୟାରେ ଜଟିଳତା କରି ଅଜଣା ରୋଗ ଆରୋଗ୍ୟ ନହେବା ରୋଗ ଧରିବା ସମ୍ଭାବନା ରହିଛି। ସମୁଦ୍ର ଟାପୁରେ ଯୁଦ୍ଧ ଘାଟୀ ବହୁଦେଶ କରିଛନ୍ତି ସେ ଦ୍ୱୀପ ପାଖ ସାଗର ଜଳକୁ ମାଛ ମାନଙ୍କର ବିଚରଣସ୍ଥଳୀ ବିଷାକ୍ତ ଯୁଦ୍ଧ ଉପକରଣର ରସାୟନିକ ପ୍ରଭାବରୁ ମାଛ ଗୁଡ଼ିକର ଶରୀର ଆକ୍ରାନ୍ତ କରୁଛି। ଏମାନେ ସାଗର ତଟରେ ଧରାପଡ଼ି ଲୋକଙ୍କର ଭୋଜନର ସାମଗ୍ରୀରେ ଆସିଲେ ଏପରି ସାଂଘାତିକ ରୋଗର ଶିକାରରେ ମତ୍ସ୍ୟଭୋଜୀମାନେ ପଡୁଛନ୍ତି। ଚୀନର ଓହାନ ସହର ମାଛ ମାଂସ ମାର୍କେଟରୁ କି କରୋନାର ବ୍ୟାପକତା ଆରମ୍ଭ ହୋଇଥିଲା। ଏପରି ଡର ବେଳକୁ ବେଳ ସର୍ବତ୍ର ବ୍ୟାପିବ। ମାଛମାନେ ସ୍ୱାଭାବିକ ପ୍ରାକୃତିକ ଭାବରେ ତାଙ୍କର ଖାଦ୍ୟ ନଦୀ ପୁଷ୍କରିଣୀ ହ୍ରଦ ସମୁଦ୍ରରେ ଆଉ ପାଉନାହାନ୍ତି। ନାନାଦି ଦୂଷିତ ରସାୟନ ଏ ସମୟରେ ଜଳରେ ମିଶି ଯାଇ ଏପରି ଅବସ୍ଥା ସୃଷ୍ଟି କରିଲେଣି। ପୂର୍ବେ ରାଜା ଜମିଦାରଙ୍କୁ ଲୋକଙ୍କର ଭୟ ଥିଲା ଏବେ ଅନେକ ରାଜକର୍ମଚାରୀ ବଡ଼ ମାଲିକଙ୍କର କର୍ମଚାରୀ ପୋଲିସ, ରେଭନ୍ୟୁ ଅଧିକାରୀ ଗୁଣ୍ଡା ଋଣ ଲଗାଇଥିବା ବ୍ୟକ୍ତି ଏପରି ବ୍ୟକ୍ତି ମାନଙ୍କୁ ପୂର୍ବ ଭୟଠାରୁ ଅନେକ ଅଧିକ ଭୟ। ଆକାଶକୁ ଭୟ, ପବନକୁ ଭୟ, ଜଳକୁ ଭୟ, ଅଗ୍ନୀକୁ ଭୟ ଏମିତିକି ମାଟି ପୃଥିବୀକୁ ଭୟ। ସର୍ବଦା ଭୟ ଡରଭୟ ଲାଗିଲାଣି। କୁହାଯାଏ ମାଡ଼କୁ ମହାଦେବ ଡରନ୍ତି। ଯେ ସମ୍ପୂର୍ଣ୍ଣ ନିର୍ଭୀକ ଦେବତା, ସେ ପୁଣି ମାଡ଼ ଡରନ୍ତି ଏକଥା କେମିତି କେମିତି ଲାଗୁଛି। ତପସ୍ୱୀ ଅର୍ଜୁନ ଶବର ରୂପୀ ଅର୍ଜୁନଙ୍କୁ ତାଙ୍କର ଧନୁ ହୁଳରେ କେଇଘେରା ସେଠାରେ ଘୁରାଇ ଦେବା ଶାସ୍ତ୍ରରେ ଅଛି। ଶଙ୍କର ଏମିତି ଶନି କୋପରେ ଦୁଇବର୍ଷ ଜଳ ପୋଖରୀରେ ଲୁଚି ଥିଲେ। ଅତଏବ ତାଙ୍କର ଭୟ ବାଡ଼ର ଯାଇନାହିଁ। ଋଷି କୋପରୁ ଶିବ ତ୍ରାହି ପାଇନାହାଁନ୍ତି। ନିଜର ଶାଶୁ ଅଭିଶାପରୁ ତାଙ୍କୁ ରକ୍ଷା ମିଳିନାହିଁ। ଖୋଦ ନିଜ ପୁତ୍ର ଗଣେଶ ଖଣ୍ଡେ ବାଡ଼ିରେ ତାଙ୍କୁ ବାଟ ଭଗାଳି ତଡ଼ନା କରିଥିଲେ। ଅତଏବ ସେ ବି ଡରୁଆ ଭୟାଳୁ ନିଶ୍ଚୟ ଅଟନ୍ତି। ଯଦିବା ଏ ସବୁ ଲୋକ ଶିକ୍ଷା ପାଇଁ ଲୀଳା ତଥାପି ଏଥିରେ ଡରଭୟ ତାଙ୍କର ଥିଲା ଏ ଜଣା ପଡୁଛି।

ଗୋପନ କଥା ପ୍ରେମୀ ଯୁଗଳଙ୍କର ସ୍ୱାମୀ ସ୍ତ୍ରୀଙ୍କର କାହାର ଦ୍ୱାରା ପ୍ରକାଶ ହେଲେ। ଗୁପ୍ତ ଫାଇଲ ଥାନା ଅଦାଲତର ପ୍ରଘଟ ହେଲେ ଅଫିସର ଦଣ୍ଡିତ ହୋଇପାରନ୍ତି। ବଜେଟ ତଥ୍ୟ ଯଦି ପୂର୍ବରୁ ପ୍ରଘାଟ ହୁଏ ତେବେ ଅର୍ଥ ମନ୍ତ୍ରୀ ଦଣ୍ଡିତ ହୋଇପାରନ୍ତି। ବହୁ ବହୁ ଗୋପନ ତଥ୍ୟ ମନ୍ତ୍ରୀମାନେ ପ୍ରକାଶ କଲେ ସାଂଘାତିକ ସମସ୍ୟା ଉପୁଜେ। ଅତଏବ ଡରଭୟ ସବୁଠାରେ ଅଛି।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ଔଷଧର ପାର୍ଶ୍ୱ ପ୍ରତିକ୍ରିୟା ପ୍ରତି ସଚେତନ ଜରୁରୀ

ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ଔଷଧର ଉପଯୁକ୍ତ ବ୍ୟବହାର ପ୍ରତି ସଚେତନ ରହିବା କାହିଁକି ଜରୁରୀ? ଆସନ୍ତୁ ଏ ବିଷୟରେ ସମ୍ୟକ ଜାଣିବା। ଆଧୁନିକ ଚିକିତ୍ସା ପ୍ରଣାଳୀରେ ଔଷଧର ଉପଯୁକ୍ତ ବ୍ୟବହାର ନହେଲେ ଏହା ରୋଗୀର କ୍ଷତି କରିପାରେ। ଏ ଦିଗରେ ସଚେତନତା ସୃଷ୍ଟି ଲାଗି ଚଳିତ ମାସ ୧୭ରୁ ୨୩ ତାରିଖ ପର୍ଯ୍ୟନ୍ତ ଜାତୀୟ ଫାର୍ମାକୋଭିଜିଲାନସ ସପ୍ତାହ ସାରା ଦେଶରେ ପାଳନ କରାଯାଇଥାଏ। ଡାକ୍ତର, ନର୍ସ, ଫାର୍ମାସିଷ୍ଟ ଓ ସାଧାରଣ ଜନତା ଯଦି ଔଷଧର ପାର୍ଶ୍ୱ ପ୍ରତିକ୍ରିୟା ପ୍ରତି ସଜାଗ ରହିବେ, ତେବେ ରୋଗୀର ଉପକାର ହେବ। ଏହି ସପ୍ତାହର ମୂଳ ଉଦ୍ଦେଶ୍ୟ ହେଉଛି ଏହି ବର୍ଷ ପାଇଁ ସ୍ଲୋଗାନ ରଖାଯାଇଛି 'ଆମେ କିପରି ଔଷଧର ପାର୍ଶ୍ୱ ପ୍ରତିକ୍ରିୟା ପ୍ରତି ସଚେତନ ହେବା'।

ପ୍ରାୟତଃ ଗୋଟିଏ ବଡ଼ ପ୍ରଶ୍ନ ଉଠିଥାଏ କେଉଁ ପରିସ୍ଥିତିରେ ଔଷଧର ପାର୍ଶ୍ୱ ପ୍ରତିକ୍ରିୟା ହୋଇଥାଏ? ଔଷଧ ଉଚିତ ମାତ୍ରାରେ ସେବନ କରିବା ପରେ ମଧ୍ୟ ଏହାଦ୍ୱାରା କୌଣସି ଅବାଞ୍ଛିତ ବା କ୍ଷତିକାରକ ପ୍ରତିକ୍ରିୟା ହେବାର ଆଶଙ୍କା ଥାଏ। ଯେତେବେଳେ ଏକାଧିକ ଔଷଧ ଏକ ସମୟରେ ଜଣେ ରୋଗୀକୁ ଦିଆଯାଏ ସେତେବେଳେ ଔଷଧ ଔଷଧ ମଧ୍ୟରେ ପ୍ରତିକ୍ରିୟା ହେବାର ଆଶଙ୍କା ଥାଏ। ଏହିପରି ପ୍ରତିକ୍ରିୟା, ଗୁରୁତର ଅସୁସ୍ଥ ଥିବା ବ୍ୟକ୍ତି ବା ଆଇସିୟୁରେ ଚିକିତ୍ସିତ ବ୍ୟକ୍ତିଙ୍କ ଠାରେ ଅଧିକ ଦେଖାଯାଏ। ଉଦାହରଣ ସ୍ୱରୂପ ମଧୁମେହ, ଅପସ୍ମାର, ହୃଦରୋଗର ଔଷଧ ଓ ଗର୍ଭନିରୋଧକ ଔଷଧ ସେବନ କଲେ, ଏପରି ପ୍ରତିକ୍ରିୟା ହେବାର ଅଧିକ ଆଶଙ୍କା ଥାଏ। ଏଣୁ ଏସବୁ ରୋଗ ପାଇଁ ଔଷଧ ଖାଉଥିଲେ, ଡାକ୍ତରଙ୍କୁ ଜଣାଇବା ଜରୁରୀ। ଏହାଛଡ଼ା, ଆୟୁର୍ବେଦିକ ଓ ହୋମିଓପାଥି ଔଷଧ ସେବନ କରୁଥିଲେ ମଧ୍ୟ ଡାକ୍ତରଙ୍କୁ ଜଣାଇବାର ଆବଶ୍ୟକତା ରହିଛି।

ଔଷଧ ପାର୍ଶ୍ୱ ପ୍ରତିକ୍ରିୟାର ପରିଣାମ କ'ଣ ହୋଇପାରେ ସେ ବିଷୟରେ ତଥ୍ୟଟି ହେଉଛି ଔଷଧର ପାର୍ଶ୍ୱ ପ୍ରତିକ୍ରିୟା ଚିହ୍ନି ନ ପାରିବା ବା ଠିକ ଭାବରେ ନଜଣାଇବା ଯୋଗୁ ପ୍ରତି ୧୦ ଜଣରେ ଜଣେ ଅସୁସ୍ଥ ହେଉଥିବା ଓ ୩୦ ଜଣରେ ଜଣେ ମୃତ୍ୟୁମୁଖରେ ପଡୁଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଆକଳନ କରିଛି। ଏହାର ଗୁରୁତ୍ୱ ଉପଲବ୍ଧି କରି ଭାରତ ସରକାର ପ୍ରତ୍ୟେକ ମେଡ଼ିକାଲ କଲେଜର ଫାର୍ମାକୋଲୋଜି ବିଭାଗରେ ଔଷଧର ପାର୍ଶ୍ୱ ପ୍ରତିକ୍ରିୟା ରିପୋର୍ଟ ଯାଞ୍ଚ କରିବା ପାଇଁ ୟୁନିଟ ଗଠନ କରିଛନ୍ତି।

ଔଷଧର ପାର୍ଶ୍ୱ ପ୍ରତିକ୍ରିୟା କମାଇବା ପାଇଁ କ'ଣ କରିବା ଉଚିତ? କୌଣସି ଔଷଧ ଡାକ୍ତରଙ୍କ ବିନା ପରାମର୍ଶରେ ସେବନ କରିବା ଅନୁଚିତ। ନୂଆକରି କୌଣସି ଔଷଧ ଆରମ୍ଭ କରିଥିଲେ, ତାର ପାର୍ଶ୍ୱ ପ୍ରତିକ୍ରିୟା ପ୍ରତି ସଜାଗ ରହିବାକୁ ହେବ। ଏହିପାଇଁ ପ୍ରେସକ୍ରିପସନ ନେଲାବେଳେ ଔଷଧର ପାର୍ଶ୍ୱପ୍ରତିକ୍ରିୟା ସଂପର୍କରେ ଡାକ୍ତରଙ୍କୁ ଠାରୁ ବୁଝିନେବା ଉଚିତ। ଅଧିକ ପାର୍ଶ୍ୱ ପ୍ରତିକ୍ରିୟା ପରିଲକ୍ଷିତ ହେଲେ ଖାଇଥିବା ଔଷଧରୁ ବନ୍ଦ କରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ଡାକ୍ତରଙ୍କୁ ଅତୀତ ଓ ବର୍ତ୍ତମାନର ସମସ୍ତ ରୋଗର ବିବରଣୀ ପ୍ରଦାନ କରନ୍ତୁ। କୌଣସି ପରିସ୍ଥିତିରେ ବି ଡାକ୍ତରଙ୍କୁ ନ ଜଣାଇ, ମନକୁ ମନ ଔଷଧର ମାତ୍ରାକୁ କମ ବେଶୀ କରନ୍ତୁ ନାହିଁ।

ରୋଗୀ କିଭଳି ପାର୍ଶ୍ୱ ପ୍ରତିକ୍ରିୟା ଜଣାଇବ? ରୋଗୀ ବ୍ୟବହାର କରୁଥିବା ଔଷଧର ପାର୍ଶ୍ୱ ପ୍ରତିକ୍ରିୟା ଜଣାଇବା ପାଇଁ ଏକ ଫର୍ମ ଉପଲବ୍ଧ ଅଛି, ଯାହାଦ୍ୱାରା ସେ ନିଜେ ଏହା ରିପୋର୍ଟ କରିପାରିବ। ଏହା ବ୍ୟତୀତ ଟୋଲ ଫ୍ରି ନମ୍ବର ଦ୍ୱାରା କଲ ମଧ୍ୟ କରିପାରିବ। ଏ ନେଇ ସଚେତନତା ସୃଷ୍ଟି କରିପାରିଲେ ଆମେ ଆମ ସ୍ୱାସ୍ଥ୍ୟର ଉପଯୁକ୍ତ ସୁରକ୍ଷା କରିପାରିବା।

ଗୋଟିଏ କଥା ଭଲ ଭାବେ ମନେରଖନ୍ତୁ ସମସ୍ତ ପରିସ୍ଥିତିରେ ସରକାରୀ ଡାକ୍ତରଖାନାର ଓ ଡାକ୍ତରଙ୍କ ଚିକିତ୍ସା ସେବା ସୁବିଧା ସୁଯୋଗ ନିଅନ୍ତୁ। କୌଣସି ପରିସ୍ଥିତିରେ କାହାଙ୍କ କାନକୁହା କଥା ଶୁଣି ତୁଟୁକା ତୁଟୁକି ବା ଦେଶୀୟ ଚିକିତ୍ସା କରନ୍ତୁ ନାହିଁ। ଅନେକ ସମୟରେ ଗୁଣୀ ଗାରେଡ଼ି ବା ଏହି ତଥାକଥିତ ଦେଶୀ ଚିକିତ୍ସା ବ୍ୟବସ୍ଥା ଜଣକ ଅବସ୍ଥାକୁ ସଂକଟାପନ୍ନ କରିଦେଇଥାଏ। ସାଧାରଣରେ ଦେଖାଯାଏ ଜଣେ ରୋଗୀ ତାଙ୍କ ରୋଗ ସମସ୍ୟାକୁ ନେଇ ଯେତିକ ଅସୁବିଧା ବା ଯନ୍ତ୍ରଣାକୁ ସମ୍ମୁଖୀନ ନ ହୋଇଥାନ୍ତି ତାର ବଡ଼ କାରଣ ହେଉଛି ସେ ନିଜେ ବ୍ୟବହାର କରୁଥିବା ଔଷଧ ସମ୍ପର୍କରେ ଭଲ ଭାବେ ସଚେତନ ନ ହେବା। ତେଣୁ ଏ କ୍ଷେତ୍ରରେ ରୋଗୀଟି ସହିତ ରୋଗୀର ପାଖରେ ରହୁଥିବା ଲୋକମାନଙ୍କର ମଧ୍ୟ ଗୁରୁଦାୟିତ୍ୱ ରହିଛି। ତେଣୁ ଜାତୀୟ ଫାର୍ମାକୋଭିଜଲାନସ ସପ୍ତାହ ଅବସରରେ ଆସନ୍ତୁ ସମସ୍ତେ ନିଜେ ଭଲ ଭାବେ ସଚେତନ ହେବାର ଦାୟିତ୍ୱକୁ ସୁଚାରୁ ରୂପେ ନିର୍ବାହ କରିବା ପାଇଁ ଅନ୍ତତଃ ନିଜେ ଆଗେ ସଚେତନ ହେବା।

ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,

# ବିରଳ ମହାତ୍ମା ସ୍ୱାମୀ ଚିଦାନନ୍ଦ

ହେମନ୍ତ କୁମାର ପରିଡ଼ା

ସୃଷ୍ଟିର କଲ୍ୟାଣରେ ନିତ୍ୟ ନିରତ ଯୁକ୍ତ ଥିବା ବ୍ୟକ୍ତିମାନେ ସାଧୁପଦବାଚ୍ୟ। ସନାତନ ସଂସ୍କୃତିର ଏହି ସାଧୁସନ୍ଥ ମାନଙ୍କୁ ସୃଷ୍ଟିର ଶ୍ରେଷ୍ଠ ସମ୍ପଦ ଭାବେ ବିବେଚନା କରାଯାଇ ଶ୍ରେଷ୍ଠ ସମ୍ମାନ ପ୍ରଦାନ କରାଯାଇଛି। ସେହିମାନଙ୍କ ମହିମାରେ ଏହି ଧରିତ୍ରୀ ମହିମା ମଣ୍ଡିତ ହୋଇଛି। ଯୁଗେ ଯୁଗେ ସେହିମାନଙ୍କର ତପଶକ୍ତି ଏହି ଧରଣୀକୁ ଧାରଣ କରିବା ସହିତ ସମାଜକୁ ସତମାର୍ଗ ପ୍ରଦର୍ଶନ କରିଆସିଛି। ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ଆଧୁନିକ ବିଶ୍ୱର ସେହିଭଳି ଜଣେ ମହାନ ସନ୍ଥ ମହାତପସ୍ୱୀ। ଆପଣା ତପଶକ୍ତିର ଦିବ୍ୟ ପ୍ରକାଶରେ ସେ ବିଶ୍ୱବାସୀଙ୍କୁ ଦିବ୍ୟ ଜୀବନ ମାର୍ଗଦର୍ଶନ କରାଇଛନ୍ତି।

୧୯୧୬ ମସିହା ସେପ୍ଟେମ୍ବର ୨୪ ତାରିକ ଦିନ ଏହି ଦିବ୍ୟ ଆତ୍ମା ଦକ୍ଷିଣ ଭାରତର ମାଙ୍ଗାଲୋର ଠାରେ ପିତା ଶ୍ରୀନିବାସ ରାଓ ଓ ମାତା ସରୋଜିନୀ ଦେବୀଙ୍କ କୋଳମଣ୍ଡନ କରି ଧରାବତରଣ କରିଥିଲେ। ଏକ ପ୍ରଖ୍ୟାତ ସଂସ୍କୃତି ସମ୍ପନ୍ନ ବ୍ରାହ୍ମଣ ପରିବାର। ମାମୁଁ ଘରେ ଜନ୍ମ ହୋଇ ପ୍ରାୟ ୧୬ ବର୍ଷ ଯାଏ ସେଇଠାରେ ବଢ଼ିଥିଲେ। ତାଙ୍କର ଅଜା ଥିଲେ ମାଙ୍ଗାଲୋର ଅଞ୍ଚଳର ଜଣେ ଅତ୍ୟନ୍ତ ପ୍ରସିଦ୍ଧ ଓ ପ୍ରଭାବଶାଳୀ ବ୍ୟକ୍ତି। ଲୋକେ ତାଙ୍କୁ ସେଠାକାର ମୁକୁଟ ବିହୀନ ସମ୍ରାଟ ଭାବି ଜ୍ଞାନ କରୁଥିଲେ। ଶ୍ରଦ୍ଧାରେ ଏହି ଦିବ୍ୟ ଶିଶୁଙ୍କ ନାମ ରଖାଯାଇଥିଲା ଶ୍ରୀଧର। ଜାତିର ପିତା ମହାତ୍ମା ଗାନ୍ଧୀ ଦକ୍ଷିଣ ଭାରତ ଭ୍ରମଣ ବେଳେ ଏକାଧିକ ବାର ତାଙ୍କ ଘରେ ଅତିଥି ହୋଇଥିଲେ। ଶିଶୁ ଶ୍ରୀଧର ବହୁବାର ତାଙ୍କ କୋଳରେ ବସିବାର ସୌଭାଗ୍ୟ ଲାଭ କରିଥିଲେ। ସେ ମାଙ୍ଗାଲୋରର ଏକ ପ୍ରସିଦ୍ଧ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ମାଧ୍ୟମିକ ଶିକ୍ଷା ସମାପ୍ତ କରି ଉଚ୍ଚଶିକ୍ଷା ପାଇଁ ପିତୃଗୃହ ମାଡ୍ରାସ ଚାଲି ଆସିଥିଲା।

ମାତୃଗୃହ ଓ ପିତୃଗୃହ ଉଭୟର ପରିବେଶ ଥିଲା ଅତ୍ୟନ୍ତ ଆଧ୍ୟାତ୍ମିକ। ପିଲା ଦିନ ଏହି ଆଧ୍ୟାତ୍ମିକ ସଂସ୍କାର ତାଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା। ମାଡ୍ରାସର ପ୍ରସିଦ୍ଧ ଲୟୋଲା କଲେଜରୁ ସେ କୃତୀତ୍ୱର ସହିତ ଉଚ୍ଚଶିକ୍ଷା ସମାପ୍ତ କରିଥିଲେ। ଜଣେ ବୈମାନିକ ହେବା ପାଇଁ ତାଙ୍କୁ ନିଯୁକ୍ତି ପତ୍ର ପ୍ରାପ୍ତ ହୋଇଥିଲା। ସଂସାରର ସମସ୍ତ ସୌଭାଗ୍ୟ ତାଙ୍କୁ ଆଉ ବାନ୍ଧି ପାରିଲା ନାହିଁ। ସମସ୍ତ ଆର୍କଣ ତ୍ୟାଗ କରି ସେ ପରମସିଦ୍ଧି ସନ୍ଧାନରେ ତପ ସାଧନା ପାଇଁ ତପୋଭୂମି ହିମାଳୟ ଚାଲି ଆସିଲେ। ସେଠାରେ ଦିବ୍ୟ ଜୀବନ ସଂଘର ପ୍ରାଣ ପ୍ରତିଷ୍ଠା ମହାଯୋଗୀ ସ୍ୱାମୀ ଶିବାନନ୍ଦଙ୍କ ଚରଣରେ ନିଜକୁ ସମର୍ପି ଦେଇଥିଲେ। କିଛି ବର୍ଷର ସେବା ଓ ସାଧନାରେ ପ୍ରୀତ ହୋଇ ୧୯୪୯ ମସିହା ଗୁରୁପୂର୍ଣ୍ଣିମା ଦିନ ପୂଜ୍ୟ ସ୍ୱାମୀଜୀ ବ୍ରହ୍ମଚାରୀ ଶ୍ରୀଧରଙ୍କୁ ପବିତ୍ର ସନ୍ନ୍ୟାସ ଦୀକ୍ଷା ପ୍ରଦାନ କରି ସ୍ୱାମୀ ଚିଦାନନ୍ଦ ନାମରେ ନାମିତ କରିଥିଲେ। ଗୁଣ ଚିହ୍ନେ ଗୁଣିଆ, ଗୁରୁ ଶିବାନନ୍ଦ ଶିଷ୍ୟର ଆଧ୍ୟାତ୍ମିକ ସ୍ଥିତି ଓ ଜନ୍ମ ଜନ୍ମର ସାଧନାକୁ ଅନୁଭବ କରି ଯଥାର୍ଥ ରୂପେ ଚିଦାନନ୍ଦ ନାମ ପ୍ରଦାନ କରିଥିଲେ। ସେ କହିଥିଲେ - ସ୍ୱାମୀଜୀ ଶିଷ୍ୟ ଚିଦାନନ୍ଦଙ୍କ ଉପରେ ମନ୍ତବ୍ୟ ଦେଇ କହିଥିଲେ ସ୍ୱାମୀ ଚିଦାନନ୍ଦ ବାସ୍ତବରେ ମୋର ଗୁରୁ ହେବାକଥା। କୌଣସି କର୍ମ ବିପାକରୁ ଏବେ ସେ ମୋର ଶିଷ୍ୟ ହୋଇଛନ୍ତି। ପିଲାଟି ଦିନରୁ ତାଙ୍କ ଭିତର ଅନେକ ଦିବ୍ୟ ଭାବର ପ୍ରକାଶ ଘଟିଥିଲା।

ଗଭୀର ଆଧ୍ୟାତ୍ମିକ ସାଧନା ସହିତ ସେବା, ପ୍ରେମ ଓ ବିନୟ ଭାବକୁ ଜୀବନର ଭୂଷଣ ଭାବେ ସେ ଗ୍ରହଣ କରିନେଇଥିଲେ। ନିଜେ ବ୍ରହ୍ମାନନ୍ଦରେ ବିଭୋର ହୋଇ ସର୍ବଦା ବ୍ରାହ୍ମିସ୍ଥିତିରେ ସ୍ଥିର ରହୁଥିଲେ ଏବଂ ସର୍ବତ୍ର ବ୍ରହ୍ମ ଦର୍ଶନ କରୁଥିଲେ। ତାଙ୍କ ଆଚରଣ ଓ ଉଚ୍ଚାରଣରେ ଏହି ଭାବ ସ୍ପଷ୍ଟ ଫୁଟି ଉଠୁଥିଲା। ସେ ଅଲୌକିକତାରେ ବିଶ୍ୱାସ କରୁନଥିଲେ। କିନ୍ତୁ ଭକ୍ତମାନଙ୍କ ଅନୁଭବରେ ତାଙ୍କର ଅନେକ ଅଲୌକିକତା ଅନୁଭୂତ ହେଉଥିଲା। ସେ ଥିଲେ ସେବାର ମୂର୍ତ୍ତିମନ୍ତ ବିଗ୍ରହ। ସମାଜରେ ସବୁଠାରୁ ପତିତ କୋଷ୍ଠ ରୋଗୀମାନେ ଥିଲେ ତାଙ୍କ ପାଇଁ ସାକ୍ଷାତ ନାରାୟଣ। ତାଙ୍କ ବଙ୍ଗଳାର ପାଚେରୀ ଚାରିପଟେ ସେ ଛୋଟ ଛୋଟ କୁଟୀର ନିର୍ମାଣ କରି ସେଠାରେ କୋଷ୍ଠ ରୋଗୀମାନଙ୍କୁ ରଖି ନାରାୟଣ ଜ୍ଞାନରେ ସେବାପୂଜା କରୁଥିଲେ। ଏହି ଭାବରେ ସେ ଜୀବନ ସାରା ବ୍ରତୀ ଥିଲେ।

ତାଙ୍କ ମା'ଥିଲେ ଜଣେ ମହୀୟସୀ ମହିଳା। ମାଆଙ୍କ ପ୍ରଭାବ ଗଭୀର ଭାବେ ତାଙ୍କ ଉପରେ ପଡ଼ିଥିଲା। ମଣିଷ, ମଣିଷ ଏପରିକି ପଶୁପକ୍ଷୀ, କୀଟ ପତଙ୍ଗ, ବୃକ୍ଷଲତାମାନେ ମଧ୍ୟ ତାଙ୍କ କୃପା କଟାକ୍ଷରୁ ବାଦ ପଡୁନଥିଲେ। ପାଣିରେ ପଡ଼ିଯାଇଥିବା ପତଙ୍ଗର ଉଧାର ପାଇଁ ଯନ୍ତ୍ରଣାରେ ଛଟପଟ ହେଉଥିବା ବୁଲାକୁକୁରର, ଗଳି କ୍ଷେତ ସଫା କରି ତାକୁ ଆରାମ ଦେବା ପାଇଁ, ଏହିଭଳି ବିଭିନ୍ନ ଅବସ୍ଥାରେ ସେ ଦୁଃଖୀଟିଏ ଦେଖିଲେ ତା ଦୁଃଖର ଉପଷମ ପାଇଁ ତତ୍ପର ହୋଇ ଉଠୁଥିଲେ। ନିଜ ବାରଣ୍ଡାରେ ଥିବା ଫୁଲ କୁଣ୍ଡ ଗୁଡ଼ିକ ଜଳ ବିନା ଝାଉଁଳି ପଡ଼ିଥିଲେ, ସେ ସଙ୍ଗେ ସଙ୍ଗେ ନିଜେ ଜଳ ଦେଇ ସାରି ଦାୟିତ୍ୱରେ ଥିବା ସେବକ ଭକ୍ତ ମାନଙ୍କୁ ବଚାରିଲେ ଏହି କୁଣ୍ଡ ମାନଙ୍କରେ କେତେ ଦିନ ହେବ ପାଣି ଦିଆଯାଇନାହିଁ। ତିନି ଦିନ ହେବ ଦିଆହୋଇନାହିଁ ଜାଣିପାରି ସେ କାହାକୁ କିଛି ନକହି ଆତ୍ମଦଣ୍ଡ ସ୍ୱରୂପ ତିନି ଦିନ କାଷ୍ଠା ଉପବାସ ରହିଲେ। ଏହାକୁ ପାପର ପ୍ରାୟଶଚିତ ବୋଲି ବ୍ୟାଥାତୁର ଭାବରେ ବ୍ୟକ୍ତ କଲେ। ଏହିଭଳି ଅସଂଖ୍ୟ ଉଦାହରଣରେ ତାଙ୍କ ଅତି ମାନବୀୟ ସେବାକୃତି ପୂର୍ଣ୍ଣ ଜୀବନଚର୍ଯ୍ୟା ଋଦ୍ଧିମନ୍ତ।

୧୯୪୮ରେ ଗୁରୁଦେବ ସ୍ୱାମୀ ଶିବାନନ୍ଦ ମହାରାଜ ତାଙ୍କ ଆଶ୍ରମ ଋଷିକେଶରେ ଆରମ୍ଭ କରିଥିଲେ ଯୋଗ ବେଦାନ୍ତ ଆରଣ୍ୟକ ବିଶ୍ୱ ବିଦ୍ୟାଳୟ। ସ୍ୱାମୀ ଚିଦାନନ୍ଦଙ୍କୁ ସେ ସେହି ବିଦ୍ୟାଳୟର କୁଳପତି ଓ ରାଜଯୋଗର ପ୍ରାଚାର୍ଯ୍ୟ ଦାୟିତ୍ୱରେ ଅବସ୍ଥାପିତ କରିଥିଲେ। ଗୁରୁଙ୍କ ଆଦେଶକୁ ଆଶୀର୍ବାଦ ରୂପ ଧାରଣ କରି ସେ ବିଶ୍ୱ ଭ୍ରମଣ କରିଥିଲେ। ଗୁରୁବାଣୀ ମାଧ୍ୟମରେ ଭାରତୀୟ ସଂସ୍କୃତି ଓ ଯୋଗ ବେଦାନ୍ତ ଆଜିର ପ୍ରଚାର ପ୍ରସାର କରି ସେ ପାଶ୍ଚାତ୍ୟ ଭକ୍ତ ମାନଙ୍କର ହୃଦୟ ଜିଣି ନେଇଥିଲେ। ମାର୍ଯ୍ୟାଦାର ଚରମ ପରାକାଷ୍ଠା ତାଙ୍କ ବ୍ୟବହାରରେ ପରିଦୃଷ୍ଟ ହେଉଥିଲା। ନମ୍ରତା ତାଙ୍କର ଭୂଷଣ ଥିଲା। ଭାରତ ବର୍ଷର ବଡ଼ ବଡ଼ ମହାତ୍ମାମାନେ ତାଙ୍କୁ ପ୍ରେମର ଅବତାର, ମର୍ଯ୍ୟାଦାବନ୍ତ ରାମ ଭଗବାନ ବୋଲି କହିବାକୁ ଭୁଲୁ ନଥିଲେ। ବିଶ୍ୱ ବନ୍ଦିତ ପରମହଂସ ପ୍ରଜ୍ଞାନାନନ୍ଦଙ୍କ ଗୁରୁ ପରମହଂସ ହରିହରା ନନ୍ଦ ଥରେ ଶିଷ୍ୟ ପ୍ରଜ୍ଞାନାନନ୍ଦଙ୍କୁ କହିଥିଲେ ସାଧନ କ୍ଷେତ୍ରରେ ନମ୍ରତା ଶ୍ରେଷ୍ଠ ଅବଲମ୍ବନ। ଯଦି ଜୀବନରେ ନମ୍ରତା ଶିକ୍ଷା କରିବାର ଅଛି ତେବେ ସ୍ୱାମୀ ଚିଦାନନ୍ଦ ମହାରାଜଙ୍କୁ ଅନୁକରଣ କର।

ସ୍ୱାମୀ ଚିନ୍ମୟାନନ୍ଦଜୀ ଗୀତର ଜଣେ ପ୍ରଚଣ୍ଡ ପ୍ରବକ୍ତା ଭାବେ ସାରା ବିଶ୍ୱରେ ପରିଚିତ। ଏକଦା ଏକ ବିଶ୍ୱ ବିଦ୍ୟାଳୟରେ ଗୀତା ୨ୟ ଅଧ୍ୟାୟରେ ବର୍ଣ୍ଣିତ ସ୍ଥିତପ୍ରଜ୍ଞ ଲକ୍ଷଣ ବିଷୟରେ ପ୍ରବଚନ ଦେଉଥିଲେ। ଜଣେ ପ୍ରଫେସର ଠିଆ ହୋଇ ପ୍ରଶ୍ନ କଲେ ସ୍ୱାମୀଜୀ ଆପଣ ସ୍ଥିତପ୍ରଜ୍ଞଙ୍କର ଯେଉଁ ଲକ୍ଷଣ ସବୁ କହୁଛନ୍ତି ଏପରି ବ୍ୟକ୍ତି କଣ ଏ ପୃଥିବୀରେ ଅଛନ୍ତି? ସ୍ୱାମୀଜୀ ତତକ୍ଷଣାତ ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ କଥା ଉଲ୍ଲେଖ କରିଥିଲେ। ଦିବ୍ୟ ଜୀବନ ସଂଘର ସଭାପତି ଅଛନ୍ତି। ସେ ଜଣେ ସ୍ଥିତପ୍ରଜ୍ଞ ଯୋଗୀ। ନର ଦେହେ ନାରାୟଣ ଭଳି ଋଷିକେଶ ସ୍ଥିତ ଶିବାନନ୍ଦ ଆଶ୍ରମରେ ନିବାସ କରୁଛନ୍ତି। ସତରେ ସ୍ୱାମୀ ଚିଦାନନ୍ଦଙ୍କ ଭଳି ପରଦୁଃଖ କାତର ସର୍ବଭୂତ ହିତେ ରତା ମହାତ୍ମା ଜଗତରେ ବିରଳ।

ସେ ଥିଲେ ଜଣେ ସୁଲେଖକ, ଉତ୍ତମ ବକ୍ତା, ସୁସଙ୍ଗଠକ, ସମାଜ ସଂସ୍କାରକ, ବହୁ ପୁସ୍ତକର ପ୍ରଣେତା। ତାଙ୍କ ନାମ ଶୁଣି ଲୋକମାନେ ପୃଥିବୀର କୋଣ ଅନୁକୋଣରୁ ଧାଇଁ ଆସୁଥିଲେ। ସ୍ୱାମୀଜୀ ଥିଲେ ଶ୍ରଦ୍ଧା, ପ୍ରେମ, ଜ୍ଞାନ, ଭକ୍ତି, ବୈରାଗ୍ୟର ଘନ ବିଗ୍ରହ। ୧୯୬୩ରେ ସ୍ୱାମୀ ଶିବାନନ୍ଦ ମହାସମାଧି ପ୍ରାପ୍ତ ହେଲେ। ସେବେଠାରୁ ଅଗଷ୍ଟ ୨୮ ତାରିଖ ୨୦୦୮ ପର୍ଯ୍ୟନ୍ତ ସେ ଦିବ୍ୟ ଜୀବନ ସଂଘର ସଭାପତି ରହି ମହାସମାଧି ପ୍ରାପ୍ତ ହୋଇଥିଲେ। ସ୍ୱାମୀଜୀଙ୍କ ମର ଶରୀର ପଞ୍ଚଭୂତରେ ବିଲୀନ ହୋଇଗଲା ହେଲେ ଗୁରୁ ଚିଦାନନ୍ଦ କୋଟି ପ୍ରାଣର ଦେବତା ହୋଇ ରହିଗଲେ। ତାଙ୍କର ଶୁଭ ଜନ୍ମ ଦିନରେ ସେହି ବିଶ୍ୱ ପ୍ରାଣ ମହା ମାନବଙ୍କୁ ବିନମ୍ର ପ୍ରଣତୀ।

ମାଳତୀକୁଞ୍ଜ, ପ୍ଲଟନଂ ୫୨୬/ଡି, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୮୭୬୩୧୦୭୧୨୬

## ୧୧ କେଭି ବିଦ୍ୟୁତ ସଂସ୍ପର୍ଶରେ ଆସି ଛାତ୍ର ଗୁରୁତର

ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ଗାଲଫୁଲା ଗ୍ରାମରେ ୧୧ କେଭି ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ଛାତ୍ର ଗୁରୁତର ହୋଇଛନ୍ତି। ଗୁରୁତର ଜଣଙ୍କ ରାୟା ନାଏକ ପୁଅ ଆକାଶ ନାଏକ ବୋଲି ଜଣାପଡିଛି। ସେ ଘର ପଛରେ ଥିବା ପଳଶା ଗଛରେ ଛଡି ଥିବା ବେଳେ ଗଛ ଉପର ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ ତାର ଗଛ ଡାଳରେ ଲାଗି ଯାଇଥିଲା । ଫଳରେ ଛାତ୍ର ଟିର ହାତ, ଗୋଡ ଓ ପିଠି ଜଳି ଯିବା ସହ ଛାତ୍ର ଜଣଙ୍କ ଗୁରୁତର ଅବସ୍ଥାରେ ଗଛରୁ ଖସି ପଡ଼ିଥିଲେ । ସେଠାରୁ ପରିବାର ଲୋକେ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ହାତୀ ଉପଦ୍ରବ ରେ ମାଟୁପାଲି ଗ୍ରାମରେ ପହଞ୍ଚିଲେ ଫରେଷ୍ଟ ଗାର୍ଡ ଟିମ୍

ପାଟଣାଗଡ଼ ( ମହାଭାରତ ) ଦିନକୁ ଦିନ ବୃଦ୍ଧି ପାଉଛି ହାତୀ ଉପଦ୍ରବ ଗତ ସୋମବାର ଦିନ ପାଟଣାଗଡ଼ ରେଞ୍ଜ ପାଟଣାଗଡ ଉପଖଣ୍ଡ ଏକ ହାତୀ ପଲ ଆସି ବହୁ ଚାଷ ନଷ୍ଟ କରିଥିବା ଦୃଶ୍ୟ ଆମେ ଆମ ମଭାଭାରତ ଖବର କାଗଜରେ ପ୍ରକାଶ ପାଇ ଥିଲା। ଆପଣ ମାନଙ୍କ ମନେ ରେ ମଧ୍ୟ ରହିଥିବ । ସୂଚନା ଅନୁସାରେ ପାଟଣାଗଡ଼ ରେଞ୍ଜ ପାଖ ଜଙ୍ଗଲ କିରିବାଞ୍ଜି ଜଙ୍ଗଲ ଆଡୁ ବହୁ ହାତୀ ପଲ ଆସି ପାଟଣାଗଡ଼ ରେଞ୍ଜ ମାଟୁପାଲି ଗ୍ରାମ ର ଦିନବନ୍ଧୁ ସଲତର ୧୦ ଏକର ଜମିର କପା ଚାଷ , କୁଶ ଫୁଟା ଙ୍କ ୩ ଏକର ଧାନ ୪ ଏକର କପା , ଅମର ପୁଟା ଙ୍କ ୫ ଏକର କପା ଶହ ୩ ଏକର ଧାନ , ଚିନ୍ତାମଣି ଧରୁଆ ଙ୍କ ୪ ଏକର କପା ନଷ୍ଟ କରିଥିବାର ଦେଖିବାକୁ ମିଳିଥିଲା । ଏଥିରେ



ବ୍ୟାପକ ବିଭିଓ ପ୍ରକାରର ଚାଷ ତଥା ଧାନ , କପା ଇତ୍ୟାଦି ଫସଲ ନଷ୍ଟ ହୋଇଥିବା ବେଳେ ଚାଷି ଚାଷର କ୍ଷୟକ୍ଷତି ହୋଇଥିବା କ୍ଷତି ପୂରଣ ଆଶାରେ ଚାଷୀ ରହିଥିଲେ। ଆଜି ଫରେଷ୍ଟ ବିଭାଗ ଙ୍କ ସମେତ ବିଭାଗର ବନ କର୍ମଚାରି ମାନେ ପହଞ୍ଚି କ୍ଷୟକ୍ଷତି ହୋଇଥିବା ଚାଷ ଜମି ଗୁଡ଼ିକୁ ଅନୁଧ୍ୟାନ କରି ଚାଷିଙ୍କ ସହ ଆଲୋଚନା କରି ଜମି ଗୁଡିକରେ ହାତୀ ପଲ ଯେତେ କ୍ଷୟକ୍ଷତୀ କରିଛନ୍ତି। ଆଜି ତାର ସର୍ଭେ କରି ଆସିଛନ୍ତି ଫରେଷ୍ଟ ବିଭାଗର କର୍ମଚାରୀ ମାନେ ଏବଂ ବହୁତ ଜଲଦି ତାର କ୍ଷତି ପୁରଣ ଦେବେ ସରକାର ବୋଲି କହିଛନ୍ତି।

## ପ୍ରବାସୀ ଶ୍ରମିକଙ୍କ ନିମନ୍ତେ ଆଇନ ସଚେତନତା କାର୍ଯ୍ୟକ୍ରମ

ବାଣପୁର :( ମହାଭାରତ )ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବାଣପୁର ଓ ଚିଲିକା ବ୍ଲକ ଅଞ୍ଚଳରେ ସର୍ବାଧିକ ପ୍ରବାସୀ ଶ୍ରମିକମାନେ ବାସ କରୁଥିବା ବେଳେ ବିଭିଓ ସମୟରେ ଉକ୍ତ ଶ୍ରମିକ ମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି । କେତେବେଳେ ଦେଶ ବିଦେଶରେ କାର୍ଯ୍ୟ କରୁଥିବା ସମ୍ପୃକ୍ତ ଶ୍ରମିକମାନଙ୍କୁ ବିଭିଓ କମ୍ପାନୀମାନେ ଉଚିତ ପ୍ରାପ୍ୟ ଦେଉନଥିବା ଅଭିଯୋଗ ହେଉଛି ତ ଆଉ କେତେବେଳେ ଶ୍ରମିକ ମାନେ ଶାରୀରିକ ଏବଂ ମାନସିକ ନିର୍ଯ୍ୟାତନା ପାଉଥିବା ଅଭିଯୋଗ ହେଉଛି ଏପରିକି ବହୁ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ ମଧ ଘଟୁଛି। ତେବେ ଏହାର ମୁଖ୍ୟ କାରଣ ହେଉଛି ଶ୍ରମିକ ମାନେ ରାଜ୍ୟ ତଥା ଦେଶ ବାହାରେ କାର୍ଯ୍ୟ କରିବାକୁ ଯାଉଥିବା ବେଳେ ସ୍ଥାନୀୟ ଶ୍ରମ କାର୍ଯ୍ୟାଳୟରେ ନିଜ ନାମ ପଞ୍ଜିକରଣ କରୁନାହାନ୍ତି । ଯାହା ଫଳରେ ସରକାରଙ୍କ ପାଖେ ଉକ୍ତ ଶ୍ରମିକ ମାନଙ୍କ ପ୍ରକୃତ ତଥ୍ୟ ରହୁନାହିଁ ଏବଂ ଶ୍ରମିକ ମାନେ ବିପଦ ସମୟରେ ସରକାରୀ ସହାୟତାରୁ ବଞ୍ଚିତ ହେଉଛନ୍ତି । ଏହି ପରିପ୍ରେକ୍ଷୀରେ ଆଜି ପ୍ରବାସୀ ଶ୍ରମିକଙ୍କ ବିଭିଓ ସମସ୍ୟା, ଆଇନଗତ ସହାୟତା ଓ ସୁବିଧା ବିଷୟରେ ବାଣପୁର ତାଲୁକ ଆଇନ ସେବା ସମିତି ପକ୍ଷରୁ ଭେଟେଶ୍ୱର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ବାଣପୁର କୋର୍ଟ ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ବାଣପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ସ୍ନାତକୀ ଦାସ, ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ଆଇଆଇସି ରମେଶ କୁମାର ଦେବ□ା,ସରପଞ୍ଚ ସାବିତ୍ରୀ ଭୋଳ, ବାଣପୁର ଓକିଲ ସଂଘ ସମ୍ପାଦକ ରଞ୍ଜନ କୁମାର ବେଦମଣ୍ଟା, ଫ୍ର□ ଅଫିସ ରିଟେନର ପଦ୍ମଜା ପଟ୍ଟନାୟକ,ବାଲୁଗାଁ ସହକାରୀ ଶ୍ରମ ଅଧିକାରୀ ସୌମ୍ୟରଞ୍ଜନ କର ଏବଂ ଆଇନଜୀବୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ବିଚାରପତି ଶ୍ରୀ ମହାପାତ୍ର ପ୍ରବାସୀ ଶ୍ରମିକମାନଙ୍କ ବିଭିଓ ଆଇନଗତ ଅଧିକାର ଏବଂ ସୁବିଧା ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଶ୍ରମିକମାନଙ୍କ ପାଇଁ ସରକାର ନିର୍ଧାରଣ କରିଥିବା କାର୍ଯ୍ୟ ସମୟ ଅବଧି, ପ୍ରାପ୍ୟ ଏବଂ ବିଶେଷ କରି ମହିଳା ଶ୍ରମିକମାନଙ୍କ ପାଇଁ ଥିବା ବିଭିନ୍ନ ଆଇନ ବିଷୟରେ ଅବଗତ କରାଇଥିଲେ ବିଚାରପତି ଶ୍ରୀ ମହାପାତ୍ର। ତତସହିତ ସ୍ଥାନୀୟ ଶ୍ରମ କାର୍ଯ୍ୟାଳୟରେ ଶ୍ରମିକମାନଙ୍କୁ ନିଜ ନାମ ପଞ୍ଜିକରଣ କରାଇବା ପାଇଁ ପରାମର୍ଶ ଦେଇଥିଲେ । ଯାହାଦ୍ୱାରା ଅସୁବିଧା ସମୟରେ ଶ୍ରମିକମାନେ ସରକାରୀ ତଥା ଆଇନଗତ ସହାୟତା ପାଇପାରିବେ। ଅନୁରୂପ ଭାବେ ବିଚାରପତି ଶ୍ରୀମତୀ ଦାସ ମଧ ଶ୍ରମିକ ମାନଙ୍କ ପାଇଁ ଉଦିଷ୍ଟ ଥିବା ବିଭିଓ ଆଇନ ବିଷୟରେ ସଚେତନ କରାଇଥିଲେ।

## ପୁରୁଣା ପେନସନ ଲାଗୁ ଦାବୀରେ ଭବାନୀପାଟଣା ରାଜରାସ୍ତା କମ୍ପିଲା




କଳାହାଣ୍ଡି/ମହାଭାରତ :କେନ୍ଦ୍ରସରକାର କର୍ମଚାରୀ ଙ୍କ ନିମନ୍ତେ ୟୁନିଫାଏଡ ପେନସନ ସ୍କିମ ଘୋଷଣା କରିବା ପରେ ଦେଶରେ କର୍ମଚାରୀଙ୍କ ମନରେ ଅସନ୍ତୋଷ ସୃଷ୍ଟି ହୋଇଛି । ଏହି ପରିପ୍ରେକ୍ଷୀରେ ଦେଶରେ ସମସ୍ତ କେନ୍ଦ୍ର, ରାଜ୍ୟ ସରକାରୀ କର୍ମଚାରୀ ଅଦ୍ୟ -୨୬.୦୯. ୨୦୨୪ରିଖ ଦିନ ସମସ୍ତ ଜିଲ୍ଲାପାଳଙ୍କ ଜରୀଆରେ ଦାବିପତ୍ର ପ୍ରଦାନ କରାଯାଇଛି । ଯାହା କଳାହାଣ୍ଡି ଶାଖା ତରଫରୁ ସଭାପତି ସାମନ୍ତ କୁମାର ପଟ୍ଟଯୋଶୀ ଙ୍କ ନେତୃତ୍ୱରେ ବିଶାଳ ପଟୁଆର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରୁ ଜିଲ୍ଲାପାଳଙ୍କ କାର୍ଯାଳୟ ପର୍ଯ୍ୟନ୍ତ ବାହାରିଥିଲା । ଜିଲ୍ଲା ଶାଖା ସାଧାରଣ ସମ୍ପାଦକ ଲଳିତ କୁମାର ନାଏକ ରାଲିର ଅଭିମୁଖ୍ୟ ସ୍ପଷ୍ଟ କରିଥିବା ବେଳେ ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଧୀରେନ୍ଦ୍ର କୁମାର ପଟ୍ଟନାୟକ, ବୀରେନ୍ଦ୍ର ବାଗ, ରାଜ୍ୟ ଘଗଡଂଚଝ ଉପସଭାପତି ବଂକିମ ଚନ୍ଦ୍ର ସାଗର, ବସନ୍ତ କୁମାର, ପ୍ରଦ୍ୟୁମ୍ନ ହୋତା, ରାହୁଲ ବାନଛୋର,ନୀଳାଞ୍ଚଳ ରଥ, ଆଶୁତୋଷ ମିଶ୍ର, ତନ୍ମୟ ମିଶ୍ର, ବିଜୟ କୁମାର ପାଲ, ରମାକାନ୍ତ ନାୟକ, ମାଧବ ପଣ୍ଡା, ଅମରେଶ ନେଗୀ, ପ୍ରଫୁଲ୍ଲ ଠାକୁର, ପ୍ରଭାତ ରଥ,ଦୀପକ ଦାସ, ଉପେନ୍ଦ୍ର ପ୍ରଧାନ , ଗଜେନ୍ଦ୍ର ପତି, ଜିତେନ୍ଦ୍ର ମୁଣ୍ଡ,ପ୍ରମୁଖ ମଞ୍ଚରେ ଥିଲେ।

## ବିଭିଓ ଦାବି ନେଇ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ର ବୈଠକ

ଜୟପୁର(ମହାଭାରତ) : ଦାବି ପୂରଣ ନ ହେବାରୁ କର୍ମଚାରି ଅସନ୍ତୋଷ, ନ୍ୟାର୍ଯ୍ୟ ଦାବି ପାଇବାରୁ କର୍ମଚାରି ବଞ୍ଚିତ। ମାସ ମାସ ବିତିଗଲା ପରେ ମଧ ହୋଇ ପାରୁନି ଚୁଡାନ୍ତ। ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜୟପୁର ରାଜୁ ସାହି ସ୍ଥିତ ପଞ୍ଚାନନ ମନ୍ଦିର କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଅଛି, ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା ସଭାପତି ଶ୍ରୀ ଶଶୀଭୂଷଣ ଦାଶ୍ ଙ୍କ ଆହ୍ୱାନ କ୍ରମେ ବିଭିନ୍ନ ବିଭାଗରେ କାର୍ଯ୍ୟ ରତ ବିଭିଓ ବର୍ଗର ଶତାଧିକ କର୍ମଚାରୀ ଯୋଗଦାନ କରିଥିଲେ ଉକ୍ତ ବୈଠକରେ ଜିଲ୍ଲା ସ୍ତରୀୟ କର୍ମଚାରି ଙ୍କ ନ୍ୟାର୍ଯ୍ୟ ଦାବି ପୁରଣ ଦିଗରେ ସରକାର ଙ୍କ ଦୃଷ୍ଟି ଆକର୍ଷଣ କରିବା ନେଇ ଆଲୋଚନା ହୋଇଥିଲା, ମୁଖ୍ୟତଃ ସମସ୍ତ କର୍ମଚାରୀ ଙ୍କୁ ପୁରୁଣା ପେନସନ ପ୍ରଦାନ କରିବା, ପୁରଣା ନିୟମାନୁସାରେ ଅନୁକମ୍ପା ମୂଳକ ନିଯୁକ୍ତି ପ୍ରଦାନ କରିବା, ଠିକା ନିଯୁକ୍ତ ଉଚ୍ଛେଦ କରିବା, ବ୍ଲକ ଗ୍ରା□ ଉଚ୍ଛେଦ କରିବା, ଏକ୍ସ କ୍ୟାଡ଼ର ଉଚ୍ଛେଦ କରିବା, କଭିଡ୍ ମହାମାରୀ ସମୟରୁ ସ୍ଥଗିତ ରଖିଥିବା ମହଙ୍ଗା ଭତ୍ତା କୁ ପ୍ରଦାନ କରିବା, ଘର ଭଡ଼ା ରେ ସମାନତା ରଖିବା, ପ୍ରତ୍ୟେକ ଖାଲିଥିବା ପଦବୀ ପୂରଣ କରିବା ଓ ଯୋଗ୍ୟତା ଭିତିରେ ଖାଲି ପଡିଥିବା ପଦବୀ ରେ ଠିକ୍ ସମୟରେ ପଦଓ୍ବତି ଦେବା ନିମନ୍ତେ ରାଜ୍ୟ ସରକାର ଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ସମସ୍ତ ଉପସ୍ଥିତ କର୍ମଚାରୀ ମତ ଦେଇଥିଲେ। ଦୀର୍ଘ ଦିନ ଧରି ଖାଲି ପଡିଥିବା ପଦବୀ ନିମନ୍ତେ ପଦଓ୍ବତି ପାଇବା ପାଇଁ ଯୋଗ୍ୟ ବିବେଚିତ କର୍ମଚାରି ଥିଲେ ସୁଦ୍ଧା ଅଧିକାରୀ ମାନେ ପଦଓ୍ବତି ଦେବାରେ ଟାଳ ଟୁଳ ନିତି ଅବଲମ୍ବନ କରିବା ନେଇ ସମସ୍ତେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଚତୁର୍ଥ ଶ୍ରେଣୀ କର୍ମଚାରୀ ମାନେ ତୃତୀୟ ଶ୍ରେଣୀ କର୍ମଚାରୀ ଭାବେ ପଦଓ୍ବତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇ କମ୍ପୁଟର ପରୀକ୍ଷା ଦେବାର ୩ ମାସ ହେବାକୁ ଯାଉଥିଲେ ମଧ ଶିକ୍ଷା ବିଭାଗର ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଆଜି ପର୍ଯ୍ୟନ୍ତ ପଦନ୍ନତି ଦିଆ ଯାଇନଥିବା ଯୋଗୁଁ ଶିକ୍ଷା ବିଭାଗର କର୍ମଚାରୀ ମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଅପର ପକ୍ଷରେ ରାଜସ୍ୱ ବିଭାଗର ଜିଲ୍ଲା ସ୍ତରୀୟ ଅମଲା ମାନଙ୍କୁ ମାନ୍ୟବର ଜିଲ୍ଲାପାଳ ମହୋଦୟ କୋରାପୁଟ ପଦଓ୍ବତି ଦେଇ ଆସୁଥିବା ବେଳେ ଶିକ୍ଷା ବିଭାଗ ସହିତ ବହୁତ କିଛି ବିଭାଗ ଅଛି ଯେଉଁଥିରେ କି ପଦନ୍ନତି ଦିଆ ଯାଉଥିବା ଶିକ୍ଷା ବିଭାଗର ସମସ୍ତ ଉପସ୍ଥିତ ଅମଲା ମତ ଦେଇଥିଲେ। ଉକ୍ତ ବୈଠକରେ ଶ୍ରୀ ଶଶୀଭୂଷଣ ଦାଶ୍ ସଭାପତି ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା ସଭାପତିତ୍ୱ କରିଥିଲାବେଳେ ଶ୍ରୀ ମହେଶ୍ୱର ମିଶ୍ର ସମ୍ପାଦକ, ଶ୍ରୀ ଗୋଲକ ବିହାରୀ ଚୌଧୁରୀ ସାଙ୍ଗଠନିକ ସମ୍ପାଦକ, ଶ୍ରୀ ୱାଇ ଶ୍ରୀନିବାସ ରାଓ ବରିଷ୍ଠ ସଦସ୍ୟ, ଶ୍ରୀ ତ୍ରିନାଥ ପଣ୍ଡା,ଶ୍ରୀ ଅଜି କୁମାର ସାବତ, ଶ୍ରୀ ସୁନିଲ୍ କୁମାର୍ ତ୍ରିପାଠୀ, ଶ୍ରୀ ସୂର୍ଯ୍ୟ ମହାରଣା, ଶ୍ରୀ ନରସିଂହ ସାବତ, ଶ୍ରୀ ନିରଞ୍ଜନ ପଣ୍ଡା, ଶ୍ରୀ ସୁନିଲ୍ କୁମାର୍ ଦାଶ୍ ଶ୍ରୀମତୀ ଭାରତୀ ହୋତା ଙ୍କ ସମେତ ବହୁ ବରିଷ୍ଠ ସଦସ୍ୟ ଯୋଗଦାନ କରିଥିଲେ। ପରି ଶେଷରେ ଶ୍ରୀ ଶଶୀ ଭୂଷଣ ଦାଶ୍ ସଭାପତି ଓଡ଼ିଶା ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ସଭା ସାଙ୍ଗ କରିଥିଲେ।

## ନିପୁଣ ଓଡ଼ିଶା ମିଶନର ସଫଳ ରୂପାୟନ ଉପରେ କର୍ମଶାଳା

ଆସିକା (ମହାଭାରତ): ପ୍ରାଥମିକ ବିଦ୍ୟାଳୟ ରେ ସାର୍ବଜନୀନ ମୌଳିକ ସାକ୍ଷରତା ଓ ସଂଖ୍ୟାଗ୍ୟାନ ହାସଲ କରିବା ଓ ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ଭାଷା ଓ ଗଣିତ କ୍ଷେତ୍ରରେ ସର୍ବନିମ୍ନ ଦକ୍ଷତାକୁ ସୁନିଶ୍ଚିତ କରିବା ଦିଗରେ ଅଭିଭାବକ, ଗୋଷ୍ଠୀ ସଦସ୍ୟଙ୍କୁ ମୌଳିକ ସକ୍ଷରତା ଓ ସଂଖ୍ୟାଜ୍ଞାନ କାର୍ଯ୍ୟକାରିତା ଉପରେ ମିଶନର ସଫଳ ରୂପାୟନ ପାଇଁ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ପ୍ରଧାନଶିକ୍ଷକ ଓ ଶିକ୍ଷକମାନ ଙ୍କୁ ନେଇ କାର୍ଯ୍ୟ କରିବା ଦିଗରେ ଏକ କର୍ମଶାଳା ସ୍ଥାନୀୟ କାଳଷଣ୍ଢପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ ମୁନରାଣୀ ମହାନ୍ତି ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ କୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭାଗିରଥି ପାତ୍ର ସଂଯୋଜନା କରିଥିଲେ। କେନ୍ଦ୍ର ସରକାର ଶିକ୍ଷା ବିଭାଗ ରାଜ୍ୟ ସରକାରଙ୍କ ଓଡିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ଆରମ୍ଭ ହୋଇଛି। ଶିକ୍ଷା କଲ୍ୟାଣକାରୀ କାର୍ଯ୍ୟକ୍ରମ ନିପୁଣ ଓଡିଶା ମିଶନ ଆନୁକୂଲ୍ୟରେ ପ୍ରଥମ ରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ର ଛାତ୍ରୀ ମାନଙ୍କୁ ମୌଳିକ ସାକ୍ଷାରତ ସଂଖ୍ୟାଜ୍ଞାନ ନିଜ ମାତୃଭାଷା ରେ କିପରି ଭାବେ ଲେଖି ପଢି ଓ ସମସ୍ତ ବିଷୟରେ ବୁଝିବେ ଏହି ମିଶନର ମୂଳଲକ୍ଷ୍ୟ ।ଓଡ଼ିଶାରେ ସେପ୍ଟେମ୍ବର ୫ ତାରିଖ ଓ ଗଞ୍ଜାମ ଜିଲ୍ଲାରେ ସେପ୍ଟେମ୍ବର ୧୯ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଆସନ୍ତା ଦିନ ମାନଙ୍କରେ ଆସିକା ବ୍ଲକ, ପ୍ରତି ପଞ୍ଚାୟତ ରେ ସମସ୍ତ ଅଭିଭାବକ ଓ ଛାତ୍ର ଛାତ୍ରୀଙ୍କୁ ସଚେତନତା କରିବାକୁ ଆଜି ଏହି କର୍ମଶାଳା ରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ଶିବିରରେ ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନସ୍ଥ ୧୧ଟି କ୍ଲଷ୍ଟରରେ ନୂତନ ନିଯୁକ୍ତି ପାଇଥିବା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଓ ବିଭିଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ, ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ପ୍ରଶିକ୍ଷିତ ହୋଇଥିଲେ।

## କଳାହାଣ୍ଡି/ଜୁନାଗଡ: ଦାସୀ ଗାଁ ପି.ଡବ୍ଲୁ.ଡି ଗାର୍ଡ ୱାଲ୍ କାମରେ ଦୁର୍ନୀତି ଅଭିଯୋଗ

କଳାହାଣ୍ଡି/ମହାଭାର: କଳାହାଣ୍ଡି ଜିଲ୍ଲା ଜୁନାଗଡ ବ୍ଲକ ଅନ୍ତର୍ଗତ ଦାସୀ ଗାଁ ପି.ଡବ୍ଲୁ.ଡି ରୋଡ ର ପୋଲକାମ ସହିତ ଦୁଇ ପାର୍ଶ୍ୱରେ ଗାର୍ଡ ୱାଲ୍ କାମ ଚାଲିଛି କିନ୍ତୁ କାମରେ ବହୁ ଦୁର୍ନୀତି ଚାଲିଛି ବୋଲି ଗ୍ରାମ ବାସି ଅଭିଯୋଗ କରିଛନ୍ତି । ଗାର୍ଡ ୱାଲ୍ କାମରେ ନିମ୍ନମାନର କାମ ଚାଲିଛି ଯେତେ ପରିମାଣରେ ସିମେ□ , ବାଲି, ରଡ, ଲାଗିବା କଥା ସେତିକି ପରିମାଣରେ ଲାଗୁନାହିଁ ଯୋଉ ସିମେଣ୍ଟ ଲାଗିବା କଥା ସେଇ ସିମେଣ୍ଟ ବ୍ୟବହାର କରା ଯାଉ ନାହିଁ । ୭ ଗମଲା ଚିପ୍ସ ରେ ୯ଗମଲା ବାଲି ସହିତ ଅଧା ବସ୍ତା ସିମେଣ୍ଟ ମିଶାଇ କାମ କରା ଯାଉଛି ଏ ବାବଦରେ ଜେ. ଇ ଙ୍କୁ ଫୋନ୍ ମାଧ୍ୟମରେ ପଚାରିବାରୁ ସେ କହିଲେ ଯଦି କାମରେ କିଛି ଭୁଲ ଅଛି ତା ହେଲେ ଆପଣ ଯାହା କରିବା କଥା କରନ୍ତୁ ବୋଲି ଫୋନ୍ କାଟି ଦେଲେ ଏ ବାବଦରେ ପଚାରିବା ପାଇ ଠିକାଦାର ବାବୁ ଙ୍କୁ ମଧ କଣ୍ଟାକ୍ଟ କରିବା ପାଇ ବହୁ ଚେଷ୍ଟା କଲୁ କିନ୍ତୁ କ□ାକ ହୋଇପାରିଲା ନାହିଁ । ଏଠି ଠିକାଦାର ବାବୁ ଜଣକ ନିଜ ମନମୁଖୀ କାର୍ଯ କରୁଛନ୍ତି ବୋଲି ଗ୍ରାମ ବାସି ଅଭିଯୋଗ କରିଛନ୍ତି । ଏଠି ଜେ.ଇ ଓ ଠିକାଦାର ଙ୍କ ମଧୁଚନ୍ଦ୍ରିକା ରେ କାମ ଚାଲିଛି ଯାହା ଫଳରେ କାମରେ ଘୋର ଦୁର୍ନୀତି ଚାଲିଛି ସେଥିପାଇଁ ତୁରନ୍ତ ଏହା ର ତଦନ୍ତ କରାଯାଉ ବୋଲି ଗ୍ରାମ ବାସି ବାସି ଙ୍କ ଅଭିଯୋଗ ଆସିଛି।

## ବିଦ୍ୟାଳୟରେ ନିମ୍ନମାନର ପୋଷାକ ବଣ୍ଟନକୁ ନେଇ ତେଜୁଛି ଅସନ୍ତୋଷ
### ତଦନ୍ତ କରିବାକୁ ଦାବି

ବେଗୁନିଆ,(ମହାଭାରତ): ଚଳିତ ବର୍ଷ ବେଗୁନିଆ ବ୍ଲକର ୨୧ ଗୋଟି ପଂଚାୟତର ୧୪୩ ଟି ବିଦ୍ୟାଳୟର ୧୦୫୭୪ ଜଣ ଛାତ୍ରଛାତ୍ରୀଙ୍କୁ ୧୧ ଗୋଟି ମହିଳା ଗୋଷ୍ଠୀ ଓ ୨ ଟି ବ୍ୟବସାୟ ପ୍ରତିଷ୍ଠାନକୁ ପୋଷାକ ବଣ୍ଟନ କରିବାକୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ରତ୍ୟେକ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଧିନତାଦିବସ ପୂର୍ବରୁ ପୋଷାକ ବଣ୍ଟନ କରିବା ପାଇଁ ସ୍ଥିରୀକୃତ ହୋଇଥିବା ବେଳେ ଚଳିତ ବର୍ଷ ବିଳମ୍ବରେ ସେପ୍ଟେମ୍ବର ମାସ ୧୮ ତାରିଖରୁ ପୋଷାକ ବଣ୍ଟନ ଅଦ୍ୟାବଧି ପର୍ଯ୍ୟନ୍ତ ଚାଲୁ ରହିଛି। ବିଗତ ବର୍ଷ ମାନଙ୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ପରିଚାଳନାକମିଟି ମିଳିତ ଭାବେ ଉତ୍ତମ ମାନର ପୋଷାକ ଚୟନ କରି ବଣ୍ଟନ କରିଥିବା ବେଳେ ଚଳିତ ବର୍ଷ ମହିଳା ଗୋଷ୍ଠୀଉତ୍ତମମାନର ପୋଷାକ ବଣ୍ଟନ କରିବାପରିବର୍ତେ ଅତ୍ୟନ୍ତ ନିମ୍ନମାନର ପୋଷାକ ବଣ୍ଟନ କରାଯାଉଛି ବୋଲି ବ୍ଲକ ଶିକ୍ଷାଧିକାରୀ ଭାସ୍କର ଲେଙ୍କାଙ୍କ ନିକଟରେ ଛତ୍ରପଡା ସରକାରୀଉଚ୍ଚବିଦ୍ୟାଳୟ ଓ ଗୌଡପାଟଣା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଅଭିଯୋଗ କରିଛନ୍ତି । ଏଥିରେ ଗୋଷ୍ଠୀଶିକ୍ଷାଧିକାରୀ ଶ୍ରୀ ଲେଙ୍କାଙ୍କୁ ପଚାରିବାର ଚୟନ ହୋଇଥିବା ନମୁନା ଅନୁଯାଇ ପୋଷାକ ଦିଆ ଯାଇଛି ବୋଲି କହିଥିଲେ। ଅପର ପକ୍ଷରେ ଦେଖିବାକୁ ଗଲେ ଚଳିତ ବର୍ଷ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଯେଉଁ ମହିଳା ଗୋଷ୍ଠୀ ବ୍ୟାଙ୍କରୁ ଋଣ ଆଣିଥିବା ଅର୍ଥରେ ମେସିନ ପକାଇ ପୋଷାକ ସିଲେଇ କରୁଥିବେ ଓ ବ୍ୟବସାୟ କରୁଥିବେ ତାଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି ଉଲ୍ଲେଖ ରହିଛି। ତେବେ ଏଠାରେ ବ୍ଲକ ଚୟନ କମିଟି ଅନଭିଜ୍ଞ ସିଆରସିଙ୍କୁ ପଠାଇ ତଦାରଖ ଦାୟିତ୍ୱ ଦେଇଥିବା ବେଳେ ବ୍ୟବସାୟିକ ପ୍ରତିଷ୍ଠାନ ମହିଳା ଗୋଷ୍ଠୀଙ୍କୁ ହାତ କରି ନିମ୍ନ ମାନର ପୋଷାକ ବିକ୍ରୟ କରିଥିବାର ଦେଖିବାକୁ ମିଳିଛି। ଏପରିକି ସିଲେଇ ହୋଇଥିବା ପୋଷାକରେ କାଜ ଓ ବଟମ ପ୍ରାଧାନ୍ୟ ଦେଇଥିବା ବେଳେ ବିଦ୍ୟାଳୟର ବଣ୍ଟନ ପାଇଁ ଉଦ୍ଦିଷ୍ଟ ପୋଷାକରେ ଜଞ୍ଜିର (ଚେନ)ର ବ୍ୟବହାର ହୋଇ ଥିବାର ଦେଖିବାକୁ ମିଳୁଛି। ଯାହାକି ଅଭିଭାବକ, ପରିଚାଳନା କମିଟି ଓ ଶିକ୍ଷକଙ୍କ ମହଲରେ ଅସନ୍ତୋଷ ଦେଖା ଦେଇ ଥିବା ବେଳେ ଜିଲ୍ଲା ସ୍ତରରୁ ଉପଯୁକ୍ତ ତଦନ୍ତ କରାଯାଉ ବୋଲି ଦାବି ହେଉଛି। ଆଗାମୀ ଦିନରେ ଯଦି ତଦନ୍ତ କରା ନ ଯାଏ ତେବେ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହେବ ବୋଲି କହିଛନ୍ତି।

## ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ କଳିଙ୍ଗନଗରରେ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ
### ଅଭିଯାନରେ ମାତୃତ୍ୱ ସୁରକ୍ଷାକୁ ଗୁରୁତ୍ୱ : ୭୦୦ରୁ ଅଧିକ ମହିଳା ଓ କିଶୋରୀ ସାମିଲ

କଳିଙ୍ଗନଗର,(ମହାଭାରତ): ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ୨୦୨୪ ସେପ୍ଟେମ୍ବର ମାସରେ ଷଷ୍ଠ ରାଷ୍ଟ୍ରୀୟ ପୋଷଣ ମାସ ପାଳନ କରୁଛି। ଏହି ଅବସରରେ ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସଏଫ) କଳିଙ୍ଗନଗରର ଦାନଗଦୀ ଓ ସୁକିନ୍ଦା ବ୍ଲକରେ କୁପୋଷଣ ଆହ୍ୱାନର ମୁକାବିଲା ପାଇଁ ସକ୍ରିୟ ଭାବେ କାର୍ଯ୍ୟ କରୁଛି। ସେପ୍ଟେମ୍ବର ୧୦, ୨୦୨୪ରୁ ଆରମ୍ଭ ଥିବା ଏହି ଅଭିଯାନରେ ମାସେ ବ୍ୟାପୀ ଚାଲିଥିଲା । ଏଥିରେ ୭୪୦ ଜଣ ଗ୍ରାମୀଣ ମହିଳା ଓ କିଶୋରୀ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ।କଳିଙ୍ଗନଗରର, ଦାନଗଦୀ ଓ ସୁକିନ୍ଦା ବ୍ଲକର ୧୭ଟି ଗ୍ରାମ ପଞ୍ଚାୟତରେ ସନ୍ତୁଳିତ ଓ ପରିପୂରକ ଖାଦ୍ୟର ମହ□ ଏବଂ ମା' ଓ ଶିଶୁଙ୍କ ସ୍ୱାସ୍ଥ୍ୟ ଓ କଲ୍ୟାଣ ଉପରେ ଏହାର ପ୍ରଭାବ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇବା ଏହି ଅଭିଯାନର ଲକ୍ଷ ।ଏହି କର୍ମଶାଳାରେ ସାମିଲ ହୋଇଥିବା ଅଂଶଗ୍ରହଣକାରୀମାନଙ୍କୁ ସ୍ଥାୟୀ ପୁଷ୍ଟିକର ଅଭ୍ୟାସ ଗ୍ରହଣ, ସ୍ୱାସ୍ଥ୍ୟ ବିଷୟରେ ଗଭୀର ବୁଝାମଣା ସହ ଦୁର୍ଗମ ଗ୍ରାମୀଣ ଅଞ୍ଚଳରେ ରହୁଥିବା ଆଦିବାସୀ ସମ୍ପ୍ରଦାୟରେ ଶିଶୁ, ସ୍ତନ୍ୟପାନ କରାଉଥିବା ମା' ଏବଂ କିଶୋରୀମାନଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ବିଷୟରେ ସଚେତନ କରାଯାଇଥିଲା। ସମଗ୍ର ପୋଷଣ ମାସରେ ଟିଏସଏଫ ରାଜ୍ୟ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ), ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆରବିଏସକେ)ର ଡାକ୍ତର, ଅଙ୍ଗନବାଡି ସୁପରଭାଇଜର, ପୋଷଣ ଥଇଥାନ କେନ୍ଦ୍ର (ଏନଆରସି) ସୁପରଭାଇଜର,




ଆଶାକର୍ମୀ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ (ସିଏଚ୍ଓ), ଏଏନଏମ ଏବଂ ଅଙ୍ଗନୱାଡି କର୍ମୀଙ୍କ ସହ ମିଶି ପରିପୂରକ ଖାଦ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଅନ୍ନପ୍ରସନ୍ ସମାରୋହ ଠାରୁ ଆରମ୍ଭ କରି ସନ୍ତୁଳିତ ଖାଦ୍ୟ, ସ୍ତନ୍ୟପାନର ଗୁରୁତ୍ୱ ଏବଂ ପୋଷକ ଖାଦ୍ୟ ବିଷୟରେ ସଚେତନ କରିଥିଲେ। ୨୦୨୦ ମସିହାରେ ମହିଳା ଓ ଶିଶୁମାନଙ୍କୁ କେନ୍ଦ୍ରବିନ୍ଦୁରେ କରି ଆରମ୍ଭ ହୋଇଥିବା ଫାଉଣ୍ଡେସନର ଏହି ପୋଷଣ କାର୍ଯ୍ୟକ୍ରମ ପୋଷଣର ଅଭାବ, ପରିପୂରକ ଖାଦ୍ୟ ଆବଶ୍ୟକତା ଉପଲବ୍ଧ କରାଇବା, ଗ୍ରାମୀଣ ଶିଶୁମାନଙ୍କୁ ପୁଷ୍ଟିହୀନତା ଠାରୁ ଦୂରେଇ ରଖିବା ପାଇଁ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମର ଏକ ପ୍ରମୁଖ ଦିଗ ହେଉଛି ନ୍ୟୁଟ୍ରି-ବଗିଚାର ବିକାଶ କରିବା । ଚଳିତ ବର୍ଷ ଦାନଗଦୀ ଓ ସୁକିନ୍ଦା ବ୍ଲକର ୪୭ଟି ଗ୍ରାମ ପଞ୍ଚାୟତର ୧୦ ହଜାରରୁ ଊର୍ଦ୍ଧ୍ୱ କମ୍ୟୁନିଟି ସଦସ୍ୟ ପୋଷଣ ଅଭିଯାନ ଅଧୀନରେ ନିୟୋଜିତ ହୋଇ ବିଭିନ୍ନ ଗ୍ରାମା□ଳରେ ୩୮୦୦ରୁ ଅଧିକ ନ୍ୟୁଟ୍ରି ବଗିଚା ପ୍ରସ୍ତୁତ କରିଛନ୍ତି । ଏହାବ୍ୟତୀତ ଏଭଳି ମିଳିତ ପ୍ରୟାସ ଗୁରୁତର ଓ ତୀବ୍ର କୁପୋଷଣର ଶିକାର ହୋଇଥିବା ୭୯୦ରୁ ଅଧିକ ଶିଶୁଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ଆଣିବାରେ ସହାୟକ ହୋଇପାରିଛି। ଏହି ପଦକ୍ଷେପ ମହିଳାମାନଙ୍କୁ ନିଜ ପାଇଁ ଏବଂ ସେମାନଙ୍କ ପରିବାର ପାଇଁ ଏକ ସୁସ୍ଥ ଭବିଷ୍ୟତ ନିର୍ମାଣ କରିବା ଦିଗରେ ଜ୍ଞାନ ପ୍ରଦାନ କରି ଶକ୍ତିଶାଳୀ ସମାଜ ଗଠନର ମାର୍ଗ ପ୍ରଶସ୍ତ କରୁଛି ।

## ଅବହେଳିତ ଅବସ୍ଥାରେ ଭିଙ୍ଗିରା ଉପର ହରିଜନ ସାହି ବାସିନ୍ଦା
### ଗାଁକୁ ନାହିଁ ରାସ୍ତା ଅବା ପିଇବା ପାଣିର ବ୍ୟବସ୍ଥା

ହିନ୍ଦୋଳ(ମହାଭାରତ)ସରକାର୍ ବଦଳିଲା ହେଲେ ବଦଳିଲା ନାହିଁ ଗାଁର ଚିତ୍ରୟ ଆଜିବି ନାନା ସମସ୍ୟା ଘେରରେ ଅଭିଶପ୍ତ ଜୀବନ ଅତିବାହିତ କରୁଛନ୍ତି ୪୦ରୁ ଊର୍ଦ୍ଧ୍ୱ ପରିବାର। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ୍ ଗିରିଧରପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ଭିଙ୍ଗିରା ଉପର ହରିଜନ ସାହିରେ।ଏହି ଗାଁକୁ ନାହିଁ ଭଲ ଖଣ୍ଡେ ରାସ୍ତା ଅବା ପିଇବା ପାଣିର ବ୍ୟବସ୍ଥାୟଆଜିବି ୪୦ରୁ ଊର୍ଦ୍ଧ୍ୱ ପରିବାର ଭରଷା କରନ୍ତି ଗୋଟିଏ କୂଅ ଉପରେ। ବଡ଼ ଦୁଃଖର ବିଷୟ ସେଇ ଗୋଟାଏ ମାତ୍ର କୂଅକୁ ଯିବାକୁ ନାହିଁ ମଧ ଭଲ ଖଣ୍ଡେ ରାସ୍ତା। ଖରା ବର୍ଷା ଶୀତ ସବୁସମୟରେ ବିପଦପୂର୍ଣ୍ଣ ରାସ୍ତାରେ ଜଳ ସଂଗ୍ରହ ପାଇଁ ଯାଉଛନ୍ତି ଗାଁର ମହିଳା ମାନେୟ ନଟିଘାଟ ପୂର୍ଣ୍ଣ ଏହି ରାସ୍ତାରେ ଗଲାବେଳେ ସବୁବେଳେ ଥାଏ ହାତୀର ଭୟ। ୪୫ରୁ ଊର୍ଦ୍ଧ୍ୱ ପରିବାର



ଲୋକମାନଙ୍କ ପାଇଁ ଗାଁରେ ମାତ୍ର ଗୋଟିଏ ବୋଲି ନଳକୂଅ ଅଛି। ଯେଉଁ ନଳକୂଅରୁ ଆଜକୁ ଅନେକ ଦିନ ହେବ ଗୋଳିଆ ପାଣି ବାହାରୁଛି। ଯାହା ଲୋକମାନଙ୍କର ଖାଦ୍ୟ ପଯୋଗି ନୁହଁ। ତେବେ ଗ୍ରାମବାସୀ ଏନେଇ ସ୍ଥାନୀୟ ସରପ□ ଏବଂ ବ୍ଲକ୍ ପ୍ରଶାସନକୁ ବାରମ୍ବାର ଗୁହାରି କରିଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ତେବେ ଯଥାଶୀଘ୍ର ଗ୍ରାମବାସୀଙ୍କୁ ରାସ୍ତା ଏବଂ ପାନୀୟଜଳ ପାଇଁ ବନ୍ଦୋବସ୍ତ କରିବା ପାଇଁ ଗ୍ରାମବାସୀ ମାନେ ଦାବି କରିଛନ୍ତି।

## ଘର କବାଟ ଜାଳି ଘରୁ ଲୁଟିନେଲେ



କପ୍ତିପଦା -(ମହାଭାରତ ) କପ୍ତିପଦା -ଘରେ କେହି ନ ଥିବାର ସୁଯୋଗ ନେଇ ଛାତ ଦେଇ ଘର ଭିତରକୁ ପଶିଲେ। ହେଲେ ବାଧକ ସାଜିଲା କାଠ କବାଟ। କାଠ କବାଟ କୁ ଜାଳି ଘର ଭିତରେ ପଶି ୩ ଟି ସୁନା ଚେନ ଓ ୨ ଟି ଟିଭି କରିଲେ ଲୁଟ। ଏଭଳି ଘଟଣା ଘଟିଛି କପ୍ତିପଦା ଥାନା ନୂଆସାହି ଗ୍ରାମରେ। ଗ୍ରାମର ଅଞ୍ଜନ ନାୟକ ଏବଂ ତାଙ୍କ ସ୍ତ୍ରୀ ନିଜ ଝିଅକୁ ଛାଡ଼ିବା ନିମନ୍ତେ ଫୁଲବାଣୀ ଯାଇଥିଲେ। ଦୁଇ ଦିନ ହେବ ସେ ଯାଇଥିବା ବେଳେ ଗତକାଲି ବିଳମ୍ବିତ ରାତିରେ ଘରକୁ ଫେରିବା ପରେ ଘରୁ ଲୁଟ ହୋଇଥିବା ଦେଖିବାକୁ ପାଇଥିଲେ। ପରେ ଏ ନେଇ କପ୍ତିପଦା ପୋଲିସ କୁ ଖବର ଦେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ କେଶ ନମ୍ବର -୨୪୨ ରେ ମାମଲା ରୁଜୁ କରି ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ କୁ ତ୍ୱରାନ୍ୱିତ କରିଛି। ତେବେ ଲୁଟେରାମାନେ ଘର ଭିତରକୁ ପଶିବା ପାଇଁ ଘର କବାଟକୁ ଜାଳିଥିବା ପୋଲିସ ପ୍ରାଥମିକ ତଦନ୍ତ ରୁ ଜାଣିବାକୁ ପାଇଛି।

## ଯକ୍ଷ୍ମା ନିୟନ୍ତ୍ରଣ ଟୀକା ପ୍ରତିଷେଧକ ଅଭିଯାନ ଶୁଭାରମ୍ଭ



କରଞ୍ଜିଆ, (ମହାଭାରତ): ଓଡ଼ିଶା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଆରମ୍ଭ ହୋଇଥିବା ଯକ୍ଷ୍ମା ନିୟନ୍ତ୍ରଣ ଟୀକା ପ୍ରତିଷେଧକ ଅଭିଯାନ ର ଶୁଭାରମ୍ଭ ଶନିବାର ଦିନ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସର ରେ ଅନୁଷ୍ଠିତ ହୋଇ ଯାଇଛି। ଟୀକା କରଣ ଅଭିଯାନ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଟୀକା କରଣ ଅଭିଯାନ କୁ ଉଦଘାଟନ କରିଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ର ପରିସର ରେ ଅୟୋଜିତ ଟୀକା କରଣ ଅଭିଯାନ କାର୍ଯ୍ୟକ୍ରମ ରେ ଅନ୍ୟ ମାନଙ୍କ ମଧ୍ୟରେ ଠାକୁରମୁଣ୍ଡା ବିଡ଼ିଓ ସପ୍ନେଶ୍ୱର ବେହେରା,ଶିଶୁ ରୋଗ ବିଶେଷଜ୍ଞ ଡକ୍ଟ.ସୁବାଷ ଚନ୍ଦ୍ର ପାତ୍ର, ଡକ୍ଟ. ଗିରିଶ ଚନ୍ଦ୍ର ଅଧିକାରୀ, ଡକ୍ଟ. ଗୌରବ କୁମାର ସର୍ଦାର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ କୁ ଜନ ସ୍ୱାସ୍ଥ୍ୟ ଅଧିକାରୀ ଆରତୀ ବେହେରା ପରିଚାଳନା କରିଥିଲେ। ଯକ୍ଷ୍ମା ପ୍ରତିଷେଧକ ଟୀକା କାର୍ଯ୍ୟକ୍ରମ ରେ ପ୍ରାପ୍ତ ବୟସ୍କ ଲୋକଙ୍କୁ ଟୀକା କରଣ କରାଯିବା ନେଇ ଘୋଷଣା କରା ଯାଇଥିଲା।ଏ ନେଇ ଜନ ସଚେତନତା ନିମନ୍ତେ ଡ଼ାକବାଜି ଯନ୍ତ ଓ ପ୍ରଚାର ପତ୍ର ବଣ୍ଟନ ନିମନ୍ତେ ଥିବା ଗାଡିକୁ ଅତିଥି ମାନେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ରେ ବିପିଏମ ସତ୍ୟବ୍ରତ ଦାସ ସମେତ ଆଶା କର୍ମୀ,ଅଙ୍ଗନବାଡି ସୁପ୍ରଭାଇଜର,ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ସ୍ଥଳ ରେ ବିଧାୟକ ଙ୍କ ସମେତ ସ୍ଥାନୀୟ ଲୋକମାନେ ଟୀକା ନେଇଥିଲେ।

## ମା ମାର୍କମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ

ବିଷମ କଟକ(ମହାଭାରତ)ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ସଦର ମା ମାର୍କମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ଉମାଶଙ୍କର ନିମାଲ୍ ପୁରିଙ୍କ ପୌରହିତ୍ୟରେ ଅନୁଷ୍ଠିତ ହେଇଥିଲା। ବୃକ୍ଷ ହିଁ ଜୀବନ। ତେଣୁ ପ୍ରତ୍ୟେକ ଛାତ୍ର ଛାତ୍ରୀ ଙ୍କୁ ବୃକ୍ଷ ରୋପଣ କରିବା ସହ ତାର ଯତ୍ନ ନେବାକୁ ଅଧ୍ୟକ୍ଷ ନିଜ ବକ୍ତବ୍ୟରେ କହିଥିଲେ। ଏଥିରେ ଅନେକ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜାତୀୟ ସେ ଯୋଜନାର ସଂଯୋଜକ ଅଧ୍ୟାପକ କରମେନ୍ଦ୍ର ସାହୁ ପରିଚାଳନା କରିଥିଲେ। ଅଧ୍ୟାପକ ପ୍ରଶାନ୍ତ କୁମାର ପଣ୍ଡା, ଅଧ୍ୟାପିକା ଶ୍ରୀମତି ଅର୍ଚ୍ଚନା ପାଢ଼ୀ, ଅଧ୍ୟାପକ କେଶବ ଗୌଡ, ଦୟାନିଧି ବାଘାରି, ବିନୟ କୁମାର ମାଝୀ, କେଦାର ସାହୁକାର, ସାରୁସ୍ ପାଳକିୟା ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ବୃନ୍ଦାବନ ନାୟକ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟରେ ସ୍କାଉଟ୍, ଗାଇଡ୍, ଜୁନିଅର୍ ରେଡ୍ କ୍ରସ ର ଦୀକ୍ଷା ଗ୍ରହଣ ଉତ୍ସବ

ହିଞ୍ଜିଳିକାଟୁ( ମହାଭାରତ)ଗଞ୍ଜାମ ଜିଲ୍ଲାହିଞ୍ଜିଳିକାଟୁ ପୌରା□ଳସ୍ଥିତ ବୃନ୍ଦାବନ ନାୟକ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟରେ ସ୍କାଉଟ୍, ଗାଇଡ୍, ଜୁନିଅର୍ ରେଡ୍ କ୍ରସ ର ଦୀକ୍ଷା ଗ୍ରହଣ ଉତ୍ସବ ପାଳିତ ହୋଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ଗଣେଶ ବିଦ୍ୟାପୀଠ, ଗଣ୍ଡଳା ର ପ୍ରଧାନ ଶିକ୍ଷକ ଶ୍ରୀ ରାମହରି ସାହୁ (ସହକାରୀ ଜିଲ୍ଲା କମିଶନର ସ୍କାଉଟ୍), ଏସ.ପି.ଏ ବାଳିକା ବିଦ୍ୟାଳୟ, ବୋମକେଇ ର ପ୍ରଧାନ ଶିକ୍ଷକ ଶ୍ରୀ ଲକ୍ଷ୍ମୀ ନାରାୟଣ ପଣ୍ଡା (ଜିଲ୍ଲା ଆୟୋଜକ କମିଶନର ସ୍କାଉଟ୍) ଓ ସରସ୍ତୀ ଶିଶୁ ବିଦ୍ୟା ମନ୍ଦିର, ହିଞ୍ଜିଳିକାଟୁ ତରଫରୁ ଶ୍ରୀ ଟୁନା ବିଷୋୟୀ (ସ୍କାଉଟ୍ ପ୍ରଶିକ୍ଷକ), ଜଳିତା କୁମାରୀ ଦାଶ (ଗାଇଡ କ୍ୟାପଟେନ) ମୁଖ୍ୟ ସହାୟକ ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଡଃ ନିହାର ରଞ୍ଜନ ପଣ୍ଡା, ଉପାଧ୍ୟକ୍ଷା ଲିଲି ରାଣୀ ନାୟକ ଓ ସମସ୍ତ ଶିକ୍ଷକ - ଶିକ୍ଷୟତ୍ରୀ ସମେତ ଅଭିଭାବକ ମାନଙ୍କଦ୍ୱାରା କାର୍ଯ୍ୟକ୍ରମ ଟି ସୂଚାରୁ ରୂପେ ଅନୁଷ୍ଠିତ ହୋଇଥିଲା।

## ବ୍ଲକ ସ୍ତରୀୟ ଜାତୀୟ ପ୍ରାଣୀଧନ ମେଳା ଅନୁଷ୍ଠିତ

କନ୍ଧମାଳ :(ମହାଭାରତ): କନ୍ଧମାଳ ଜିଲ୍ଲା ଟିକାବାଲି ବସ ଷ୍ଟାଣ୍ଡ ନିକଟ ମାଁ ଭୈରବୀ କଲ୍ୟାଣୀ ମଣ୍ଡପ ଠାରେ ଗୋଷ୍ଠୀ ପ୍ରାଣୀ ଧନ ଚିକିତ୍ସା ଅଧିକାରୀ ଟିକାବାଲି ଙ୍କ ତରଫରୁ ବ୍ଲକ ସ୍ତରୀୟ ଜାତୀୟ ପ୍ରାଣୀଧନ ମେଳା ଆୟୋଜିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବାହ୍ନ ସମୟରେ ବିଶ୍ୱ ଜଳାତଙ୍କ ଦିବସ ଉପଲକ୍ଷେ ପ୍ରାଣୀ ଚିକିତ୍ସା ଶିବିର ଏବଂ ଜୀବ ପ୍ରଦର୍ଶନୀ ଏହି ଅବସରରେ କିଛି କୁକୁର ମାନଙ୍କୁ ମାଗଣା ରେ ଜଳାତଙ୍କ ନିରୋଧ ଟୀକା ଦିଆ ଯାଇଥିଲା ।ଏହା ବ୍ୟତୀତ ବ୍ଲକ କୃଷି,ଉଦ୍ୟାନ ବିଭାଗ, ଏବଂ ପ୍ରାଣୀ ସମ୍ପଦ ବିଭାଗ ଦ୍ୱାରା ଷ୍ଟୋଲ ପ୍ରଦର୍ଶନୀ ହୋଇଥିଲା। ଏହି କାର୍ଯ୍ୟକ୍ରମ ରେ ବୈଜ୍ଞାନିକ ଓ ଚାଷୀ ଙ୍କ ସହ ମ□ ବିନିମୟ ହୋଇ ଥିଲା ଏହି ମଞ୍ଚ ବିନିମୟ କାର୍ଯ୍ୟକ୍ରମ ରେ ୬ ଜଣ ବୈଜ୍ଞାନିକ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ଘୁ ଉଦୟଗିରି ବିଧାୟକ ଶ୍ରୀଯୁକ୍ତ ପ୍ରଫୁଲ ଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିବା ବେଳେ, ସମ୍ମାନିତ ଅତିଥି ସ୍ଥାନୀୟ ବ୍ଲକ ଅଧ୍ୟକ୍ଷ ଶ୍ରୀଯୁକ୍ତ ଦିଲ୍ଲୀପ କହଁର, ସାଂସଦ ପ୍ରତିନିଧି ଅନିଲ ପ୍ରଧାନ, ପୂର୍ବତନ ବିଧାୟିକା ଶ୍ରୀମତୀ ଅଜୟନ୍ତୀ ପ୍ରଧାନ,ସି ଡି ଭି ଓ ଡ଼ଃ ସଂଜୀବ କୁମାର ପଟେଲ, ଏସ ଡ଼ି ଭି ଓ ଲମ୍ବୋଦର ମହାପାତ୍ର, ତତ ସହିତ ଟିକାବାଲି ବ୍ଲକ ର ୧୧ ଗୋଟି ପଞ୍ଚାୟତର ସରପଞ୍ଚ ମାନେ ଉପସ୍ଥିତ ଥିବା ବେଳେ ମୁଖ୍ୟ ବକ୍ତା ଭାବରେ ଏ ଡ଼ି ଭି ଓ ବରଗଡ଼ ଡ଼ଃ ସୁଶାନ୍ତ କୁମାର ନାୟକ, ଡ଼ଃ.ଆୟୁଷ୍ମାନ ସାହୁ,ଭି ବି ଏସ ପାବୁରିଆ ସୁନ୍ଦର ଭାବରେ ମଞ୍ଚ ପରିଚାଳନା କରିଥିଲେ। ଡ଼ଃ. ସେକ ଜବୀର ଅଲ୍ଲୀ ଭେଟନାରୀ ଅଧିକାରୀ, ଟିକାବାଲି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କାଟିଥିଲେ।

## ଲାଠିକଟା ବ୍ଲକ ପରିସର ରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ରାଉରକେଲା,(ମହାଭାରତ) : ଆଜି ଲାଠିକଟା ବ୍ଲକ ପରିସର ରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଶ୍ରୀ ମନୋଜ ସତ୍ୟୱାନ ମହାଜନ ଓ ରାଉରକେଲା ଡିଆଇଜି ଶ୍ରୀ ବ୍ରିଜେଶ ରାୟ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକ ର ଶୁଣାଣି କରିଥିଲେ। ଆଜି ମୋଟ ୧୨୫ ଗୋଟି ଅଭିଯୋଗର ଶୁଣାଣୀ ହୋଇଥିଲା କ୍ଷ ସେଥି ମଧ୍ୟରୁ ୩୭ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୮୮ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଏଥି ମଧ୍ୟରୁ ୨୧ ଗୋଟି ଅଭିଯୋଗ ର ତ୍ କ୍ଷଣାତ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଚାରି ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରା ଯାଇଥିଲାୟ ଆଜି ଆସିଥିବା ଅଭିଯୋଗ ଗୁଡ଼ିକ ମଧ୍ୟରୁ ମୁଖ୍ୟତଃ ରାସ୍ତା ଘାଟ ସମସ୍ୟା, ପେନସନ, ବିଦ୍ୟୁତ ସମସ୍ୟା, ରାସନ୍ କାର୍ଡ ସମସ୍ୟା, ପାନୀୟ ଜଳ ସମସ୍ୟା, ନୂତନ କମ୍ୟୁନିଟି ସେ□ର ନିର୍ମାଣ ଦାବି ଆଦି ପ୍ରମୁଖ ରହିଥିଲା। ଆଜିର ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ଦୁଃଖ ବନ୍ଧୁ ନାୟକ, ପାନପୋଷ ଉପଜିଲ୍ଲାପାଳ ଶ୍ରୀ ବିଜୟ ନାୟକ, ଲାଠିକଟା ଗୋଷ୍ଠି ଉନ୍ନୟନ ଅଧିକାରୀ ମାନସ ସାହୁ ସମେତ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ସାଇବର ଆଇନ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ



ବାଣପୁର :( ମହାଭାରତ )ଆଜି ଖୋର୍ଦ୍ଧା ଜିଲ୍ଲା ବାଣପୁର କୋର୍ଟ ପରିସରରେ ତାଲୁକ ଆଇନ ସେବା ସମିତି ପକ୍ଷରୁ ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ଏବଂ ସାଇବର ଆଇନ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ବାଣପୁର କୋର୍ଟ ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର ଅଧ୍ୟକ୍ଷତା କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ବାଣପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ସ୍ନାତକୀ ଦାସ, ଓକିଲ ସଂଘ ସମ୍ପାଦକ ରଞ୍ଜନ କୁମାର ବେଦମ୍ଟା, ଉପସଭାପତି ରାମଚନ୍ଦ୍ର ପଲାଇ, ବରିଷ୍ଠ ଆଇନଜୀବୀ ଶରତ ପଟ୍ଟନାୟକ ଉପସ୍ଥିତ ଥିଲେ ।ସମ୍ପ୍ରତି ସମାଜରେ ସାଇବର ଅପରାଧ ବଢ଼ିବାରେ ଲାଗିଥିବାବେଳେ ଏହାର ନିରାକରଣ ପାଇଁ ସତର୍କତା ହିଁ ଏକମାତ୍ର ଉପାୟ ବୋଲି ବିଚାରପତି ଶ୍ରୀ ମହାପାତ୍ର ତାଙ୍କ ବକ୍ତବ୍ୟରେ କହିଥିଲେ । ସୋସିଆଲ ମିଡ଼ିଆ ଆକାଉ□ କୁ ଲଗ ଇନ କଲାପରେ ସଦାବେଳେ ଲଗ ଆଉଟ କରିବା,ନିଜର ଲଗ ଇନ ଆଇଡି ଏବଂ ପାସୱାର୍ଡ ସୁରକ୍ଷିତ ରଖିବା, ବ୍ୟକ୍ତିଗତ ତଥ୍ୟ କୁ ସୋସିଆଲ ମିଡ଼ିଆ କିମ୍ବା ଡିଜିଟାଲ ପ୍ଲାଟଫର୍ମ ରେ ପୋଷ୍ଟ ନକରିବା ,ସୋସିଆଲ ମିଡ଼ିଆ ଓ ଡିଜିଟାଲ ପ୍ଲାଟଫର୍ମ ବ୍ୟବହାର ବେଳେ ସଦାବେଳେ ସତର୍କତା ଅବଲମ୍ବନ କରିବା ଆଦି ବିଷୟରେ ପରାମର୍ଶ ଦେଇଥିଲେ ବିଚାରପତି । ଅନୁରୂପଭାବେ ସୋସିଆଲ ମିଡ଼ିଆ ପୋଷ୍ଟ କରିବା ସମୟରେ ଆଇନଗତ ଦିଗ ବିଷୟରେ ଅବଗତ ହେବା ନିତାନ୍ତ ଜରୁରି ବୋଲି ବିଚାରପତି ଶ୍ରୀମତୀ ଦାସ କହିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଏକାଧିକ ଆଇନଜୀବୀ ଏବଂ କୋର୍ଟ କର୍ମଚାରୀ ମାନେ ଯୋଗଦେଇଥିଲେ ।

## କାନିକିପଦର ଠାରେ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ



ରାମ.ଉଦୟଗିରି ବ୍ଲକ୍ ଛେଲାଗଡ ପଞ୍ଚାୟତ କାନିକିପଦର ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇ ଯାଇଛି ଛେଲାଗଡ଼ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ । ଉକ୍ତ କାର୍ଯ୍ୟକ୍ରମରେ ୧୧ଟି ବିଦ୍ୟାଳୟରୁ ୧୦୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଭାଗ ନେଇଥିଲେ ଓଡିଶାର ଲୋକକଳା କୁ ନେଇ ବିର୍ଭିନ ଇଭେ□ ପ୍ରସ୍ତୁତ କରାଯାଇ (ଶୈକ୍ଷିକ ଓ ଅଣ ଶୈକ୍ଷିକ )ଥିଲା, କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ସହ ମାନପତ୍ର ଅତିଥି ମାନଙ୍କ ଦ୍ୱାରା ବର୍ଣ୍ଟନ କରାଯାଇଥିଲା। ଅତିଥିଭାବେ ମଙ୍ଗଳ ବିଭାଗର ଛେଲାଗଡା ସ୍ଥିତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ଧର୍ମରାଜ ସାମଲ।ବରିଷ୍ଠ ଶିକ୍ଷକ କେ. ଅଭିନାଶ. ସମିତି ସଭ୍ୟ ଡ଼ାବରାଗୁଡ଼ା। କାନିକିପଦର୍ ପ୍ରଧାନ ଶିକ୍ଷକ ମହେଶ୍ୱର ଦଳାଇ ଉଜଉଉ ପଦ୍ମଲୋଚନ ବଡ ନାୟକ, ପୂର୍ବତନ ଉଜଉମ ହେମନ୍ତ ନାୟକ ଅତିଥିଭାବେ ଉପସ୍ଥିତ ଥିଲେ ଶେଷରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ପାରମ୍ପରିକ ନୃତ୍ୟ. ପଦର୍ଶନ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଡ଼ାବରାଗୁଡ଼ା ସେବାଶ୍ରମ ର ଶିକ୍ଷକ ଲକ୍ଷ୍ମୀ କାନ୍ତ ମଞ୍ଚ ପରିଚାଳନା କରି କାର୍ଯ୍ୟକ୍ରମ କୁ ଅତି ସୁନ୍ଦର ଭାବରେ ଦର୍ଶକଙ୍କୁ ଅମୋଦିତ କରି ଶେଷ ସମୟ ପର୍ଯ୍ୟନ୍ତ ବାନ୍ଧି ରଖିଥିଲେ ।ଏହି ଭଳି ଲୋକ କଳା ଓ ଲୁଚି ରହିଥିବା ପିଲାଙ୍କ ପ୍ରତିଭାକୁ ରାଜ୍ୟ ସରକାର ସୁରଭି ମାଧ୍ୟମରେ ଲୋକ ଲୋଚନକୁ ଆଣିବା ସହ ପ୍ରତିଭା ମାନକୁ ଉତ୍ସାହିତ କରିବା ହେଇଚି ମୂଳ ଲକ୍ଷ୍ୟ।

## କୁତ୍ରାରେ ରାଜ୍ୟ ସ୍ତରୀୟ ବିଦ୍ୟାଳୟ ସମୂହର କବାଡି ପ୍ରତିଯୋଗୀତା ଉଦଘାଟିତ

କୁତ୍ରା (ମହାଭାରତ): କୁତ୍ରା ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ବିଦ୍ୟାଳୟ ସମୂହର ୬୮ତମ ରାଜ୍ୟ ସ୍ତରୀୟ କବାଡି ପ୍ରତିଯୋଗୀତା ଏକ ବର୍ଣ୍ଣାଢ୍ୟ ପରିବେଶରେ ଉଦଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତାର ଆୟୋଜକ ସଭାପତି ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଓଡିଶା ବିଧାନସଭାର ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ଭୋଇ ସୁନ୍ଦରଗଡ ଜିଲ୍ଲା କୁତ୍ରା ଉଚ୍ଚ ବିଦ୍ୟାଳୟରେ ଏଭଳି ଏକ ରାଜ୍ୟ ସ୍ତରୀୟ ପ୍ରତିଯୋଗୀତା ସୁନ୍ଦର ଭାବରେ ଅୟୋଜନ ହେଉଥିବାରୁ ଏହା ସୁନ୍ଦରଗଡ ଜିଲ୍ଲାକୁ ଗୌରବାନ୍ୱିତ କରୁଥିବା କହି ପ୍ରଶଂସା କରିଥିଲେ। ସମ୍ମାନୀତ ଅତିଥି ଭାବେ ରାଜ୍ୟ ଶାରୀରିକ ଶିକ୍ଷା ବିଭାଗ ସହକାରୀ ନିର୍ଦ୍ଦେଶକ ଜ୍ୟୋତି ରଂଜନ ପରିଡା, ଏଡିଏମ ରବି ନାରୟଣ ସାହୁ, ଶାରୀରିକ ଶିକ୍ଷା ଅଧିକାରୀ ଚନ୍ଦ୍ର ଶେଖର ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୁଗଳ କିଶୋର ବିଶ୍ୱାଳ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋକ କୁମାର ଲାକ୍ରା,ପ୍ରଧାନ ଶିକ୍ଷକ ନଳିନୀ କାନ୍ତ ଶାଶିନି, ଜେଏସଡବ୍ଲୁ ଶିବା ସିମେଣ୍ଟ ଅପରେସନ ବିଭାଗ ମୁଖ୍ୟ ଅନିଲ ସିଂ, ସିଏସଆର ବିଭାଗ ମୁଖ୍ୟ ସଂଗ୍ରାମ କେଶରୀ ରାଉତ, ବିଭିଓ ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ମାନେ ଯୋଗ ଦେଇଥିଲେ। ଅକ୍ଟୋବର ମାସ ୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେଉଥିବା ଏହି ରାଜ୍ୟ ସ୍ତରୀୟ କବାଡି ପ୍ରତିଯୋଗୀତାରେ ୧୭ ବର୍ଷରୁ କମ୍ ଓ ୧୪ ବର୍ଷରୁ କମ ଉଭୟ ବାଳକ ଓ ବାଳିକା ବିଭାଗର ପ୍ରତିଯୋଗୀତା ଅନୁଷ୍ଠିତ ହେଉଥିବା ବେଳେ ରାଜ୍ୟର ସମସ୍ତ ଜିଲ୍ଲାର କବାଡି ଦଳ ଅଂଶ ଗ୍ରହଣ କରୁଛନ୍ତି। ଉଦଘାଟନୀ ଉତ୍ସବରେ ଶିକ୍ଷକ ଡ ବିଭୀଷଣ ବାରିକ ସ୍ୱାଗତ ଅଭିଭାଷଣ ପ୍ରଦାନ ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଭା ଶେଷରେ ପ୍ରଧାନ ଶିକ୍ଷକ ନଳିନୀ କାନ୍ତ ଶାସିନି ଧନ୍ୟବାଦ ଅର୍ପଣ କରିଥିଲେ।

## ଆମପାଣି ଅଞ୍ଚଳରେ ଭାଲୁର ପ୍ରାଦୁର୍ଭାବ; ଯାତାୟତରେ ଲୋକେ ଭୟଭୀତ

କୋକସରା, (ମହାଭାରତ): ଗତ କିଛି ଦିନ ହେବ ଧର୍ମଗଡ ରେଞ୍ଜ ଅଧିନସ୍ଥ ଆମପାଣି ଫରେଷ୍ଟ ସେକ୍ସନ ଅଞ୍ଚଳରେ ଭାଲୁର ପ୍ରାଦୁର୍ଭାବ ବଢ଼ି ବଢ଼ି ଚାଲିଛି। ଅଞ୍ଚଳର ଅନେକ ଗ୍ରାମରେ ଭାଲୁ ପଶି ବହୁ ମୁଲ୍ୟ ଫସଲ ନଷ୍ଟ କରିବା ସହିତ ଲୋକ ମାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ମଧ୍ୟ ନଜର ରହିଛି। ପୁଣି, ବର୍ତ୍ତମାନ ଏକ ଗୋଠ ଛଡା ଭାଲୁ ଆମପାଣି ପଞ୍ଚାୟତ ପାତ୍ରବସା ଅଞ୍ଚଳରେ ପଶି ମକା ଚାଷ ଜମିରେ ବୁଲି ବୁଲି ମକା ଖାଉଥିବା ଦେଖା ଦେଇଛି। ଭାଲୁଟି କେତେବେଳେ ଏନଏଚ୍ ୨୬ ନମ୍ବର ରାଜପଥ କୁ ମଧ୍ୟ ପଶି ଆସୁଛି ତ କେତେବେଳେ ଆଖ ପାଖ ଚାଷ ଜମି ମାନଙ୍କରେ ବୁଲୁଥିବା ଦେଖିବାକୁ ମିଳିଛି। ଯାହା ଫଳରେ ରାଜପଥରେ ଯାତାୟତ କରୁଥିବା ଲୋକେ ତଥା ଅଞ୍ଚଳ ବାସୀଙ୍କ ମନରେ ଭାଲୁ ଆକ୍ରମଣର ଛନକା ପଶିଯାଇଛି । ଏହି ଘଟଣା କୁ ନେଇ ଲୋକେ ଆମପାଣି ବନ ବିଭାଗକୁ ଜଣାଇବାରୁ ଶନିବାର ଧର୍ମଗଡ଼ ରେଞ୍ଜର ଓ ଆମପାଣି ବନ ବିଭାଗ ଏବଂ ବେହେରା ବନ ବିଭାଗ କର୍ମଚାରୀ ଆମପାଣି ପହଞ୍ଚି ଭାଲୁ ଉପରେ ନଜର ରଖିବା ସହିତ, ଜନସାଧାରଣ ଙ୍କ ସୁରକ୍ଷା କୁ ଦୃଷ୍ଟିରେ ରଖି ସଚେତନ କରୁଥିବା ଦେଖିବାକୁ ମିଳିଛି। ଏନେଇ ଧର୍ମଗଡ଼ ରେଞ୍ଜର ଙ୍କ ପ୍ରତିକ୍ରିୟା ନେବାରୁ ଆମେ ଉକ୍ତ ଭାଲୁ ଉପରେ କଡ଼ା ନଜର ରଖିବା ସହିତ କେମିତି ଜଙ୍ଗଲ କୁ ଭାଲୁ ଯିବା ପାଇଁ ଆମେ ଚେଷ୍ଟା ଚଲେଇଛୁ ଓ ଜନ ସାଧାରଣ ମଧ୍ୟ ସଚେତନ ରହି ଯାତାୟତ କରିବା ପାଇଁ କହିଛନ୍ତି । ତେବେ ତୁରନ୍ତ ବନ ବିଭାଗ ପକ୍ଷରୁ ଭାଲୁକୁ କାବୁ କରି ଜଙ୍ଗଲରେ ଛାଡ଼ିବା ପାଇଁ ସାଧାରଣରେ ଲୋକଙ୍କ ଦାବି ହୋଇଛି ।

## ଆରମ୍ଭ ହୋଇ ଗଲାଣି ଦାଦନ ଚାଲାଣ

ପାଟଣାଗଡ଼ ( ମହାଭାରତ ) ଦାଦନ ସରଦାର ଆସି ସହରରେ ଡେରା ପକାଇଲେଣି । ଦିନ କୁ ଦିନ ଥମୁନି ବେଆଇନ ଦାଦନ ଚାଲାଣ। ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବେଲପଡ଼ା ଖପ୍ରାଖୋଲ ଗୋଟିଏ ବେଆଇନ୍ ଦାଦନ ଚାଲାଣ ର ବେଶ୍ ପରିଚିତ ସହର , ନୂଆଁଖାଇ ସରିବା ପରେ ପରେ ସହରରେ ଡେରା ପକାଇଛନ୍ତି କିଛି ଅସାଧୁ ଦାଦନ ସରଦାର ମାନେ। ବେଆଇନ୍ ଭାବରେ ଶ୍ରମିକ ମାନଙ୍କୁ ଚାଲାଣ କରିବାରେ ମଧ୍ୟ ସଫଳ ହୋଇଥାନ୍ତି ସରଦାର। ହେଲେ ବେଆଇନ୍ ଦାଦନ ଚାଲାଣ ଏ ବର୍ଷ ମଧ୍ୟ ଥମିବାର ନା ନେଉନାହିଁ ଓଲଟା ପୂର୍ବବର୍ଷ ପରି ଆହୁରୀ ଅଧିକ ଲୁକାଛୁପାରେ ବେଆଇନ୍ ଦାଦନ୍ ଚାଲାଣ କରୁଛନ୍ତି ସରଦାର । ବହୁ ମାତ୍ରାରେ ଶ୍ରମିକ ମାନେ ନୂଆଁଖାଇ ସରିବାପରେ ଦାଦନ ଚାଲି ଯାଇ ଥିବାର ନଜର ସାମ୍ନା କୁ ଆସିଛି । ଦାଦନ ସରଦାର ମାନଙ୍କ ପ୍ରଲୋଭନ ରେ ପଡି ଏବେ ବହୁ ମାତ୍ରେ ରେ ବାହାର ରାଜ୍ୟକୁ ଶ୍ରମିକ ମାନେ ଚାଲାଣ ହେଉଛନ୍ତି । ସୂଚନା ଅନୁସାରେ ଗତ ୧୬ ତାରିଖରେ ବେଲପଡା ଥାନା ଅନ୍ତର୍ଗତ ଭରୁଆମୁଣ୍ଡା ଗ୍ରାମର ଦାଦନ ସରଦାର ରୁତ୍ବାବାଗ ୨୦ ଜଣ ଦାଦନ ଶ୍ରମିକ ଙ୍କୁ ବେଆଇନ ଭାବରେ ବଙ୍ଗୋଲୋର ଚାଲାଣ କରୁଥିବା ସମୟରେ ବେଲପଡା ପୁଲିସ ହାତରେ ଧରା ପଡି ଯାଇଥିଲେ । ଉଦ୍ଧାର ଶ୍ରମିକ ଙ୍କ ମଧ୍ୟରେ ଛତିଶଗଡ଼ ର ୫ ଜଣ , ଡୁଙ୍ଗୁରୀଗୁଡା ର ୯ ଜଣ , ପାଟଣାଗଡ଼ ଥାନା କର୍ଲାମାଲ ଗ୍ରାମର ୨ ଜଣ , ଖପ୍ରାଖୋଲ ବ୍ଲକ ଭରୁଆମୁଣ୍ଡା ଗ୍ରାମର ୪ ଜଣ ଦାଦନ ଶ୍ରମିକ ଙ୍କୁ ଉଦ୍ଧାର କରି ନିଜ ନିଜ ଘରକୁ ପଠାଇ ଦିଆ ଯାଇ ଥିବା ବେଳେ ସରଦାର କୁ କୋର୍ଟ ଚାଲାଣ କରିଥିଲେ ବେଲପଡା ଥାନା ଅଧିକାରି ଅନନ୍ତ ପଧାନ। ଏ ପଟେ ପୁଣୀ ଗତ ରବିବାର ଦିନ ଖପ୍ରାଖୋଲ ପୁଲିସ ଗୋଟିଏ ୮ ମାସର ଶିଶୁ ସହ ୧୧ ଜଣ ଦାଦନ ଶ୍ରମିକ ମାନଙ୍କୁ ଉଦ୍ଧାର କରିଥିବା ଜଣା ପଡିଥିଲା। ସୂଚନା ଅନୁସାରେ ଖପ୍ରାଖୋଲ ପୁଲିସ ରାସ୍ତାରେ ପେଟ୍ରୋଲିଂଗ କରୁଥିବା ସମୟରେ ବ୍ଲକ କାର୍ଯ୍ୟାଳୟ ସାମ୍ନାରୁ କିଛି ଲୋକ ବସ ଅପେକ୍ଷାରେ ଥିବା ଦେଖି ସେ ମାନଙ୍କୁ ପଚରା ଉଚରା କରି ଥାନା ନେଇଥିଲା ପୁଲିସ । ଧଣ୍ଡାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ କଟାପାଲି ଗ୍ରାମର ୮ ଜଣ , ପଡିଆବାହାଲ ଅନ୍ତର୍ଗତ ପାଚେର ଗ୍ରାମର ୩ ଜଣ ଦାଦନ ଶ୍ରମିକ ହୋଇଥିବା ଜଣା ପଡିଥିଲା । ୮ ଜଣ ଦାଦନ ଶ୍ରମିକ ଙ୍କ ମଧ୍ୟରେ ୩ ଜଣ ମହିଳା ଥିବା ବେଳେ ୮ ମାସର ଏକ ଶିଶୁ ଥିବା ଜଣା ପଡିଥିଲା । ଦାଦନ ଶ୍ରମିକ ମାନଙ୍କୁ ଲାଠୋର ଥାନା ଅନ୍ତର୍ଗତ ସାହାଜପାଣୀ ଗ୍ରାମର ପଦ୍ମନ ମେହେର ଏବଂ କଟାପାଲି ଗ୍ରାମର ଗଦା ଝାଙ୍କର ସେମାନଙ୍କୁ ଲାଠୋର ପରେ ସେମାନଙ୍କୁ ଟ୍ରେନ୍ ଯୋଗେ ତେଲେଙ୍ଗାନା ରାଜ୍ୟ ବିଜୟବାଡା ନିକଟକୁ ବେଆଇନ୍ ଭାବରେ ଦାଦନ ଚାଲାଣ କରୁଥିବା ବୋଲି ସୂଚନା ଦେଇଛନ୍ତି ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର ଏବଂ ଉଦ୍ଧାର ହୋଇଥିବା ଦାଦନ ଶ୍ରମିକ ମାନଙ୍କୁ ନିଜ ନିଜ ଘରକୁ ପଠାଇଦେଇ ଥିବା ବେଳେ ଦୁଇ ଜଣ ସରଦାରକୁ ମଧ୍ୟ କୋର୍ଟ ଚାଲାଣ କରା ଯାଇଥିଲା । ଏ ପରି ସରଦାର ମାନେ ସହରରେ ଆସି ଡେରା ପକାଇ ରହିଥିବା ବେଳେ ଅ□ଳରେ ଦାଦନ ଚାଲାଣ ଆହୁରି ବଢିବାରେ ଲାଗି ରହିଛି ବୋଲି ଅଭିଯୋଗ ହେଉଛି । କଣ୍ଟାବାଞ୍ଜି ଲାଠୋର ରେଲୱେ ଷ୍ଟେସନ୍ ରେ ମଧ୍ୟ ବହୁମାତ୍ରା ରେ ଶ୍ରମିକ ଚାଲାଣ ହେଉଥାଏ। ଏଥର ପାର୍ବଣ ଆସିନାହିଁ ହେଲେ ଅ□ଳରେ ଦାଦନ ଚାଲାଣ ବୃଦ୍ଧି ପାଇବାରେ ଲାଗି ରହିଛି । ଏମିତି ହେଲେ ପୂର୍ବ ବର୍ଷ ପରି ଏ ବର୍ଷ ମଧ୍ୟ ଦାଦନ ସରଦାର ମାନେ ବାହାର ରାଜ୍ୟ କୁ ଶ୍ରମିକ ଘୋଡାଇ ନେବାରେ ସଫଳ ହୋଇ ଯିବେ ବୋଲି ସର୍ବ ସାଧାରଣରେ ଚର୍ଚ୍ଚା ଜୋର ଧରିଛି ।

## ୬୫ ବର୍ଷର ବୃଦ୍ଧ ନାବାଳିକାକୁ ଦୁଷ୍କର୍ମ କରି ଫେରାର ପୁଅ ପୁତୁରାକୁ ଥାନାରେ ଅଟକ

ରାଇରଙ୍ଗପୁର (ମହାଭାରତ): ବିଶୋଇ ଥାନା ଅଞ୍ଚଳରେ ଘଟିଛି ଏକ ଲଜ୍ଜା ଜନକ ଘଟଘା।୬୫ ବର୍ଷର ବୃଦ୍ଧ ୧୭ ବର୍ଷର ଏକ ନାବାଳିକା ଝିଅକୁ ବଳାତ୍କାର କରି ଫେରାର ହୋଇଥିବା ଅଭିଯୋଗ। ଅଭିଯୋଗ ଆଧାରରେ ଚଳିତବର୍ଷ ୧୨/୭ ର ଘଟଣା,ଘଟଣାଟି ହେଲା ବିଶୋଇ ଥାନା ବନେଇକଳା ପଞ୍ଚାୟତ ଅନ୍ତର୍ଗତ ଜାମଝରି ଗ୍ରାମର ୬୫ ବର୍ଷିୟ ଆଦି ଗିରି ନାମକ ଜଣେ ବ୍ୟବସାୟୀ ବିଶୋଇ ଥାନା ଅଞ୍ଚଳର ଏକ ୧୭ ବର୍ଷିୟ ନାବାଳିକା ଝିଅକୁ ଟଙ୍କାର ପ୍ରଲୋଭନ ଦେଖାଇ ତେନ୍ତୁଳି ଗୋଟାଇବା କହି ଏକୁଟିଆ ସୁଲେଇପାଟ ଫାଣ୍ଡି ଅଧିନସ୍ଥ ହାତୀ ଶିକୁଳି ଜଙ୍ଗଲ କୁ ନେଇ ଯାଇଥିଲା। ଏବଂ ସେଠାରେ ଏକୁଟିଆ ର ସୁଯୋଗ ନେଇ ନାବାଳିକା କୁ ଦୁଷ୍କର୍ମ କରିଥିଲା ଓ ଏ ବିଷୟରେ କାହାରିକୁ କହିଲେ ଜୀବନରେ ମାରିଦେବା ର ଧମକ ମଧ୍ୟ ଦେଇଥିଲା। ତେବେ ଗତ ୨୦/୯ ରେ ଝିଅର ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହେବରୁ ଘର ଲୋକେ ଜାଣିବାକୁ ପାଇଲେ ଯେ, ଝିଅ ଦୁଇ ମାସର ଗର୍ଭବତୀ ଅଛି ବୋଲିଘର ଲୋକେ ଏ ସଂମ୍ପର୍କରେ ଝିଅକୁ ପଚାରିବାରୁ ଝିଅ ଜାମଝରି ଗ୍ରାମର ଆଦି ଗିରି ମୋ ସହିତ ଦୁଷ୍କର୍ମ କରିଛି ବୋଲି ପ୍ରକାଶ କରିଥିଲା। ତେବେ ୨୨/୯ ରେ ତାଙ୍କ ଘର ଲୋକେ ଅଭିଯୁକ୍ତ ଆଦି ଗିରି ନାମରେ ଏକ ଦୁଷ୍କର୍ମ ର ଲିଖିତ ଅଭିଯୋଗ ବିଶୋଇ ଥାନା କରିଥିଲେ। ଅଭିଯୋଗ ଆଧାରରେ ବିଶୋଇ ଥାନାରେ କେଶ୍ ନମ୍ବର ୧୬୫/୨୪ ରେ ଏକ ମାମଲା ରୁଜୁ କରି ବିଶୋଇ ଥାନା ଅଧିକାରିଣୀ ମିନି ଭୋଇ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ, ଅଭିଯୁକ୍ତ ଆଦି ଗିରି ଫେରାର ହୋଇଥିବା ଜଣାପଡିଛି। ତେବେ ଘଟଣାର ତଦନ୍ତ ଜୋରଦାର କରିବା ପାଇଁ ଅଭିଯୁକ୍ତଙ୍କ ପୁଅ ଓ ପୁତୁରା କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡିଛି।

ମହାଭାରତ
ଏଇ ପୃଥିବୀରେ...
ପ୍ରତିଟି ଖବର ହାତ ପାହାନ୍ତାରେ



# ପ୍ରଧାନମନ୍ତ୍ରୀଙ୍କ ମାରାଥନ ରାଲି

**ଜମ୍ମୁ/ହିସାର,୨୮।୯:** ଶନିବାର ଜମ୍ମୁରେ ଆୟୋଜିତ ବିଜୟ ସଂକଳ୍ପ ରାଲିରେ ପିଏମ ମୋଦି କହିଛନ୍ତି ଯେ, ଏହି ନିର୍ବାଚନ ଜମ୍ମୁ କଶ୍ମୀରର ଭବିଷ୍ୟତ ଚୟନ ପାଇଁ ଅଟେ । ଆଜି ସହିଦ ବୀର ସରଦାର ଭଗତ ସିଂଙ୍କ ଜୟନ୍ତୀ ଅଟେ । ଦେଶର କୋଟି କୋଟି ଯୁବକଙ୍କ ପ୍ରେରଣା ଭଗତ ସିଂଙ୍କୁ ପ୍ରଣାମ କରୁଛି ।

ସେ କହିଛନ୍ତି ଯେ, ଗତ କିଛି ସପ୍ତାହରେ ଜମ୍ମୁ କଶ୍ମୀରର ଭିନ୍ନ ଭିନ୍ନ ସ୍ଥାନକୁ ଯିବାର ଅବସର ମିଳିଛି । ମୁଁ ଯେଉଁଠାକୁ ବି ଯାଇଛି, ସେଠାରେ ବିଜେପିକୁ ନେଇ ଅଭୁତପୂର୍ବ ଉତ୍ସାହ ଦେଖିଛି । ଜମ୍ମୁ କଶ୍ମୀରର ଲୋକେ ଆତଙ୍କବାଦ, ବିଚ୍ଛିନ୍ନତାବାଦ ଓ ହିଂସର ଚାହାନ୍ତି ନାହିଁ । ଜମ୍ମୁ କଶ୍ମୀରର ଲୋକେ ଶାନ୍ତି ଓ ନିଜ ପିଲାଙ୍କ ଉତ୍ତମ ଭବିଷ୍ୟତ ପାଇଁ ଦୁର୍ନୀତି, ଆତଙ୍କବାଦ, ବିଚ୍ଛିନ୍ନତାବାଦରୁ ମୁକ୍ତ ସରକାର ଆଶା କରୁଥିଲେ ଏବଂ କରୁଛନ୍ତି, ଯେଉଁଥି ପାଇଁ ବିଜେପି ତତ୍ପର ଅଟେ । ଜମ୍ମୁ କଶ୍ମୀରର



ଲୋକେ କଂଗ୍ରେସ, ନ୍ୟାସନାଲ କନଫରେନ୍ସ ଓ ପିଡିପିର ତିନି ଖାନଦାନ ପାଇଁ ତ୍ରସ୍ତ ହେଉଛନ୍ତି । ଲୋକେ ପୁଣି ସେହି ନିଜାମ ଚାହୁଁନାହାନ୍ତି, ଯେଉଁଥିରେ ଦୁର୍ନୀତି ଓ ନିଯୁକ୍ତିରେ ଭେଦଭାବ ହେଉ । ଜମ୍ମୁ କଶ୍ମୀରର ଲୋକେ ଆତଙ୍କ, ବିଚ୍ଛିନ୍ନତା, ରକ୍ତପାତ ଏବେ ଚାହୁଁନାହାନ୍ତି । ଏଠାକାର ଲୋକେ ଶାନ୍ତି ଚାହୁଁଛନ୍ତି ଯାହାକି ବିଜେପିର ଶାସନ ହିଁ ଦେଇପାରିବ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ହରିୟାଣା ବିଧାନସଭା ନିର୍ବାଚନ ପାଇଁ ହିସାରରେ ଏକ ସାଧାରଣ ସଭାରେ ସମ୍ବୋଧିତ କରିଛନ୍ତି । ଏହି ସମୟରେ ସେ କଂଗ୍ରେସ ଉପରେ ଜୋରଦାର ଆକ୍ରମଣ କରିଥିଲେ । ପ୍ରଧାନମନ୍ତ୍ରୀ ମୋଦୀ କଂଗ୍ରେସର ଆଭ୍ୟନ୍ତରୀଣ ବିବାଦ ବିଷୟରେ ମଧ୍ୟ ଉଲ୍ଲେଖ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ହେବା ପାଇଁ କଂଗ୍ରେସରେ ଲଢେଇ ଚାଲିଛି । ମୁଖ୍ୟମନ୍ତ୍ରୀ ପାଇଁ ବାପାଙ୍କ ସହ ପୁଅ ମଧ୍ୟ ଜଣେ ଦାବିଦାର ଦୁହେଁ ଏକାଠି ମିଶି ଅନ୍ୟମାନଙ୍କୁ ଅଡୁଆରେ ପକାଉଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଯେଉଁଠାରେ କଂଗ୍ରେସ ଅଛି, ସେଠାରେ ସ୍ଥିରତା କେବେ ହୋଇପାରିବ ନାହିଁ । ଯେଉଁ ଦଳ ଏହାର ନେତାଙ୍କ ମଧ୍ୟରେ ଏକତା ଆଣିପାରି ନାହିଁ, ତାହା କିପରି ରାଜ୍ୟରେ ସ୍ଥିରତା ଆଣିବ ? କଂଗ୍ରେସର ମିଥ୍ୟା ପ୍ରତିଶ୍ରୁତିରେ ହରିୟାଣାର ଲୋକମାନେ ଫାଶରେ ପଡ଼ିବେ ନାହିଁ । କଂଗ୍ରେସ ହେଉଛି ଦେଶର ସବୁଠାରୁ ପ୍ରତାରଣାକାରୀ ଏବଂ ଅସାଧୁ ଦଳ କଂଗ୍ରେସ ସମଗ୍ର ଦଳିତ ସମ୍ପ୍ରଦାୟକୁ ଘୃଣା କରେ କଂଗ୍ରେସର ଦଳିତ ତଥା ପଛୁଆ । ଲୋକଙ୍କ ପାଇଁ କବାଟ ସମ୍ପୂର୍ଣ୍ଣ ବନ୍ଦ ରହିଛି । କଂଗ୍ରେସର ରାଜ ପରିବାର କହୁଛନ୍ତି ଯେ ସେମାନେ ଦଳିତ ତଥା ପଛୁଆ । ବର୍ଗଙ୍କ ପାଇଁ ସଂରକ୍ଷଣ ସମାପ୍ତ କରିବେ, ସେମାନଙ୍କର ଚିନ୍ତାଧାରା ହେଉଛି ଦଳିତ ଏବଂ ପଛୁଆ । ବର୍ଗ ବିରୋଧ କରିବା ଭୋଟ୍ ତାରିଖ ଯେତେ ପାଖେଇ ଆସୁଛି କଂଗ୍ରେସ ହତାଶ ହେବାରେ ଲାଗିଛି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି । କଂଗ୍ରେସ ନେତାମାନେ ବର୍ତ୍ତମାନ କହିବା ଆରମ୍ଭ କରିଛନ୍ତି ଯେ ମଧ୍ୟପ୍ରଦେଶରେ ଯାହା ହେଲା ହରିୟାଣାରେ ମଧ୍ୟ ସମାନ ପରିସ୍ଥିତି ଘଟିବ ମଧ୍ୟପ୍ରଦେଶ ଏବଂ ରାଜସ୍ଥାନରେ ଗତ ନିର୍ବାଚନରେ ସେମାନେ ମିଥ୍ୟା ବେଲୁନ୍ ଫୁଙ୍କିଥିଲେ । କିନ୍ତୁ ଜନସାଧାରଣ ଭୋଟ୍ ଦେଇ ସେହି ବେଲୁନକୁ ଫୁଟାଇ ଦେଇଥିଲେ ବର୍ତ୍ତମାନ ହରିୟାଣାରେ ମଧ୍ୟ ସମାନ ଘଟଣା ଘଟିବାକୁ ଯାଉଛି ପ୍ରଧାନମନ୍ତ୍ରୀ କହିଛନ୍ତି, ତୃତୀୟ ଥର ପାଇଁ ବିଜେପିକୁ ସୁଯୋଗ ଦେବା ପାଇଁ ହରିୟାଣାବାସୀ ନିଷ୍ପତ୍ତି ନେଇଛନ୍ତି ।

## ଯୁବ ଆଇନ ପ୍ରଫେସନାଲମାନଙ୍କୁ ପରିବର୍ତ୍ତନର ଏଜେଣ୍ଟ ହେବାକୁ ରାଷ୍ଟ୍ରପତିଙ୍କ ଆହ୍ୱାନ



ନୂଆଦିଲ୍ଲୀ,୨୮।୯: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି ଯେ, ଜଣେ ଗରିବ ବ୍ୟକ୍ତି ଧନୀ ବ୍ୟକ୍ତିଙ୍କ ଭଳି ନ୍ୟାୟ ପାଇବାର ସମାନ ସୁବିଧା ପାଇପାରୁ ନାହିଁ । ଏହି ଅନୁଚିତ ସ୍ଥିତିକୁ ବଦଳାଇବାକୁ ପଡିବ । ଯୁବ ଆଇନ ପ୍ରଫେସନାଲମାନଙ୍କୁ ସେ ପରିବର୍ତ୍ତନର ଏଜେଂଟ ହେବାକୁ ଅନୁରୋଧ କରିଛନ୍ତି ।

ରାଷ୍ଟ୍ରପତି ଶନିବାର ହାଇଦ୍ରାବାଦରେ ନାଲସାର ଆଇନ ବିଶ୍ୱବିଦ୍ୟାଳୟର ୨୧ତମ ଦୀକ୍ଷାନ୍ତ ସମାରୋହକୁ ସଂବୋଧିତ କରିଛନ୍ତି । ଏହି ଅବସରରେ ସେ କହିଛନ୍ତି ଯେ, ସମ୍ବିଧାନରେ ଆମର ସ୍ୱାଧୀନତା ସଂଗ୍ରାମର ଆଦର୍ଶ ପରି ନ୍ୟାୟ, ସ୍ୱାଧୀନତା, ସମାନତା ଓ ବନ୍ଧୁତ୍ୱ ସମାହିତ ରହିଛି । ପ୍ରାଥମିକ ଓ ମୌଳିକ ଅଧିକାରରେ ନିହିତ ସମାନତାର ଆଦର୍ଶ ନ୍ୟାୟ ପ୍ରଦାନ କରିବାରେ ସଂପର୍କିତ ରାଜ୍ୟ ନୀତିର ନିର୍ଦ୍ଦେଶକ ସିଦ୍ଧାନ୍ତରେ ବି ଅଭିବ୍ୟକ୍ତ ହୋଇଥାଏ । ନିର୍ଦ୍ଦେଶକ ସିଦ୍ଧାନ୍ତରେ ସମାନ ନ୍ୟାୟ ଓ ନିଶୁଳ୍କ ଆଇନ ସହାୟତା ପ୍ରଦାନ କରିବାକୁ ଉଦ୍ୟମ କରାଯାଇଛି । ଏହାକୁ ସୁନିଶ୍ଚିତ କରିବା ଦାୟିତ୍ୱ ରାଜ୍ୟର ହୋଇଥାଏ ଯେ, ଆର୍ଥିକ ତଥା ଅନ୍ୟ ଅକ୍ଷମତା କାରଣରୁ କୌଣସି ବି ନାଗରିକ ନ୍ୟାୟ ପ୍ରାପ୍ତ କରିବାର ଅବସରରୁ ବଂଚିତ ନହୁଅନ୍ତୁ ।

# ନେପାଳରେ ପ୍ରବଳ ବନ୍ୟା ପରିସ୍ଥିତି

କାଠମାଣ୍ଡୁ,୨୮।୯: ନେପାଳରେ ଗତ ୨୪ ଘଂଟାରୁ ଅଧିକ ସମୟ ଧରି ଲଗାତାର ବର୍ଷା ଯୋଗୁ ସାରା ଦେଶରେ ବନ୍ୟା ଏବଂ ଭୁସ୍ଖଳନର ପରିସ୍ଥିତି ସୃଷ୍ଟି ହୋଇଛି । ଦେଶରେ ଏପରି କୌଣସି ଜିଲ୍ଲା ନାହିଁ ଯେଉଁଠାରେ ବନ୍ୟା ଏବଂ ଭୁସ୍ଖଳନ ଯୋଗୁଁ ଲୋକଙ୍କ ଜୀବନ ପ୍ରଭାବିତ ହୋଇନାହିଁ । ନେପାଳର ସମସ୍ତ ଅଂଚଳରେ ଗୁରୁବାର ମଧ୍ୟ ରାତ୍ରିରେ ବର୍ଷା ଆରମ୍ଭ ହୋଇ ,ଶନିବାର ପର୍ଯ୍ୟନ୍ତ



ଜାରି ରହିଛି । ପାଣିପାଗ ବିଭାଗ ସୁଚନା ଦେଇଛି ଯେ ବର୍ଷା ରବିବାର ରାତିରୁ ହ୍ରାସ ପାଇବ ବୋଲି ଅନୁମାନ କରାଯାଉଛି । ଲଗାତାର ବର୍ଷା ହେତୁ ସମସ୍ତ ନଦୀ ବଢିଛି ଏବଂ ନିମ୍ନ ଅଂଚଳଗୁଡିକରେ ସମ୍ପୂର୍ଣ୍ଣ ଭାବେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । କାଠମାଣ୍ଡୁ ଜିଲ୍ଲା ପ୍ରଶାସନ ତରଫରୁ ଦେଇଥିବା ସୁଚନାନୁସାରେ ବଲଖୁ ,ଥାପାଥଳୀ,କୁଳେଶ୍ୱର ,କୋଟେଶ୍ୱର,ଶଙ୍ଖମୁଳ,ଚ୍ୟାସଲ ଆଦି ଅଂଚଳ ବନ୍ୟା ପ୍ରଭାବିତ ହୋଇଛି । ଏହି ଅଂଚଳରେ ହଜାର ହଜାର ଘରେ ବନ୍ୟା ଜଳ ପ୍ରବେଶ କରିଛି । କାଠମାଣ୍ଡୁ ଏବଂ ଲଳିତପୁରକୁ ସଂଯୋଗ କରୁଥିବା ବାଗମତୀ ନଦୀ ଉପରେ ଥିବା ବ୍ରିଜ ମଧ୍ୟ ଧୋଇ ହୋଇଯାଇଛି ।

# ପୋଷ୍ଟମଟମ ଉପରେ ଉଠିଲା ନୂଆ ପ୍ରଶ୍ନ

## ଆରଜି କର କାଣ୍ଡ : ଡୋମଙ୍କୁ ମୃତଦେହ ନିକଟକୁ ଯିବାକୁ ଦିଆଯାଇନଥିଲା

କୋଲକାତା,୨୮।୯: ଆରଜି କର ହସ୍ପିଟାଲ ଘଟଣାରେ ପୋଷ୍ଟମର୍ଟମ ସମୟରେ ଡୋମଙ୍କୁ ମୃତଦେହ ନିକଟକୁ ବାକୁ ଅନୁମତି ଦିଆଯାଇନଥିଲା,ଯାହା ଅନୁସନ୍ଧାନକାରୀଙ୍କ ଆଗରେ ନୂଆ ପ୍ରଶ୍ନ ଉଠାଇଛି । ସିବିଆଇ ଅନୁସନ୍ଧାନରୁ ଜଣାପଡିଛି ଯେ ଡାକ୍ତରଖାନାର ପୂର୍ବତନ ପ୍ରିନ୍ସିପାଲ ସନ୍ଦୀପ ଘୋଷଙ୍କ ବିଶ୍ୱସ୍ତ ଡାକ୍ତରମାନେ ଡାକ୍ତରୀ ଛାତ୍ରୀଙ୍କର ପୋଷ୍ଟମର୍ଟମ ପ୍ରକ୍ରିୟା ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରଖିଥିଲେ । ବର୍ତ୍ତମାନ ଡୋମଙ୍କ ବିବୃତ୍ତି ଆଧାରରେ ଏହି ଘଟଣାର ଅଧିକ ସୁଚନା ସାମ୍ନାକୁ ଆସିଛି,ହା ଅନୁସନ୍ଧାନର ଦିଗ ବଦଳାଇପାରେ । ଅନୁସନ୍ଧାନ ସହ ଜଡିତ ଅଧିକାରୀଙ୍କ ଅନୁଯାୟୀ ମର୍ଚ୍ଚୁରୀରେ ଡ୍ୟୁଟି କରୁଥିବା ଡୋମଙ୍କୁ ପୋଷ୍ଟମର୍ଟମ ସମୟରେ ମୃତଦେହ ନିକଟରେ ରହିବାକୁ ଅନୁମତି ଦିଆଯାଇନଥିଲା । ତାଙ୍କୁ ଏକ କୋଣରେ ଚେୟାରରେ ବସାଇ ଦିଆଯାଇଥିଲା । ଡୋମର କାମ ପୋଷ୍ଟମର୍ଟମ କରୁଥିବା ଡାକ୍ତରଙ୍କୁ ଶରୀରର କ୍ଷତ ଏବଂ ଆଘାତ ବିଷୟରେ ସୁଚନା ଦେବା ଏବଂ ଶେଷରେ ଶରୀରର ସିଲେଇରେ




ବନ୍ଦ କରିବା । କିନ୍ତୁ ସେହି ଦିନ ଡୋମକୁ ଏହି କାମରୁ ସମ୍ପୂର୍ଣ୍ଣ ଭାବେ ଦୁରେଇ ରଖାଯାଇଥିଲା,ଯାହାଦ୍ୱାରା ଏପରି ଲାଗୁଛି ଯେ କିଛି ଆଘାତ ଲୁଚାଇବାକୁ ପ୍ରୟାସ କରାଯାଉଥିଲା ।

## ଶ୍ରୀଲଙ୍କାର ପୂର୍ବତନ ମନ୍ତ୍ରୀ କୁମାର ୱେଲଗାମାଙ୍କ ଦେହାନ୍ତ

କଲମ୍ବୋ,୨୮।୯: ଶ୍ରୀଲଙ୍କାର ପୂର୍ବତମ ମନ୍ତ୍ରୀ ଏବଂ କଲୁଟାରାର ପୂର୍ବ ସାଂସଦ କୁମାର ୱେଲଗାମାଙ୍କ ଦେହାନ୍ତ ହୋଇଛି । ସେ ୭୪ ବର୍ଷ ବୟସରେ ରାଜଧାନୀ କୋଲମ୍ବର ଏକ ଘରୋଇ ଡାକ୍ତରଖାନାରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ଡେଲି ମିରର ଖବରକାଗଜ ଅନୁଯାୟୀ ,ପୂର୍ବତନ ମନ୍ତ୍ରୀ କୁମାର ୱେଲଗାମା ଏହି ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ । ବର୍ଷ ୨୦୨୦ରୁ ସେ ନ୍ୟୁ ଲଙ୍କା ଡ୍ରିଡମ ପାର୍ଟିର ନେତା ରହିଆସିଥିଲେ ଏବଂ ସମାଗୀ ଜନ ବାଲୱେଗୟାଙ୍କ ସହ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିଥିଲେ । ୱେଲଗାମା ୧୯୮୪ ଏବଂ ୨୦୦୦ ମଧ୍ୟରେ ଅଗାଲାୱେଟେ ନିର୍ବାଚନ ଅଂଚଳରେ ଶ୍ରୀଲଙ୍କା ଫ୍ରିଡମ ପାର୍ଟିର ମୁଖ୍ୟ ସଂଗଠକ ଥିଲେ । ୱେଲଗାମା ୨୦୦୭ ରୁ ୨୦୧୦ ପର୍ଯ୍ୟନ୍ତ ଶିକ୍ଷ ବିକାଶ ମନ୍ତ୍ରୀ ଏବଂ ୨୦୧୦ରୁ ୨୦୧୫ ପର୍ଯ୍ୟନ୍ତ ଏସଏଲଏପି ନେତୃତ୍ୱାଧୀନ ସରକାରରେ ପରିବହନ ମନ୍ତ୍ରୀ ଥିଲେ ।

## ସହିଦ ଭଗତ ସିଂହଙ୍କ ସ୍ମରଣ କଲେ ପିଏମ ମୋଦି

ନୂଆଦିଲ୍ଲୀ, ୨୮।୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଶହୀଦ ଭଗତ ସିଂହଙ୍କୁ ତାଙ୍କ ୧୧୭ ତମ ଜୟନ୍ତୀରେ ସ୍ମରଣ କରି କହିଛନ୍ତି ଯେ ସେ ସାହସ ଏବଂ ବୀରତ୍ୱର ପ୍ରତିମୁର୍ତ୍ତି ଥିଲେ । ପ୍ରଧାନମନ୍ତ୍ରୀ ଏକ୍ସରେ ଏକ ଭିଡିଓ କ୍ଲି ପୋଷ୍ଟ କରି ଲେଖିଛନ୍ତି ମାତୃଭୁମିର ସ୍ୱାଭିମାନକୁ ରକ୍ଷା କରିବା ପାଇଁ ନିଜର ଜୀବନକୁ ଉତ୍ସର୍ଗ କରିଥିବା ଅମର ଶହୀଦ ଭଗତ ସିଂହଙ୍କୁ ତାଙ୍କ ଜୟନ୍ତୀ ଅବସରରେ ଶତଶତ ପ୍ରଣାମ । ପ୍ରଧାନମନ୍ତ୍ରୀ ଭିଡିଓ କ୍ଲିପରେ କହିଛନ୍ତି ସେ ସମସ୍ତ ଦେଶବାସୀଙ୍କ ତରଫରୁ ସାହସ ଏବଂ ବୀରତାର ପ୍ରତିମୁର୍ତ୍ତୀ ଶହୀଦ ଭଗତ ସିଂହଙ୍କୁ ପ୍ରଣାମ କରୁଛି ।

## ମଣିପୁରରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ

**ଇମ୍ଫାଲ,୨୮।୯:** ମଣିପୁରରେ ଚାଲୁଥିବା ଅପରେସନରେ ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ସାମଗ୍ରୀ ଜବତ କାର୍ଯ୍ୟ ଜାରି ରହିଛି । ଏହି ସମ୍ପର୍କରେ ରାଜ୍ୟର ବିଭିନ୍ନ ସ୍ଥାନରୁ ବିପୁଳ ମାତ୍ରାରେ ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ସାମଗ୍ରୀ ମିଳିତ ସୁରକ୍ଷା ବାହିନୀର ଅପରେସନରେ ଜବତ କରାଯାଇଛି । ମଣିପୁର ପୋଲିସ ଆଜି କହିଛି ଯେ, ପାହାଡ ଏବଂ ଘାଟି ଜିଲ୍ଲାର ସାମାନ୍ତ ଏବଂ ସମ୍ବେଦନଶୀଳ ଅଂଚଳରେ ସୁରକ୍ଷାବାହିନୀ ଦ୍ୱାରା କରାଯାଇଥିବା ଅପରେସନ ଥେବଲରେ ଜିଲ୍ଲାର ଫୋନୋମହିଲ ରେଞ୍ଜରେ ମଣୀପୁର ପୋଲିସ ଏବଂ ଆସାମ ରାଇଫଲ ଦ୍ୱାରା ଚାରୋଟି ଏଚଇ-୩୬ ହ୍ୟାଣ୍ଡ ଗ୍ରେନେଡ,ଦୁଇଟି ପମ୍ପୀ ସେଲ,ତିନୋଟି ଡୋଟୋନେଟର,୨୯ ଖାଲୀ ପାତ୍ର ,ଏକ ଷ୍ଟନ ଗ୍ରେନେଡ,ଏକ ଷ୍ଟିଙ୍ଗର ଗ୍ରେନେଡ,ଏକ ଟିୟର ସ୍ମୋକ ଗ୍ରେନେଡ,ତଥା ଚାର୍ଜର ସହ ଦୁଇଟି ରେଡିଓ ସେଟ,ଜବତ କରାଯାଇଛି । ଅନ୍ୟ ଏକ ସର୍ଚ୍ଚ ଅପରେସନ ସମୟରେ ମଣୀପୁର ପୋଲିସ ଏବଂ ଏଆର ଲୋଇଣ୍ଟିଙ୍ଗ ରିଜ,କାଂଗପୋକପୀ ଜିଲ୍ଲାରେ ଦୁଇଟି .୩୦୩ ବୋଲ୍ଟ ଏକ୍ସନ ରାଇଫଲ ,ଏକ ରମ୍ପର ବୁଲେଟ,ଦୁଇଟିଲ ଏସଏମକେ ଗ୍ରେନେଡ,ଏକ ଲମ୍ବା ଦୁରଗାମୀ ୱାଁକି ଟାଁକି ସେଟ,କ୍ୟାଟ୍ରିଜ ବିନା ଏକ ଦେଶୀ ମୋର୍ଟାର ବମ,ଏକ ଲମ୍ବା ଦୁରଗାମୀ ଇମ୍ପ୍ରୋୱାଇଜ୍ଡ ମୋର୍ଟାର ସେଲ,ଏକ ଲମ୍ବା ଦୁରଗାମୀ ଇମ୍ପ୍ରୋୱାଇଜ୍ଡ ମୋର୍ଟାର ,ଏକ ବୀପୀ ଜ୍ୟାକେଟ ଏବଂ ଛଅଟି ବିଭିନ୍ନ ବସ୍ତୁ ଉଦ୍ଧାର କରାଯାଇଛି । ସୁରକ୍ଷାବାହିନୀ ଦ୍ୱାରା ସାରା ରାଜ୍ୟରେ ଚଢାଉ ଜାରି ରହିଛି ।

## କୁଲଗାମରେ ଗୁଳି ବିନିମୟରେ ଦୁଇ ଆତଙ୍କବାଦୀ ନିହତ

କୁଲଗାମ,୨୮।୯: କୁଲଗାମର ଆଦିଗ୍ରାମ ଦେବସର ଗାଁରେ ସୁରକ୍ଷାବଳ ଓ ଆତଙ୍କବାଦୀ ମଧ୍ୟରେ ଚାଲିତିବା ଗୁଳି ବିନିମୟରେ ଦୁଇ ଆତଙ୍କବାଦୀ ନିହତ ହୋଇଛନ୍ତି । ଏହି ସମୟରେ ତିନି ସୁରକ୍ଷାକର୍ମୀ ଓ ଜଣେ ପୋଲିସକର୍ମୀ ମଧ୍ୟ ଆହତ ହୋଇଛନ୍ତି । ମୃତ ଆତଙ୍କବାଦୀଙ୍କ ପରିଚୟ ଜଣାପଡିନି । ଏବେ ବି ଗୁଳି ବିନିମୟ ଜାରି ରହିଛି । ସୂଚନା ମୁତାବକ ଶୁକ୍ରବାର ବିଳମ୍ବିତ ରାତିରେ ଆଦିଗାମ ଅଂଚଳରେ ଆତଙ୍କବାଦୀ ଗତିବିଧି ସଂପର୍କରେ ସୂଚନା ମିଳିଥିଲା । ଏହାପରେ ସୁରକ୍ଷାବଳର ଯବାନମାନେ ଘଟଣାସ୍ଥଳରେ ପଂହଚି ଆତଙ୍କବାଦୀଙ୍କୁ ଘେରି ଯାଇଥିଲେ । ଏହାପରେ ଆତଙ୍କବାଦୀ ଗୁଳି ଚଳାଇବା ଆରମ୍ଭ କରିଥିଲେ । ଏହାର ଜବାବରେ ସୁରକ୍ଷାବଳ ବି ଫାୟାରିଂ କରିଥିଲେ । ଏହି ଫାୟାରିଂରେ ଦୁଇ ଆତଙ୍କବାଦୀ ନିହତ ହୋଇଥିବା ବେଳେ ତିନି ଯବାନ ଓ ଜଣେ ପୋଲିସ ଆହତ ହୋଇଛନ୍ତି ।

## ଅକ୍ଟୋବର ୧୯ରୁ ବୌଦ୍ଧ ସର୍କିଟ ପାଇଁ ଚାଲିବ ବିଶେଷ ପର୍ଯ୍ୟଟକ ଟ୍ରେନ

କୁଶୀନଗର,୨୮।୯ ଭାରତୀୟ ବୌଦ୍ଧ ସର୍କିଟ ପର୍ଯ୍ୟଟନ ସିଜନ ସମୟରେ ଭାରତୀୟ ରେଲୱେ ଖାଦ୍ୟପେୟ ଏବଂ ପର୍ଯ୍ୟଟନ ନିଗମ



ଲିମିଟେଡ(ଆଇଆରସୀଟୀସୀ)ଏକ ସ୍ୱତନ୍ତ୍ର ପର୍ଯ୍ୟଟକ ଟ୍ରେନ ଚଳାଇବ । ଏହି ଟ୍ରେନ ଦିଲ୍ଲୀ ଠାରୁ ଆରମ୍ଭ କରି ବୁଦ୍ଧର ମହାପରିନିର୍ବାଣ ସ୍ଥାନ କୁଶୀନଗର ଏବଂ ଲୁମ୍ବିନୀ ସମେତ ଅନେକ ଗୁରୁତ୍ୱପୁର୍ଣ୍ଣ ସ୍ଥାନ ପରିଦର୍ଶନ କରିବେ । ବିଳାସପୁର୍ଣ୍ଣ ସୁବିଧା ସହିତ ସଜ୍ଜିତ ଏହି ଟ୍ରେନ ୧୯ ଅକ୍ଟୋବରରୁ ମାର୍ଚ୍ଚ ୨୨ ପର୍ଯ୍ୟନ୍ତ ସାତଥର ଯାତ୍ରା କରିବ । ଆଂଚଳିକ ପର୍ଯ୍ୟଟନ ଅଧିକାରୀ ଗୋରଖପୁର, ରବିନ୍ଦ୍ର କୁମାର କହିଛନ୍ତି ପର୍ଯ୍ୟଟନ ବିଭାଗ ସ୍ୱତନ୍ତ୍ର ଟ୍ରେନରେ ଯାତ୍ରୀମାନଙ୍କ ସ୍ୱାଗତ କରିବାକୁ ପ୍ରସ୍ତୁତ ଅଛି । ସେ କହିଛନ୍ତି ଯେ ଦେଶୀ ଏବଂ ବିଦେଶୀ ପର୍ଯ୍ୟଟକଙ୍କ ପାଇଁ ଆଇଆରସୀଟୀସୀ ଭାରତୀୟ ବୌଦ୍ଧ ସର୍କିଟ ପାଇଁ ବୁକିଙ୍ଗ ଆରମ୍ଭ କରିଛି । ବୌଦ୍ଧ ସର୍କିଟ ପର୍ଯ୍ୟଟନ ଋତୁ ସମୟରେ ଏହି ଟ୍ରେନ ଅକ୍ଟୋବର ୨୦୨୪ ରେ ଆରମ୍ଭ ହୋଇ ୩୧ ମାର୍ଚ୍ଚ ୨୫ ପର୍ଯ୍ୟନ୍ତ ସାତ ଥର ଯାତ୍ରା କରିବ । ଏହି ଟ୍ରେନରେ ଯାତ୍ରୀ କୁଶୀନଗର ବ୍ୟତୀତ ବୁଦ୍ଧଙ୍କ ଜନ୍ମସ୍ଥାନ ଲୁମ୍ବିନୀ (ନେପାଳ), ଜ୍ଞାନ ପ୍ରାପ୍ତ ସ୍ଥାନ ବୋଧଗୟା, ପ୍ରଥମ ଉପଦେଶ ସ୍ଥଳ ସାରନାଥ ବ୍ୟତୀତ ବାରଣାସୀ କପିଳବସ୍ତୁ ,ଶ୍ରାବସ୍ତୀ ଆଦି ବୌଦ୍ଧ ତୀର୍ଥ ସ୍ଥାନରେ ଥିବା ପ୍ରାଚୀନ ସ୍ଥଐତିହ୍ୟ ଆଦି ପରିଦର୍ଶନ କରିପାରିବେ । ଯାତ୍ରାର ଶେଷ ଦିନରେ ପର୍ଯ୍ୟଟକ ତାଜମହଲ ପାଇଁ ପ୍ରସିଦ୍ଧ ଆଗ୍ରା ମଧ୍ୟ ବୁଲିପାରିବେ ।

### ଥାନାରେ...

କରିବାକୁ ସେ କହିଥିଲେ । ଏହା ସହିତ କାର୍ଯ୍ୟାନ୍ୱୟନ ପ୍ରକ୍ରିୟାରେ ଯେତେ ଦୂର ସମ୍ଭବ ହ୍ୟୁମାନ ଇଂଟରଫେସ କୁ କମ କରି ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ କରିପାରିଲେ ବ୍ୟବସ୍ଥା ସ୍ୱଚ୍ଛ ଓ ସରଳ ହୋଇପାରିବ ।

ସେହିପରି ପ୍ରଶାସନକୁ କ୍ରିୟାଶୀଳ କରିବା ପାଇଁ ସେ କହିଥିଲେ ଯେ ଜିଲ୍ଲା ଏବଂ ବ୍ଲକ ସ୍ତରରେ ମଧ୍ୟ ସରକାରୀ ନିଷ୍ପତ୍ତି ଯେତେଦୂର ସମ୍ଭବ ଶୀଘ୍ର ନିଆଯିବା ଆବଶ୍ୟକ । ଏହାଦ୍ୱାରା ପ୍ରଭାବିତ ବ୍ୟକ୍ତି ନିଷ୍ପତ୍ତି ଅନୁସାରେ ପରବର୍ତ୍ତୀ ନିର୍ଣ୍ଣୟ ନେଇପାରିବେ । ଅଯଥା ନିଷ୍ପତ୍ତିକୁ ତ୍ରିଶଙ୍କୁ ଅବସ୍ଥାରେ ରଖନ୍ତୁ ନାହିଁ ।

ନାଗରିକ ଇଂଟରଫେସ୍ ଉପରେ ଗୁରୁତ୍ୱ ଆରୋପ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ନାଗରିକ ଓ ପ୍ରଶାସନ ମଧ୍ୟରେ ଦୂରତ୍ୱ ରହିଯାଇଛି । ଏହାର ମୁଖ୍ୟ କାରଣ ହେଉଛି, ନାଗରିକ ଓ ସିଭିଲ ସୋସାଇଟି ସହିତ ଆମେ ଯଥେଷ୍ଟ ବାର୍ତ୍ତାଳାପ କରୁନାହୁଁ, ମୁଖ୍ୟମନ୍ତ୍ରୀ କହିଲେ ଯେ ଆମେ ଯେତେ ଅଧିକ ନାଗରିକ ଏବଂ ସିଭିଲ ସୋସାଇଟିଙ୍କୁ ସ୍ଥାନୀୟ ପ୍ରଶାସନରେ ସଂପୃକ୍ତ କରାଇବା, ଆମେ ଏହି ଦୂରତ୍ୱକୁ ସେତେ ଅଧିକ କମ କରିପାରିବା ।

ଉତ୍ତରଦାୟୀତ୍ୱବୋଧତା ଉପରେ ଗୁରୁତ୍ୱ ଆରୋପ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଜିକାଲି କେହି ବି ନିଜ କାମ ପାଇଁ ଉତ୍ତରଦାୟୀ ହେବାକୁ ଚାହୁଁନାହାନ୍ତି । ଯଦି କିଛି ଅସୁବିଧା ହୁଏ, ସମସ୍ତେ ପାସ ଦି ପାର୍ସଲ ଖେଳିବାରେ ବ୍ୟସ୍ତ ହୋଇଯାଆନ୍ତି । କିନ୍ତୁ ଏବେ ଏହା ଆଉ ଚାଲିବ ନାହିଁ । ଆପଣମାନଙ୍କର ଯାହା ସବୁ ସମ୍ବଳ ଓ ଭିତ୍ତିଭୂମି ଆବଶ୍ୟକ ସରକାରଙ୍କୁ ଜଣାନ୍ତୁ । ସରକାର ଯଥା ସମ୍ଭବ ପୂରଣ କରିବାକୁ ଚେଷ୍ଟା କରିବେ । କିନ୍ତୁ, ପ୍ରଶାସନକୁ ଉତ୍ତରଦାୟୀ ହେବାକୁ ପଡିବ ଏବଂ ଆପଣ ନିଜ ନିଜ କାମ ପାଇଁ ଉତରଦାୟୀ ହେବାକୁ ପଡିବ ।

ଶେଷରେ ସାମାଜିକ ନ୍ୟାୟ ଓ ସମାବେଶୀ ଶାସନ ଉପରେ ଗୁରୁତ୍ୱ ଆରୋପ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ବର୍ତ୍ତମାନର ସରକାରଙ୍କ ଲକ୍ଷ୍ୟ ହେଉଛି ସାମାଜିକ ନ୍ୟାୟ ଓ ସମାବେଶୀ ଶାସନ ବ୍ୟବସ୍ଥା । ସମାଜର ଶେଷ ସୋପାନରେ ଛିଡାହୋଇଥିବା ବ୍ୟକ୍ତି ପାଖରେ ସରକାରୀ ସୁବିଧା ଓ ସରକାରୀ ବ୍ୟବସ୍ଥା ପହଂଚିବା ଆବଶ୍ୟକ । ଜାତି, ଧର୍ମ, ବର୍ଣ୍ଣ, ଭାଷା ତଥା ଦଳମତ ନିର୍ବିଶେଷରେ ପ୍ରତ୍ୟେକ ଲୋକଙ୍କ ପାଇଁ ଆମ ସରକାର କାର୍ଯ୍ୟ କରିବେ ଏବଂ ଏହାର ପ୍ରେରଣା ହେଉଛି ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନ୍ତ୍ର, 'ସବକା ସାଥ୍, ସବକା ବିଶ୍ୱାସ ଓ ସବକା ପ୍ରୟାସ' ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ବିକଶିତ ଓଡିଶାର ଲକ୍ଷ୍ୟ ସମ୍ପର୍କରେ ମତ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଆମ ସରକାର ୨୦୩୬ ସୁଦ୍ଧା ସ୍ୱତନ୍ତ୍ର ରାଜ୍ୟ ଗଠନର ୧୦୦ ବର୍ଷ ପୂର୍ତ୍ତି ଅବସରରେ ଏକ ସୁସ୍ଥ, ସମୃଦ୍ଧ ଓ ଶକ୍ତିଶାଳୀ ଓଡିଶା ଗଠନରେ ବ୍ରତୀ । ଏହାକୁ ସାକାର କରିବ ଡବଲ ଇଂଜିନ ସରକାର ।

ବର୍ତ୍ତମାନ ପରିସ୍ଥିତିରେ ପାଣ୍ଠିର ଅଭାବ ନାହିଁ ବୋଲି ପ୍ରକାଶ କରି ସେ କହିଲେ ଯେ ଏବେ କେନ୍ଦ୍ରରେ ଏକ ସଂବେଦନଶୀଳ ସରକାର ଅଛନ୍ତି । ତେଣୁ, ଆମେ ଆବଶ୍ୟକ ସହାୟତା ପାଇପାରିବା । ଏହାକୁ, ଏହି ୧୦୦ ଦିନ ଭିତରେ ଆପଣମାନେ ହୃଦୟଙ୍ଗମ କରିପାରୁଥିବେ । ଏହି ସ୍ୱପ୍ନକୁ ସାକାର କରିବା ପାଇଁ ଆପଣମାନେ ହେଉଛନ୍ତି ସବୁଠାରୁ ମହତ୍ୱପୂର୍ଣ୍ଣ କଡି ବା ସେତୁ । ତେଣୁ ମୁଁ ସମସ୍ତଙ୍କୁ ଆହ୍ୱାନ କରୁଛି ଯେ ଯିଏ ଯେଉଁ ଦାୟିତ୍ୱରେ ଅଛନ୍ତି, ସୂଚାରୁ ରୂପେ ଉପରୋକ୍ତ ପାଂଚଟି ମନ୍ତ୍ର ଆଧାରରେ ଲୋକଙ୍କୁ ସୁଶାସନ ଏବଂ ନ୍ୟାୟ ପ୍ରଦାନ କରିବେ ।

ଶେଷରେ ଓଡ଼ିଆ ଅସ୍ମିତାର ସୁରକ୍ଷା ଓ ପ୍ରସାର ଆମର ଏକ ମୁଖ୍ୟ ସଂକଳ୍ପ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ପ୍ରଶାସନିକ ସ୍ତରରେ ଓଡ଼ିଆ ଭାଷାର ବ୍ୟବହାର ଅତି ଗୁରୁତ୍ୱପୂର୍ଣ୍ଣ । ବ୍ୟକ୍ତିଗତ ହେଉ ବା ସାମୁହିକ, ସାଧାରଣ ଜନତାଙ୍କ ଉଦ୍ଦେଶ୍ୟରେ ଯାଉଥିବା ସବୁ ସୂଚନା, ଓଡ଼ିଆ ଭାଷାରେ ହେବା ଅତ୍ୟନ୍ତ ଜରୁରୀ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଜିଲ୍ଲା ସ୍ତରରେ ଅଧିକ ଉଦ୍ୟମ ହେବା ଆବଶ୍ୟକ ।

ସବୁ ଜିଲ୍ଲାର ୱେବସାଇଟ ସଂପୂର୍ଣ୍ଣ ରୂପେ ଓଡିଆରେ ହେବା ଆବଶ୍ୟକ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସବୁ ସରକାରୀ ନଥିପତ୍ର, ନୋଟିସ, ବିବରଣୀ, ବିଜ୍ଞାପନ ଓଡିଆ ଭାଷାରେ ହେବା ଜରୁରୀ ।

ପରିଶେଷରେ ଆଇନ ଶୃଙ୍ଖଳା ଉପରେ ଆଲୋକପାତ କରି ସେ କହିଲେ ଯେ ରାଜ୍ୟରେ ଆଇନ ଶୃଙ୍ଖଳାକୁ ବଜାୟ ରଖିବା ପାଇଁ ପୋଲିସ ବିଭାଗକୁ ସଂପୂର୍ଣ୍ଣ କ୍ଷମତା ଦିଆଯାଇଛି । ଆଇନର ଚାରିକାନ୍ଥ ଓ ମର୍ଯ୍ୟାଦା ମଧ୍ୟରେ ରହି ସ୍ୱାଧୀନ ଭାବେ କାର୍ଯ୍ୟ କରନ୍ତୁ ଏବଂ ଲୋକଙ୍କୁ ନ୍ୟାୟ ଦେବାକୁ ସେ ପରାମର୍ଶ ଦେଇଥିଲେ ।

ଆସନ୍ତା ପାର୍ବଣ ଋତୁରେ ରାଜ୍ୟରେ ଆଇନ ଶୃଙ୍ଖଳାକୁ ବଜାୟ ରଖିବା ପାଇଁ ନିର୍ଦ୍ଦେଶ ଦେଇ ସେ କହିଥିଲେ ଯେ ଆପଣମାନଙ୍କ ପରି ଦକ୍ଷ ଅଧିକାରୀଙ୍କ ହାତରେ ଓଡିଶାର ଶାସନ ବ୍ୟବସ୍ଥା ଓ ସାଧାରଣ ଜନତାଙ୍କ ସୁରକ୍ଷା ସୁରକ୍ଷିତ ।

ପରିଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଯୋଜନା ଯେତେ ଅଭିନବ ହେଲେବି ଏହାର ପ୍ରକୃତ ସଫଳତା ଏହାର ସଫଳ ରୂପାୟନ ଉପରେ ନିର୍ଭର କରେ । ଲୋକଙ୍କ ସୁବିଧା ପାଇଁ ସମସ୍ତେ ସଚ୍ଚୋଟ ଓ କର୍ତ୍ତବ୍ୟନିଷ୍ଠ ହେବା ସହିତ ଦିନରାତି ଅକ୍ଳାନ୍ତ ପରିଶ୍ରମ କରି ଯୋଜନାର ରୂପାୟନ କରିବାକୁ ସେ ପରାମର୍ଶ ଦେଇଥିଲେ । ଏହି ବୈଠକ ପରେ ସବୁ ଅଧିକାରୀ ନୂତନ ଉତ୍ସାହ ଓ ଆଗ୍ରହର ସହିତ କାମ କରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ । ସେ କହିଥିଲେ ଯେ, "ଲୋକଙ୍କୁ ସାଙ୍ଗରେ ନେଇ ଚାଲନ୍ତୁ, ଦେଖିବେ ସବୁ ସହଜ ଓ ସରଳ ହୋଇଯିବ ।"

କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ୍ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ, ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ଶ୍ରୀ ସୁଧାଂଶୁ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ ।

### ମାଓ...

ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଉଦ୍ଦିଷ୍ଟ ରହିଛି । ଆଗାମୀ ଦିନରେ ରାଜ୍ୟରେ ବାମପନ୍ଥୀ କାର୍ଯ୍ୟକଳାପର ମୂଳୋତ୍ପାଟନ ପାଇଁ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟର ଆବଶ୍ୟକତା ରହିଛି ବୋଲି ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ ଗୁରୁତ୍ୱାରୋପ କରିଥିଲେ ।

ପଂଚାୟତି ରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ ଏହି ସମ୍ମିଳନୀକୁ ସମ୍ବୋଧିତ କରି ରାଜ୍ୟର ମାଓ ଉପଦ୍ରୁତ ପଂଚାୟତ ଗୁଡିକ ପାଇଁ ପରିକଳ୍ପିତ ସ୍ୱତନ୍ତ୍ର ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ସେହିସବୁ ଅଂଚଳରେ ବସବାସ କରୁଥିବା ଜନସାଧାରଣଙ୍କ ଜୀବନଜୀବିକା ବିକାଶ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ବିଭିନ୍ନ ଯୋଜନା ଗୁଡିକର ସଫଳ କାର୍ଯ୍ୟାନ୍ୱୟନ ମାଧ୍ୟମରେ ସେମାନଙ୍କ ଆସ୍ଥାଭାଜନ ହେବାକୁ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ । ଜଳପଥରେ ପଡୋଶୀ ଦେଶଗୁଡିକରୁ ଅନୁପ୍ରବେଶ ପ୍ରତିହତ କରିବା ଦିଗରେ ସାମୁଦ୍ରିକ ପୋଲିସର କାର୍ଯ୍ୟଧାରା ସମ୍ପର୍କରେ ମଧ୍ୟ ତଥ୍ୟ ଉପସ୍ଥାପନ ପୂର୍ବକ ବିସ୍ତୃତ ଆଲୋଚନା କରାଯାଇଥିଲା ।

ସଫଳ ମାଓ ମୁକାବିଲା ଏବଂ ଜନସାଧାରଣଙ୍କଆସ୍ଥାଭାଜନ ହେବାରେ ଯାଜପୁର ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଏବଂ ବଲାଙ୍ଗୀର ଆରକ୍ଷୀ ଅଧିକ୍ଷକ ଶ୍ରୀ ଖିଲାରୀ ଋଷିକେଶ ଡାନନ୍ଦେଓ କିପରି ସଫଳ ହୋଇଥିଲେ ସେ ସମ୍ପର୍କରେ ନିଜ ନିଜର ଅତୀତ ଅଭିଜ୍ଞତା ପ୍ରକାଶ କରିଥିଲେ ।

### ୭ ପ୍ରସ୍ତାବରେ..

ନୀତି-୨୦୨୪କୁ ଆଜି କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଏହି ନୀତି ଦ୍ୱାରା ତଥ୍ୟର ଗୁଣବତ୍ତା ଓ ଉପଭୋକ୍ତା ନିଯୋଜନକୁ ବୃଦ୍ଧି କରାଯାଇପାରିବ । ଯାହାକି ନୀତି ନିର୍ଦ୍ଧାରଣକାରୀ, ଯୋଜନା ପ୍ରଣୟନକାରୀ, ଗବେଷକ ଇତ୍ୟାଦିଙ୍କ ଦ୍ୱାରା ତଥ୍ୟଭିତ୍ତିକ ନିଷ୍ପତ୍ତି ନେବାକୁ ସହାୟକ ହେବ ।

ଓଡ଼ିଶା ସୁପିରୀୟର ଜୁଡିସିଆଲ ସର୍ଭିସ ଓ ଓଡ଼ିଶା ଜୁଡିସିଆଲ ସର୍ଭିସ ନିୟମ-୨୦୦୭କୁ ସଂଶୋଧନ ପ୍ରସ୍ତାବକୁ ଆଜି ରାଜ୍ୟ କ୍ୟାବିନେଟ୍ ମଞ୍ଜୁର କରିଛନ୍ତି । ନୂତନ ଅପରାଧିକ ଆଇନ ପ୍ରଣୟନ ଯଥା- ଦି ଭାରତୀୟ ନ୍ୟାୟ ସଂହିତା ୨୦୨୩, ଦି ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩ ଓ ଦି ଭାରତୀୟ ସାକ୍ଷ୍ୟ ଅଧିନିୟମ ୨୦୨୩ ପରିପ୍ରେକ୍ଷୀରେ ଜୁଡିସିଆଲ ଅଫିସରମାନଙ୍କର ନୈତିକ ଓ ଆଇନଗତ କର୍ତ୍ତବ୍ୟ, କୋର୍ଟ ପରିଚାଳନା ଓ ପ୍ରଶାସନିକ ଦକ୍ଷତାକୁ ଆଲୋକିତ କରିବା ପାଇଁ ରାଜ୍ୟର ଏହି ଦୁଇଟି ନିୟମରେ ସଂଶୋଧନର ଆବଶ୍ୟକତା ରହିଛି । ବିଧାନସଭା ଅଧିବେଶନର ସତ୍ରାବସାନକୁ ମଧ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି ।

ସେହିପରି ଆଡଭୋକେଟ୍ ଜେନେରାଲ(ଏଜି)ଙ୍କ ଫି ସଂଶୋଧନ ପ୍ରସ୍ତାବକୁ ପିଛିଲା ଭାବେ ଆଜି ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଶେଷଥର ପାଇଁ ୨୦୧୬ ଏପ୍ରିଲ ୨୧ତାରିଖରେ ଏଜିଙ୍କ ଫି ସଂଶୋଧିତ ହୋଇଥିଲା । ସୁପ୍ରିମକୋର୍ଟ, ହାଇକୋର୍ଟ, ବିଭିନ୍ନ ଟ୍ରିବ୍ୟୁନାଲରେ ସରକାରଙ୍କ ପକ୍ଷରୁ ମାମଲା ଲଢ଼ିବା ପାଇଁ ଏଜିଙ୍କ ଫିକୁ ରାଜ୍ୟ ସରକାର ପ୍ରାୟ ୬ଗୁଣ ବୃଦ୍ଧି କରିଛନ୍ତି । ସରକାର ଆଇନ ପରାମର୍ଶଦାତା ଭାବେ ମାସିକ ରିଟେନର ଫି ବାବଦରେ ୫୦ହଜାର ଟଙ୍କା ପରିବର୍ତ୍ତେ ୩ଲକ୍ଷ ଟଙ୍କା ପାଇବେ । ସେହିପରି ସୁପ୍ରିମକୋର୍ଟରେ କୌଣସି ମାମଲାରେ ହାଜର ହେବା ପାଇଁ ଥରକୁ ୫୫୦୦୦ ଟଙ୍କା, ଆଟର୍ଣ୍ଣି ଜେନେରାଲଙ୍କୁ ସହାୟତା ପାଇଁ ସୁପ୍ରିମକୋର୍ଟରେ ଉପସ୍ଥିତ ହେଲେ ଦୈନିକ ୩୫ହଜାର ଟଙ୍କା, କୌଣସି କାର୍ଯ୍ୟ ସମ୍ପାଦନ ପାଇଁ ସଦରମହକୁମା ବାହାରକୁ ଗଲେ ଦୈନିକ ୩୫ହଜାର ଟଙ୍କା, କଟକରେ କୌଣସି କୋର୍ଟ, ଟ୍ରିବ୍ୟୁନାଲ ଓ ଆୟୋଗରେ ହାଜର ହେଲେ ଦୈନିକ ୩୦ହଜାର ଟଙ୍କାର ଫି ସରକାର ଦେବେ । ସେହିପରି ଭାରତର ସମ୍ବିଧାନର ଅନୁଚ୍ଛେଦ ୨୨୬ ଓ ୨୨୭ ଅନୁସାରେ କାର୍ଯ୍ୟବିଧିରେ ହାଇକୋର୍ଟରେ ଉପସ୍ଥିତ ପାଇଁ ଦୈନିକ ୩୦ହଜାର ଟଙ୍କା ଫି ମିଳିବ ବୋଲି ଜଣାପଡ଼ିଛି ।

### ଭଦ୍ରକରେ..

ଏସଡିପିଓ ତ୍ରିଲୋଚନ ସେଠୀ,ଧାମନଗର ଆଇଆଇସି ଫଣୀନ୍ଦ୍ର ଭୂଷଣ ନାୟକ ଉପସ୍ଥିତ ରହି ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରୁଛନ୍ତି । ଧାମନଗର ଅଞ୍ଚଳ ସଂପୂର୍ଣ୍ଣ ଶାନ୍ତ ଥିବାବେଳେ ଜନସାଧାରଣ ଗୁଜବକୁ ପ୍ରଶ୍ରୟ ନଦେଇ ଶାନ୍ତି ବଜାୟ ରଖିବାକୁ ଜିଲ୍ଲାପ୍ରଶାସନ ଓ ପୋଲିସ ପ୍ରଶାସନ ତରଫରୁ ଅନୁରୋଧ କରାଯାଇଛି ।

# ଧୋଇଗଲା ଦ୍ୱିତୀୟ ଦିନ



କାନପୁର: ଭାରତ ଓ ବାଂଲାଦେଶ ମଧ୍ୟରେ କାନପୁରର ଗ୍ରୀନ ପାର୍କ ଷ୍ଟାଡିୟମରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଖେଳା ଯାଉଛି। ମ୍ୟାଚ୍‌ରେ ବର୍ଷା ବଡ଼ ବାଧକ ସାଜିଛି। ଗତକାଲି ପ୍ରଥମ ଦିନରେ ୩୫ ଓଭର ଖେଳ ସକ୍ଷମ ହୋଇ ପାରିଥିବା ବେଳେ ଆଜି ଦ୍ୱିତୀୟ ଦିନ ଖେଳ ସଂପୂର୍ଣ୍ଣ ଭାବେ ବର୍ଷାରେ ଧୋଇ ହୋଇ ଯାଇଛି। ଶନିବାର ଗୋଟିଏ ବଲ୍ ବି ପଡ଼ି ପାରିନି। ଦ୍ୱିତୀୟ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ବାଂଲାଦେଶ ୩ ଉ୍ଇକେଟ୍ ହରାଇ ୧୦୭ ରନ କରିଛି। ମୋମିନୁଲ ହକ ୪୦ ଓ ମୁସ୍ଫିର ରହିମ ୬ ରନ କରି ବ୍ୟାଟିଂ କରୁଛନ୍ତି। ଶୁକ୍ରବାର ପ୍ରଥମ ଦିନର ଖେଳରେ ଟସ୍ ଜିତି ଭାରତୀୟ ଅଧିନାୟକ ରୋହିତ ଶର୍ମା ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ବାଂଲାଦେଶର ଓପନର ଜାକିର ହସନ ଓ ଶାଦମାନ ଇସଲାମ ପ୍ରଥମ ଉ୍ଇକେଟ୍ ପାଇଁ ୨୬ ରନ ଯୋଡିଥିଲେ। ଜାକିର ହସନ ୨୪ ବଲ ଖେଳିଥିଲେ ହେଁ ଖାତା ଖୋଲି ପାରି ନ ଥିଲେ। ଆକାଶ ଦୀପ ତାଙ୍କୁ ଆଉଟ୍ କରି ଭାରତକୁ ପ୍ରଥମ ସଫଳତା ଦେଇଥିଲେ। ୨୪ ରନ କରି ଲୟରେ ନଜର ଆସୁଥିବା ଶାଦମାନ ଇସଲାମ ୨୪ ରନ କରି ଆକାଶ ଦୀପଙ୍କ ବଲରେ ଆଉଟ୍ ହୋଇଥିଲେ।

# ଛୋଟ ଅଭିନୟ କରିପାରିବି : ମନୁ ଭାକର

ନୂଆଦିଲ୍ଲୀ, ୨୮।୯: ପ୍ୟାରିସ ଅଲିମ୍ପିକ୍ସ ୨୦୨୪ରେ ଦୁଇଟି ବ୍ରୋଞ୍ଜ ପଦକ ଜିତିଥିବା ଷ୍ଟାର ସୁଟର ମନୁ ଭାକର ଓ ତାଙ୍କ କୋଚ ଜସପାଲ ରାଣା ଗୁରୁବାର ମୁମ୍ବାଇରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ସମୟରେ ମନୁ ଭାକର ବଲିଉଡରେ ଡେବ୍ୟୁ, ବାୟୋପିକ, କ୍ୟାରିୟର ଓ ଆଗାମୀ ଲକ୍ଷ୍ୟ କଣ ରହିଛି ତାହାକୁ ନେଇ ଖୋଲାଖୋଲି ଆଲୋଚନା କରିଥିଲେ।

ମନୁ ଭାକର ପ୍ୟାରିସ ଅଲିମ୍ପିକ୍ସରେ ଐତିହାସିକ ପ୍ରଦର୍ଶନ କରିଥିଲେ। ମନୁ ଏମିତି ଜଣେ ଖେଳାଳି ଯିଏକି ପ୍ୟାରିସ ଅଲିମ୍ପିକ୍ସରେ ଭାରତର ପଦକ ଖାତା ଖୋଲିଥିବା ବେଳେ ଦୁଇଟି ପଦକ ଭାରତ ନାମରେ କରିଥିଲେ। ଏଥିପାଇଁ ମନୁ ଦୀର୍ଘ ୮ବର୍ଷ ଧରି ପରିଶ୍ରମ ବି କରିଛନ୍ତି।

ବଲିଉଡରେ ଡେବ୍ୟୁକୁ ନେଇ ମନୁଙ୍କୁ ପ୍ରଶ୍ନ ପଚରା ଯିବାରୁ ସେ କହିଥିଲେ, ମୋର କାମ ବନ୍ଧୁକ ଚଳନା କରିବା ଓ ଦେଶ ପାଇଁ ଖେଳିବା। ହଁ ଛୋଟମୋଟ ଅଭିନୟ କରି ପାରିବି।କିନ୍ତୁ ମୋର ସମ୍ପୂର୍ଣ୍ଣ ଧ୍ୟାନ ଖେଳ ଉପରେ ହିଁ ରହିଛି ଓ ରହିଥିବ ମୋର ଇଚ୍ଛା ବନ୍ଧୁକ ଚଳନ ଭଳି କିଛି ଭୂମିକା ମିଳିଲେ ନିଶ୍ଚୟ କରିବି।

ମନୁଙ୍କୁ ତାଙ୍କ ବାୟୋପିକକୁ ନେଇ



ପ୍ରଶ୍ନ ପଚରା ଯିବାରୁ ସେ କହିଥିଲେ, ଏଥିପାଇଁ ଅନେକ ସମୟ ଏବେ ବାକି ଅଛି। ମୋର କ୍ୟାରିୟର ଦୀର୍ଘ ଅଛି ବାୟୋପିକ ପାଇଁ ମୋତେ ଅନେକ ବର୍ଷ ଆବଶ୍ୟକ।

ଟ୍ରୋଲ କରୁଥିବା ଲୋକଙ୍କୁ ମନୁଭାକର ସେପ୍ଟେମ୍ବର ୨୫ରେ ସୋସିଆଲ ମିଡିଆରେ ଏକ ପୋଷ୍ଟ କରି ଲେଖିଥିଲେ। ପ୍ୟାରିସ ୨୦୨୪ ଅଲିମ୍ପିକ୍ସରେ ମୁଁ ଯେଉଁ ଦୁଇଟି ପଦକ ଜିତିଛି। ତାହା ଆପଣମାନେ ଭାବୁଛନ୍ତି କି ମୋର ତାହା ମୋର ନୁହେଁ। ଜିତିଥିବା ପଦକ ହେଉଛି ମୋ ଦେଶ ଭାରତର। ଭାରତରକୁ ଏହି ପଦକ ଦେବା ପାଇଁ ମୁଁ ଦୀର୍ଘ ୮ବର୍ଷ ଖୁବ ପରିଶ୍ରମ କରିଛି।ତେବେ ଆପଣମାନଙ୍କୁ ଜଣାଇ ଦେବାକୁ ଚାହିଁବି କି ମୋତେ କେଣସି କାର୍ଯ୍ୟକ୍ରମକୁ ସାମିଲ ହେବାକୁ ନିମନ୍ତ୍ରଣ କରାଗଲେ ଆଗରୁ ପଦକ ନେଇ ଆସିବାକୁ କୁହାଯାଇଥାଏ। ଆଉ ମୁଁ ଗର୍ବର ସହ ମୋ ପଦକ ନେଇ କାର୍ଯ୍ୟକ୍ରମର ସାମିଲ ହୋଇଥାଏ।

ଏହି କ୍ରମରେ ମନୁଙ୍କ କୋଚ ଜସପାଲ ରଣା ନିକଟରେ ଏକ କାର୍ଯ୍ୟକ୍ରମରେ ସାମିଲ ହୋଇ କହିଛନ୍ତି, ମନୁ ସମସ୍ତ କାର୍ଯ୍ୟକ୍ରମକୁ ପଦକ ନେଇ ଯାଉଥିବାରୁ ଲୋକେ ତାଙ୍କୁ ଟ୍ରୋଲ କରୁଛନ୍ତି। ଲୋକେ ଏହାକୁ ନେଇ ଗର୍ବ କରିବା ବଦଳରେ ଟ୍ରୋଲ କିପରି କରି ପାରୁଛନ୍ତି। ତାହାକୁ ନେଇ ମୁଁ ଆଶ୍ଚର୍ଯ୍ୟ। କିନ୍ତୁ କିଛି କଥା ନାହିଁ କିଛି ଲୋକଙ୍କ ପ୍ରକୃତି ହିଁ ସେମିତି ଥାଏ। ଏହି ଲୋକମାନଙ୍କୁ ମୁଁ ଜଣାଇ ଦେବାକୁ ଚାହିଁବି କି ମନୁ ପ୍ୟାରିସ ଅଲିମ୍ପିକ୍ସ ୨୦୨୪ରେ ଜିତିଥିବା ପଦକ ପାଇଁ ବହୁତ ପରିଶ୍ରମ କରିଛନ୍ତି।ତେଣୁ ତାଙ୍କ ସହିତ ସବୁବେଳେ ପଦକ ରହିଥିବା ହେଉଛି ତାଙ୍କ ଅଧିକାରୀ ଏହାକୁ କେହି ଏଡାଇ ପାରିବେ ନାହିଁ। ମନୁଙ୍କ ଏହି ସଫଳତା ପାଇଁ ଲୋକେ ମୋତେ ଆଜି ଚିହ୍ନୁଛନ୍ତି ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଡାକୁଛନ୍ତି।

# ଚେସ୍ ବିଜେତାଙ୍କ ଉପରେ ଟଙ୍କା ବର୍ଷା



ନୂଆଦିଲ୍ଲୀ, ୨୮।୯: ଭାରତ ପାଇଁ ଗର୍ବ ଆଣିଛନ୍ତି ଚେସ ଅଲିମ୍ପିଆଡ ପ୍ରଥମ ଥର ପାଇଁ ଟାଇଟଲ ଜିତିଛି ଭାରତ।କିନ୍ତୁ ଜାଣନ୍ତି କି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରୁଥିବା ପୁରା ଟିମକୁ ମିଳିଛି ଲକ୍ଷ ଲକ୍ଷ ଟଙ୍କାର ନଗଦ ପୁରସ୍କାର ରାଶି ।

ହଙ୍ଗେରୀର ବୁଦାପେଷ୍ଟରେ ଆୟୋଜିତ ଚେସ ଅଲିମ୍ପିଆଡ଼ରେ ଅଂଶ ଗ୍ରହଣ କରିଥିଲେ ଭାରତର ପୁରୁଷ ଏବଂ ମହିଳା ଟିମ୍‌ର ୫ ଜଣ ଲେଖାଏଁ ପ୍ଲେୟର। ଏମାନଙ୍କ ସହିତ ୨ କୋଚ୍, ୪ଜଣ ଆସିଷ୍ଟାଣ୍ଟ କୋଚ୍ ଏବଂ ଜଣେ ପ୍ରତିନିଧି ମଧ୍ୟ ଯାଇଥିଲେ ଚେସ୍ ଅଲିମ୍ପିଆଡ଼ରେ ଟିମ୍ ଇଣ୍ଡିଆର କୋଚ୍ ଶ୍ରୀନାଥ ନାରାୟଣଙ୍କୁ ୩୦ ଲକ୍ଷ ଟଙ୍କା ପୁରସ୍କାର ମିଳିଛି। ଏହାବ୍ୟତୀତ ଅନ୍ୟ କୋଚ୍ ଅଭିଜିତ୍ କୁଣ୍ଟେଙ୍କୁ ୧୫ ଲକ୍ଷ ଟଙ୍କା ମିଳିଛି। ଭାରତୀୟ ଟିମ୍ ସହିତ ୪ଜଣ ଆସିଷ୍ଟାଣ୍ଟ କୋଚ୍ ବୈଭବ ସୁରୀ, ଅର୍ଜୁନ କଲ୍ୟାଣ, ସଙ୍କଳ୍ପ ଗୁପ୍ତା ଏବଂ ସ୍ୱୟମ ମିଶ୍ରଙ୍କୁ ସାଢେ ୭ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି। ଭାରତୀୟ ଟିମ୍ ସହ ଆସିଥିବା ପ୍ରତିନିଧୀ ଦିବ୍ୟେନ୍ଦୁ ବାରୁଆଙ୍କୁ ପୁରସ୍କାର ଭାବେ ମିଳିଛି। ୧୦ ଲକ୍ଷ ଟଙ୍କା ଭାରତୀୟ ଟିମର ୩ ଖେଳାଳି ଆର ବୈଶାଲୀ, ଡି ଗୁକେଶ ଏବଂ ଆର ପ୍ରଗାନନ୍ଦାଙ୍କୁ ମିଳିଛି ୭୦ ଲକ୍ଷ ଲେଖାଏଁ ପୁରସ୍କାର ରାଶି।

ପ୍ରତ୍ୟେକ ଖେଳାଳି ଏଆଇସିଏଫରୁ ୨୫ ଲକ୍ଷ, ସାଇରୁ ୨୦ଲକ୍ଷ ଏବଂ ତାମିଲନାଡୁର ରୁ ୧୫ ଲକ୍ଷ ଟଙ୍କା ପାଇଛନ୍ତି। ଭାରତୀୟ ଦଳର ୭ ଖେଳାଳି ଅର୍ଜୁନ ଏରିଗେସି, ବିଦିତ ଗୁଜରାଟୀ, ପେଣ୍ଟାଲ ହରିକୃଷ୍ଣ, ହରିକା ଦ୍ରୋନାବଲୀ, ଦିବ୍ୟା ଦେଶମୁଖ, ବନ୍ତିକା ଅଗ୍ରୱାଲ ଏବଂ ତାନିଆ ସଚଦେବଙ୍କୁ ମିଳିଛି ୪୫ ଲକ୍ଷ ଟଙ୍କା ପୁରସ୍କାର ଦିଆଯାଇଛି।

## ଆଇପିଏଲ୍ ପାଇଁ ବଡ଼ ଘୋଷଣା

ନୂଆଦିଲ୍ଲୀ, ୨୮।୯: ଆଇପିଏଲ୍‌ର ପରବର୍ତ୍ତୀ ସଂସ୍କରଣ ପୂର୍ବରୁ ଭାରତୀୟ ଖେଳାଳିଙ୍କ ପାଇଁ ବିସିସିଆଇ ବଡ଼ ଘୋଷଣା କରିଛି। ବିସିସିଆଇ ସଚିବ ଜୟ ଶାହ ଶନିବାର ଘୋଷଣା କରି କହିଛନ୍ତି ଯେ ଆଗାମୀ ସଂସ୍କରଣରେ ଭାରତୀୟ ଖେଳାଳିଙ୍କୁ ପ୍ରତି ମ୍ୟାଚ୍ ପାଇଁ କନଟ୍ରାକ୍ଟ ବାହାରେ ୭.୫ ଲକ୍ଷ ଟଙ୍କା ମିଳିବ। ଯଦି କୌଣସି ଭାରତୀୟ ଖେଳାଳି ଗୋଟିଏ ଫ୍ରାଞ୍ଚାଇଜି ପାଇଁ ପୂରା ସିଜିନ୍ ଖେଳନ୍ତି ତେବେ ଅନୁବନ୍ଧ ରାଶି ବ୍ୟତୀତ ଅତିରିକ୍ତ ୧.୦୫ କୋଟି ଟଙ୍କା ଫ୍ରାଞ୍ଚାଇଜି ପକ୍ଷରୁ ଦିଆଯିବ।ବିସିସିଆଇ ସଚିବ ଜୟ ଶାହ ଏକ୍ସରେ ଲେଖିଛନ୍ତି, 'ଆଇପିଏଲରେ ନିରନ୍ତରତା ଏବଂ ଉନ୍ନତ ପ୍ରଦର୍ଶନର ଉତ୍ସବ ପାଇଁ ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରି ଆମେ ଆମ କ୍ରିକେଟରଙ୍କୁ ପ୍ରତି ମ୍ୟାଚ୍ ପାଇଁ ୭.୫ ଲକ୍ଷ ଟଙ୍କା ମ୍ୟାଚ୍ ଫି ଦେବା ପାଇଁ ରୋମାଞ୍ଚିତ ଅଛୁ। ଗୋଟିଏ ସିଜିନରେ ସମସ୍ତ ଲିଗ୍ ମ୍ୟାଚ୍ ଖେଳିଥିବା କ୍ରିକେଟରଙ୍କୁ ନିଜ ଅନୁବନ୍ଧ ରାଶି ବ୍ୟତୀତ ଅତିରିକ୍ତ ୧.୦୫ କୋଟି ଟଙ୍କା ମିଳିବ। ପ୍ରତ୍ୟେକ ଫ୍ରାଞ୍ଚାଇଜି ସିଜିନ୍ ପାଇଁ ମ୍ୟାଚ୍ ଫି ବାବଦକୁ ୧୨.୬୦ କୋଟି ଟଙ୍କା ଆବଣ୍ଟିତ କରିବେ । ଏହା ଆଇପିଏଲ୍ ଏବଂ ଆମ ଖେଳାଳିଙ୍କ ପାଇଁ ଏକ ନୂଆ ଯୁଗ ଅଟେ '।

# କମାଲ୍ କରୁଛନ୍ତି ଶ୍ରୀଲଙ୍କାର ଯୁବ ବ୍ୟାଟ୍ସମ୍ୟାନ

ନୂଆଦିଲ୍ଲୀ, ୨୮।୦୯: ଶ୍ରୀଲଙ୍କାର ଯୁବ ବ୍ୟାଟସମ୍ୟାନ୍ ଦମ୍‌ଦାର କରୁଛନ୍ତି ପ୍ରଦର୍ଶନ। ନିଜ ଟେଷ୍ଟ କ୍ୟାରିୟରରେ କରିଛନ୍ତି ରନ୍ ବର୍ଷା । ମାତ୍ର ୧୩ଟି ଇଂନିସରେ ପୂରଣ କରିଛନ୍ତି ୧ହଜାର ରନ ଆଉ ଡନ୍ ବ୍ରଡମ୍ୟାନ୍‌ଙ୍କ ହୋଇଛନ୍ତି ସମକକ୍ଷ ।

କାମିନ୍ଦୁ ମେଣ୍ଡିସ୍ ଶ୍ରୀଲଙ୍କାର ୨୫ ବର୍ଷୀୟ ଯୁବ ବ୍ୟାଟସମ୍ୟାନ୍ ଖେଳୁଛନ୍ତି ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଟେଷ୍ଟ ସିରିଜ। ଏଥିରେ ଜୋରଦାର ପ୍ରଦର୍ଶନକରିଛନ୍ତି । ତାଙ୍କର ଏହି ପ୍ରଦର୍ଶନ ଅନେକ ରେକର୍ଡ ଭାଙ୍ଗିଛି ।ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ କରିଛନ୍ତି କମାଲ୍। ସେ ନିଜ ଟେଷ୍ଟ କ୍ୟାରିୟରରେ ୧୩ଟି ଇଂନିସ ଖେଳି କରିଛନ୍ତି ୧ହଜାର ରନ୍ ।

ଏହି ସଫଳତା ସେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଦ୍ୱିତୀୟ ମ୍ୟାଚରେ ହାସଲ କରିଛନ୍ତି। ଶ୍ରୀଲଙ୍କା ପ୍ରଥମ ଇନିଂସରେ ୬୦୨ ରନ୍ ସ୍କୋର କରିଥିଲା।ଏହି ମ୍ୟାଚ୍‌ରେ ଅପରାଜିତ ୧୮୨ ରନ୍ ସ୍କୋର କରିଥିଲେ ମେଣ୍ଡିସ୍ । ଆଉ ରଚିଥିଲେ ଇତିହାସ। ଟେଷ୍ଟ କ୍ରିକେଟ୍ ଇତିହାସରେ ଦ୍ରୁତତମ ୧ହଜାର ରନ୍ ସ୍କୋର କରିବାରେ ମେଣ୍ଡିସ୍ ବର୍ତ୍ତମାନ



ସାର୍ ଡନ୍ ବ୍ରଡମ୍ୟାନ୍‌ଙ୍କ ସମକକ୍ଷ ହୋଇଛନ୍ତି। ମେଣ୍ଡିସ୍ ତାଙ୍କ କ୍ୟାରିୟରର ୧୩ତମ ଇନିଂସରେ ଏହି ସଫଳତା ହାସଲ କରିଛନ୍ତି ।

ସେହିପରି ଡନ୍ ବ୍ରଡମ୍ୟାନ୍ ମଧ୍ୟ ତାଙ୍କ ଟେଷ୍ଟ କ୍ୟାରିୟରରେ ୧ ହଜାର ରନ୍ ପୂରଣ କରିବାକୁ ୧୩ଟି ଇନିଂସ ନେଇଥିଲେ । ତେବେ ଦ୍ରୁତତମ ୧ହଜାର ରନ୍ ସ୍କୋର କରିବାର ରେକର୍ଡ ଇଂଲଣ୍ଡର ହର୍ବର୍ଟ ସଟକ୍ଲିଫ୍ ଏବଂ ୱେଷ୍ଟଇଣ୍ଡିଜ୍ ଇଭି ଉ୍ଇକ୍ସଙ୍କ ନାଁରେ ରହିଛି । ସେ ୧୨ଟି ଇନିଂସରେ ପୂରଣ କରିଛନ୍ତି ୧ହଜାର ରନ।

କାମିନ୍ଦୁ ମେଣ୍ଡିସ୍ ଜୁଲାଇ ୨୦୨୨ରେ ଅଷ୍ଟ୍ରେଲିଆ। ବିପକ୍ଷରେ ଟେଷ୍ଟ ଡେବ୍ୟୁ କରିଥିଲେ। ଯେଉଁଥିରେ ସେ ୬୧ ରନର ଅର୍ଦ୍ଧଶତକ ଖେଳିଥିଲେ। କିନ୍ତୁ ୨୦୨୪ରେ ଶ୍ରୀଲଙ୍କା ଟିମକୁ ଫେରିବା ପରେ ତାଙ୍କ ବ୍ୟାଟ୍ ଖୁବ ଗର୍ଜୁଛି। ମେଣ୍ଡିସ୍ ତାଙ୍କ କ୍ୟାରିୟରରେ ଏପର୍ଯ୍ୟନ୍ତ ୮ଟି ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି। ସେ ୧୩ଟି ପାଳି ଖେଳି ୪ଟି ଶତକ ଏବଂ ୪ଟି ଅର୍ଦ୍ଧଶତକ ଲଗାଇଛନ୍ତି। ମେଣ୍ଡିସଙ୍କ ଉତ୍କୃଷ୍ଟ ପ୍ରଦର୍ଶନ ଦର୍ଶାଉଛି ଯେ ସେ ପ୍ରତି ୩ଟି ଇନିଂସ ମଧ୍ୟରୁ ସେ ୨ଟି ପାଳିରେ କରୁଛନ୍ତି ୫୦ ରନରୁ ଅଧିକ ରନ୍ ସ୍କୋର।

ଟେଷ୍ଟ କ୍ରିକେଟରେ ୧ହଜାର ରନ୍ ସ୍କୋର କରିବାରେ କାମିନ୍ଦୁ ମେଣ୍ଡିସ୍ ବର୍ତ୍ତମାନ ଦ୍ରୁତତମ ବ୍ୟାଟ୍ସମ୍ୟାନ୍ ହୋଇଛନ୍ତି। ତାଙ୍କ ପୂର୍ବରୁ ଭାରତର ବିନୋଦ କାମ୍ବଲି ନିଜ ଟେଷ୍ଟ କ୍ୟାରିୟରେ ୧୪ଟି ଇନିଂସରେ ପୂରଣ କରିଥିଲେ ନିଜର ୧ ହଜାର ରନ୍ ସ୍କୋର। ବର୍ତ୍ତମାନ ପର୍ଯ୍ୟନ୍ତ ସେ ଏସୀୟ ବ୍ୟାଟ୍ସମ୍ୟାନ୍ ତାଲିକାରେ ଶୀର୍ଷରେ ରହିଛନ୍ତି।କିନ୍ତୁ ବର୍ତ୍ତମାନ ମେଣ୍ଡିସ୍ ୧ ହଜାର ଟେଷ୍ଟ ରନ୍ ସ୍କୋର କରିବାରେ ଦ୍ରୁତତମ ଏସୀୟ ବ୍ୟାଟ୍ସମ୍ୟାନ୍ ହେବାର ରେକର୍ଡ ସୃଷ୍ଟି କରିଛନ୍ତି।

# ନୂଆ ଅଧିନାୟକ ସନ୍ଧାନରେ ଗୁଜୁରାଟ ଟାଇଟନ୍ସ

ନୂଆଦିଲ୍ଲୀ, ୨୮।୯: ଇଣ୍ଡିଆନ୍ ପ୍ରିମିୟର ଲିଗ (ଆଇପିଏଲ୍)-୨୦୨୪ରେ ଗୁଜୁରାଟ ଟାଇଟନ୍ସ ନୂଆ ଅଧିନାୟକ ସହିତ ମଇଦାନକୁ ଓହ୍ଲାଇ ଥିଲା। ଦଳ ହାର୍ଦିକ ପାଣ୍ଡ୍ୟାଙ୍କ ପରିବର୍ତ୍ତେ ଷ୍ଟାର ବ୍ୟାଟ୍ସମ୍ୟାନ ଶୁଭମନ ଗିଲଙ୍କୁ ଅଧିନାୟକ ଦାୟିତ୍ୱ ଦେଇଥିଲା ମାତ୍ର ଦଳ ଗିଲଙ୍କ ନେତୃତ୍ୱରେ ମଇଦାନରେ ଆଶାତୀତ ଖେଳ ପ୍ରଦର୍ଶନ କରିପାରିନଥିଲା ଗୁଜୁରାଟ ଟାଇଟନ୍ସ ଗତ ଆଇପିଏଲ୍‌ରେ ୧୨ ପଏଣ୍ଟ ସହିତ ପଏଣ୍ଟ ଟେବଲରେ ଅଷ୍ଟମ ସ୍ଥାନ ଅଧିକାର କରି ନିଜର ଯାତ୍ରା ଶେଷ କରିଥିଲା ସମୁଦାୟ ୧୪ଟି ମ୍ୟାଚରୁ ଦଳ ୫ଟିରେ ବିଜୟ ହାସଲ କରିଥିବା ବେଳେ ଅନ୍ୟ ୭ଟି ମୁକାବିଲାରେ ପରାଜୟର ସାମ୍ନା କରିଥିଲା ତନ୍ମଧ୍ୟରୁ ୨ଟି ମ୍ୟାଚର ଫଳାଫଳ ଅଘୋଷିତ ଥିଲା। ତାଙ୍କ ଅଧିନାୟକତ୍ୱରେ ଦଳ ନକଆଉଟ ପର୍ଯ୍ୟାୟ ମଧ୍ୟ ଉତୀର୍ଣ୍ଣ କରିପାରିନଥିଲା।

ଆଇପିଏଲ୍ ଆଗାମୀ ସଂସ୍କରଣରେ ଗୁଜୁରାଟ ଟାଇଟନ୍ସ ପୁଣି ଜଣେ ନୂଆ। ଖେଳାଳିଙ୍କୁ ଅଧିନାୟକ ପଦ ଦେଇପାରେ ଯଦି ମିଡିଆ ରିପୋର୍ଟ ସତ ହୁଏ, ତେବେ ଏହି ସମ୍ଭାବିତ ଦୌଡ଼ରେ ଏହି ସବୁ ପ୍ରମୁଖ ଖେଳାଳିଙ୍କୁ ସୁଯୋଗ ମିଳିପାରେ। ଯଦି ଚଳିତ ବର୍ଷ ଆଇ.ପି.ଏଲ ସଂସ୍କରଣରେ ଗୁଜୁରାଟ ଟାଇଟନ୍ସ ନୂତନ ଅଧିନାୟକ ସହିତ ମୈଦାନରେ ଓହ୍ଲାଏ ତେବେ ପ୍ରଥମ ପସନ୍ଦ ରହିବେ ରୋହିତ ଶର୍ମା। ମିଡ଼ିଆ। ରିପୋର୍ଟ ଅନୁଯାୟୀ ରୋହିତ ଶର୍ମା ମେଗା ଅକ୍ସନ ପୂର୍ବରୁ ମୁମ୍ବାଇ ଇଣ୍ଡିଅନ୍ସ ଦଳର ଅଧିନାୟକ ପଦରୁ ବିରତି ନେବା ଆଶଙ୍କା କରାଯାଉଛି।ଯଦି ଏହା ହୁଏ ତେବେ ଗୁଜୁରାଟ ଟାଇଟନ୍ସ ରୋହିତ ଶର୍ମାଙ୍କ ଉପରେ ବିଡିଂ କରିପାରେ।ଲକ୍ଷ୍ନୌ ସୁପର ଜିଆଣ୍ଟସର ଅଲରାଉଣ୍ଡର ତଥା ୱେଷ୍ଟଇଣ୍ଡିଜର ଖେଳାଳି ନିକୋଲାସ ପୁରନ ମଧ୍ୟ ଶୁଭମନ ଗିଲଙ୍କ ବଦଳରେ ଏକ ଅନ୍ୟତମ ବିକଳ୍ପ ଅଟନ୍ତି। ଅବଶ୍ୟ ପୁରନଙ୍କ ପାଖରେ ଅଧିନାୟକତ୍ୱର ସେପରି ଅନୁଭବ ନାହିଁ। ମାତ୍ର ଦଳ ବିଜୟ ପାଇଁ ତାଙ୍କ ଉପରେ ଭରସା କରିପାରେ। ପୂର୍ବରୁ ଲକ୍ଷ୍ନୌ ପାଇଁ ସେ ଏକ ମ୍ୟାଚରେ ଅଧିନାୟକତ୍ୱ କରିଥିଲେଏବଂ ସେହି ମ୍ୟାଚରେ ଲକ୍ଷ୍ନୌ ବିଜୟ ହାସଲ କରିଥିଲା।ଯଦି ଫ୍ରାଞ୍ଚାଇଜି ଶୁଭମନ ଗିଲଙ୍କ ବିକଳ୍ପ ଖୋଜେ ତେବେ ଅଷ୍ଟ୍ରେଲିଆର ବିସ୍ଫୋରକ ବ୍ୟାଟର ଡେଭିଡ ଓ୍ୱାର୍ଣ୍ଣର ପ୍ରମୁଖ ବିକଳ୍ପ ହୋଇପାରିବେ। ଓ୍ୱାର୍ଣ୍ଣରଙ୍କ ଆଇ.ପି.ଏଲରେ ଖୁବ ଭଲ ଅଭିଜ୍ଞତା ରହିଛି ତାଙ୍କ ଅଧିନାୟକତ୍ୱରେ ସନରାଇଜର୍ସ ହାଇଦ୍ରାବାଦକୁ ଆଇ.ପି.ଏଲ ଚମ୍ପିଅନ ହୋଇଥିଲା। ତେବେ ଫ୍ରାଞ୍ଚାଇଜି ଏହି ଅଷ୍ଟ୍ରେଲୀୟ ଖେଳାଳିଙ୍କୁ ଟାରରେ ନେଇପାରେ।

# ଦୁର୍ଘଟଣାର ଶିକାର ହେଲେ ମୁଶିର ଖାଁ





ନୂଆଦିଲ୍ଲୀ, ୨୮।୯: ଭାରତୀୟ ଟିମର ଯୁବ ବ୍ୟାଟ୍ସମ୍ୟାନ୍ ଶରଫରାଜ ଖାନ୍ ଶୁକ୍ରବାର ତାଙ୍କ ସାନ ଭାଇ ମୁଶୀର ଖାନ୍ ସଡ଼କ ଦୁର୍ଘଟଣାର ଶିକାର ହୋଇଛନ୍ତି। ଦୁର୍ଘଟଣା ଯୋଗୁଁ ମୁଶୀର ଗୁରତର ଆହତ ହୋଇଥିଲେ। ବେକରେ ଅଧିକ ଆଘାତ ଲାଗିଛି। ବର୍ତ୍ତମାନ ସେ ଲକ୍ଷ୍ନୌର ଏକ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି ପରିବାର ଏବଂ ଫ୍ୟାନ୍ସ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ସୂଚନାରୁ ପ୍ରକାଶ ଶୁକ୍ରବାର ମୁଶୀର ତାଙ୍କ ପିତାଙ୍କ ସହ ଆଜମଗଡ଼ରୁ ଲକ୍ଷ୍ନୌ ଅଭିମୁଖେ ଯାଉଥିଲେ। ସେହି ସମୟରେ ସେ ଏକ ସଡ଼କ ଦୁର୍ଘଟଣାର ଶିକାର ହୋଇଥିଲେ। ଏଥିରେ ମୁଶର ଗୁରୁତର ଆହତ ହୋଇଥିଲେ ।ତାଙ୍କ ବେକରେ ଫ୍ରାକ୍‌ଚର ଆସିଥିବା ମେଡିକାଲ ରିପୋର୍ଟରୁ ପ୍ରକାଶ । ଡାକ୍ତରଙ୍କ ଅନୁଯାୟୀ ବର୍ତ୍ତମାନ ସେ କିଛି ସପ୍ତାହ ପାଇଁ ବେଡ୍ ରେଷ୍ଟରେ ରହିବେ। ଅକ୍ଟୋବର ୧ରୁ ୫ ତାରିଖ ମଧ୍ୟରେ ଲକ୍ଷ୍ନୌର ଇକାନା ଷ୍ଟାଡିୟମରେ ମୁମ୍ବାଇ ଏବଂ ରେଷ୍ଟ ଅଫ୍ ଇଣ୍ଡିଆ। ମଧ୍ୟରେ (ଇରାନୀ କପ୍) ମୁକାବିଲା ହେବାର ଥିଲା। ମୁଶୀର ମୁମ୍ବାଇ ଟିମ ପାଇଁ ଖେଳନ୍ତି ଏହା ବ୍ୟତୀତ ଅକ୍ଟୋବର ୧୧ରେ ହେବାକୁ ଥିବା ରଣଜୀ ଟ୍ରଫିର ପ୍ରାରମ୍ଭିକ ମ୍ୟାଚରୁ ମଧ୍ୟ ବାଦ୍ ପଡ଼ିପାରନ୍ତି ।

# ଟି୨୦ ସିରିଜ୍ ପାଇଁ ଭାରତୀୟ ଦଳ ଘୋଷଣା

ନୂଆଦିଲ୍ଲୀ: ବେଙ୍ଗାଲୁରୁ: ଆସନ୍ତା ସେପ୍ଟେମ୍ବର ୬ ତାରିଖରୁ ଘରୋଇ ମାଟିରେ ବାଂଲାଦେଶ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ଶୃଙ୍ଖଳା ପାଇଁ ବିସିସିଆଇ ଭାରତୀୟ ଦଳ ଘୋଷଣା କରିଛି। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଦଳରେ ଦ୍ରୁତ ବୋଲର ମୟଙ୍କ ଯାଦବଙ୍କୁ ସୁଯୋଗ ମିଳିଛି ତାଙ୍କ ସହ ହାଇଦ୍ରାବାଦୀ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କୁ ମଧ୍ୟ ସୁଯୋଗ ମିଳିଛି ଇଶାନ କିଶନ ଦଳକୁ ଫେରି ନାହାନ୍ତି ସଞ୍ଜୁ ସାମସନଙ୍କ ସହ ଉ୍ଇକେଟରକ୍ଷକ ଭାବେ ଜିତେଶ ଶର୍ମାଙ୍କୁ ସୁଯୋଗ ମିଳିଛି। ଋତୁରାଜ ଗାଇକାଡଙ୍କୁ ପୁଣି ଥରେ ଦଳରେ ସ୍ଥାନ ମିଳିନାହିଁ।ଟେଷ୍ଟ ସିରିଜରେ ଭାଗ ନେଉଥିବା ଦ୍ରୁତ ବୋଲର ଯଶପ୍ରୀତ ବୁମ୍ରାଙ୍କୁ ବିଶ୍ରାମ ଦିଆଯାଇଛି। ତାଙ୍କ ଅନୁପସ୍ଥିତିରେ ମୟଙ୍କ



ଯାଦବ, ନୀତୀଶ କୁମାର ରେଡ୍ଡୀ, ହାର୍ଦ୍ଦିକ ପାଣ୍ଡ୍ୟା, ଅର୍ଶଦୀପ ସିଂହ, ହର୍ଷିତ ରାଣା ଭାରତୀୟ ଦଳରେ ଦ୍ରୁତ ବୋଲିଂ ଦାୟିତ୍ୱ ତୁଲାଇବେ। ଭାରତ-ବାଂଲାଦେଶ ମଧ୍ୟରେ ଜାରି ରହିଛି ଟେଷ୍ଟ ସିରିଜ। ଟେଷ୍ଟ ସିରିଜ ପରେ ଭାରତ-ବାଂଲାଦେଶ ମଧ୍ୟରେ ଟି-୨୦ ସିରିଜ ଖେଳାଯିବ। ଏହି ସିରିଜରୁ ଷ୍ଟାର ଉ୍ଇକେଟ କିପର ଋଷଭ ପନ୍ତ ଏବଂ ୟର୍କର କିଙ୍ଗ ଜଶପ୍ରୀତ ବୁମ୍ରାହଙ୍କୁ ଦଳରୁ ବାଦ୍ ଦିଆଯାଇଛି। ଋଷଭ ଏବଂ ବୁମ୍ରାହଙ୍କ ସ୍ଥାନରେ କିଛି ଅନ୍ୟ ଖେଳାଳି ଦଳରେ ସାମିଲ ହୋଇପାରନ୍ତି। ଖୁବଶୀଘ୍ର ଏହି ସିରିଜ ପାଇଁ ଦଳ ଘୋଷଣା କରିବ ଟିମ ଇଣ୍ଡିଆ। ।ଅକ୍ଟୋବର ୧୬ ତାରିଖର ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯିବ ଗୁରୁତ୍ୱପୂର୍ଣ୍ଣ ଟେଷ୍ଟ ସିରିଜ। ଏହି ସିରିଜକୁ ଦୃଷ୍ଟିରେ ରଖି ଟିମ ଇଣ୍ଡିଆ। ନିଜ ପ୍ରମୁଖ ଖେଳାଳିଙ୍କୁ ବିଶ୍ରାମ ଦେଇପାରେ। ତେଣୁ ବାଂଲାଦେଶ ବିପକ୍ଷ ଟି-୨୦ ସିରିଜରେ ଉଭୟ ଖେଳାଳିଙ୍କ ଚୟନ ହୋଇନାହାଁନ୍ତି। ବାଂଲାଦେଶ ବିପକ୍ଷ ଟି-୨୦ ସିରିଜରେ ସଞ୍ଜୁ ସାମସନଙ୍କୁ ଚୟନ କରଛନ୍ତି ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର। ଘରୋଇ କ୍ରିକେଟରେ ଦମଦାର ପ୍ରଦର୍ଶନ କରିଥିଲେ ହେଁ ଇଶାନ୍ କିଶାନ୍ ଚୟନକର୍ତ୍ତାଙ୍କ ନଜରକୁ ଆସିନାହାଁନ୍ତି। ତେଣୁ ତାଙ୍କୁ ମଧ୍ୟ ଦଳରେ ସୁଯୋଗ ମିଳିବାର ସମ୍ଭାବନା ସୃଷ୍ଟି ହୋଇନାହିଁ। ଚୟନକର୍ତ୍ତା ତାଙ୍କ ସ୍ଥାନରେ ହର୍ଷିତ ରାଣା ଏବଂ ଆଭେଶ ଖାନଙ୍କୁ ଦଳରେ ସୁଯୋଗ ମିଳିପାରେ। ଅନ୍ୟ ପକ୍ଷରେ ଶୁଭମନ ଗିଲ୍ ଏବଂ ଯଶସ୍ୱୀ ଜଏସ୍ୱାଲଙ୍କୁ ବିଶ୍ରାମ ଦେଇଛି ବିସିସିଆଇ । ଭାରତୀୟ ଦଳ : ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଅଭିଷେକ ଶର୍ମା, ସଞ୍ଜୁ ସାମସନ୍ (ଉ୍ଇକେଟ୍ ରକ୍ଷକ), ରିଙ୍କୁ ସିଂହ, ହାର୍ଦ୍ଦିକ ପାଣ୍ଡ୍ୟା, ରିଆନ ପରାଗ, ନୀତୀଶ କୁମାର ରେଡ୍ଡୀ, ଶିବମ ଦୁବେ, ଓ୍ୱାଶିଂଟନ ସୁନ୍ଦର, ରବି ବିଷ୍ଣୋଇ, ବରୁଣ ଚକ୍ରବର୍ତ୍ତୀ, ଜିତେଶ ଶର୍ମା (ଉ୍ଇକେଟ୍ ରକ୍ଷକ), ଅର୍ଶଦୀପ ସିଂହ, ହର୍ଷିତ ରାଣା ଓ ମୟଙ୍କ ଯାଦବ।

# କଷଣଅଣ୍ଟା ହାଇସ୍କୁଲରେ ଜିଲ୍ଲା ସ୍ତରୀୟ କ୍ରୀଡା ପ୍ରତିଯୋଗିତା

ପଟ୍ଟାମୁଣ୍ଡାଇ, ୨୮।୯: ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ କଷଣଅଣ୍ଟା ହାଇସ୍କୁଲରେ ଜିଲ୍ଲା ସ୍ତରୀୟ କ୍ରୀଡା ଭଲି ବଲ, ଚେସ, ବ୍ୟାଡ଼ମିଣ୍ଟନ ଯୋଗ ଆଦି ଏକ ଦିବସୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି ଏହି ଉପଲକ୍ଷେ ସି ଆର ସି ସି ମଳୟ ଜେନାଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ ମୁଖ୍ୟଅତିଥି ,କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷା ଧିକାରୀ ପ୍ରଦୀପ ନାଗ, ମୁଖ୍ୟବକ୍ତା। ରାଜ୍ୟ ପୁରସ୍କୃତ ଶିକ୍ଷକ କସ୍ତୁରୀ ଚରଣ ସ୍ୱାଇଁ, ପଟ୍ଟାମୁଣ୍ଡାଇ ବ୍ଲକ ସହକାରୀ ଶିକ୍ଷାଧିକାରୀ ଚନ୍ଦ୍ର ଶେଖର ତ୍ରିପାଠୀ,ପ୍ରାକ୍ତନ ପ୍ରଧାନଶିକ୍ଷକ ସୁରେଶ ଜେନା, ପ୍ରାକ୍ତନ ପ୍ରଧାନ ଶିକ୍ଷକ କବି ସଚିତ୍ର ବେହୁରା, କଷଣ ଅଣ୍ଟା ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାରପ୍ରାପ୍ତ ଶ୍ରୀମନ୍ତ କୁମାର ବେହେରା, କାଉନ ସିଲର ପ୍ରଶାନ୍ତ ବାରିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଓ ଉତ୍ତମ ଶାରୀରିକ ଗଠନ ପାଇଁ ଶିକ୍ଷା ସହ କ୍ରୀଡା ଓ ଯୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତ ଦେଇ ଛାତ୍ରଛାତ୍ରୀମାନେ ଉଭୟ କ୍ଷେତ୍ରରେ ଅଗ୍ରସର ହୋଇ ଜୀବନରେ ସଫଳତା ହାସଲ କରିବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲା ଶାରୀରିକ ଶିକ୍ଷା ପରିଦର୍ଶକ ସ୍ମିତାରାଣୀ ସାହୁସ୍ୱାଗତଭାଷଣ ଓ ସି ଆର ସି ସି ସଂଘମିତ୍ରା ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ ।ଶେଷରେ ପଟ୍ଟାମୁଣ୍ଡାଇ ବ୍ଲକ ନୋଡାଲ ସମ୍ପାଦକ ବିଶ୍ୱରଞ୍ଜନ ସେଠୀ ଧନ୍ୟବାଦ ଦେଇଥିଲେ ଏହି ଉତ୍ସବରେ ଏ ବି ଇ ଓ ସୁନୀତି ଦାସ ଓ ପ୍ରେମବାଳା ମହାପାତ୍ର, ସି ଆର ସି ସି ନମିତା ସାହୁ, ସଞ୍ଜୟ ସାହୁ ଓ ପ୍ରଦୀପ ତରାଇ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଜିଲ୍ଲା ସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଜିଲ୍ଲାର ୯ଟି ବ୍ଲକର ବିଭିନ୍ନ ହାଇସ୍କୁଲର ମନୋନୀତ ୨୬୪ ଛାତ୍ରଛାତ୍ରୀ ଭାଗ ନେଇଥିଲେ ।


Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ